# ଅନୁସ୍ୱାର

The Anuswaar
Monthly e-Magazine
Vol - 1/Issue-VI
February -2026

ମାସିକ ଇ-ପତ୍ରିକା

ଫେବୃୟାରୀ-୨୦୨୬



ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar

Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com

# ଅନୁସ୍ୱାର

## ମାସିକ ଇ-ପତ୍ରିକା

ପ୍ରଥମ ବର୍ଷ, ଷଷ୍ଠ ସଂଖ୍ୟା, ଫେବୃୟାରୀ୨୦୨୬

ସମ୍ପାଦନା: ସରୋଜ କୁମାର ଶତପଥୀ

ପ୍ରକାଶକ: ନ୍ୟୁଟ୍ରା କ୍ରିଏସନ୍ସ
ପ୍ଲଟ୍ ନଂ-୫, ଜୟଦେବ ନଗର,
ଭୁବନେଶ୍ୱର-୭୫୧୦୦୨

ଯୋଗାଯୋଗ:
ମୋ: +୯୧ ୯୯୩୭୧୨୮୫୪୭

Vol. - I, Issue-VI,February-2026
Editing :Saroj Kumar Satpathy
Publisher: Newtra Creations,Plot no-5, Jayadev Nagar,Bhubaneswar - 751002
Mob :+91 9937128547/e-mail : editor.anuswaar@gmail.com/
website : www.anuswaar.com/ www.newtracreations.com

# ଆମ ପୃଷ୍ଠପୋଷକ


ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡଙ୍ଗୀ


ଛନ୍ଦା ମିଶ୍ର


ବସନ୍ତ କୁମାର ଦାସ


ପ୍ରଫେସର ଅଭୟ ବେହେରା


ପ୍ରତିମା ମିଶ୍ର


ମନୋରମା ପଣ୍ଡା


ବିନୋଦିନୀ ଗଉଡ଼


ଅପରାଜିତା


ଗୀତା ପଟ୍ଟନାୟକ


ପ୍ରତିତୀ ମହାନ୍ତି


ମୌସୁମୀ ମିଶ୍ର


ଶରତ କୁମାରୀ ମିଶ୍ର


ଅନୁସୟା ବାରିକ


କମଳିନୀ ଦେବୀ


ରାଧାରାଣୀ ପଟ୍ଟନାୟକ


ପ୍ରଫେସର ବୀଣାପାଣି ତ୍ରିପାଠୀ


ଶୋଭାମୟୀ ପଣ୍ଡା


ମଧୁସ୍ମିତା ମହାପାତ୍ର


ଅନୀତା ମିଶ୍ର


ଶୁଭଶ୍ରୀ ସିଂ


ନିହାରୀକା ରାୟ ବରାଳ


ସରୋଜଲକ୍ଷ୍ମୀ ମହାନ୍ତି


ଶ୍ରୀମତୀ ହରପ୍ରିୟା ପଣ୍ଡା


ସୁବ୍ରତା ମିଶ୍ର


ଭୁବନେଶ୍ୱର ବିଶି


ଅଜୟ କୁମାର ସେଠୀ


ସଚ୍ଚିଦାନନ୍ଦ ବସ୍ତିଆ





ଶମ୍ଭୁନାଥ ରାଉଳ



ବୀରେଶ୍ୱର ମହାନ୍ତି



ଅସୀମା ରାୟ ଖୁଣ୍ଟିଆ



ରୀତା ମିଶ୍ର



ଆଶାଲତା ପାଣ୍ଡବ



ଦମୟନ୍ତୀ ଷଡ଼ଙ୍ଗୀ



ବୀଣାପାଣି ସାହୁ



ମନୋରମା ମିଶ୍ର



# ନିବେଦନ

ପ୍ରିୟ ସୃଜନଶୀଳ ସ୍ରଷ୍ଟାଙ୍କୁ ବିନମ୍ର ପ୍ରଣାମ।

ଜାଣି ଖୁସି ହେବେ ଆମ ପ୍ରିୟ ମାସିକ ଡିଜିଟାଲ ସାହିତ୍ୟ ପତ୍ରିକା 'ଅନୁସ୍ୱାର'ର ଶୁଭ ଲୋକାର୍ପଣ ଗତ ୨୨.୦୫.୨୦୨୫ ତାରିଖରେ ବରେଣ୍ୟ ଅତିଥିମାନଙ୍କ କରକମଳରେ ପ୍ରିୟ ପାଠକ/ପାଠିକା ତଥା ଆପଣମାନଙ୍କ(ଲେଖକ/ଲେଖିକା) ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି ଏବଂ ଗତ ୧୯.୦୮.୨୦୨୫ ତାରିଖରେ ପତ୍ରିକାର ୱେବ୍ ସାଇଟ୍ www.anuswaar.com ମଧ୍ୟ ଲୋକାର୍ପିତ ହୋଇଛି। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା ଆମେ ଏଭଳି ଏକ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା, ଯେଉଁଥିରେ ଓଡ଼ିଆ ସାହିତ୍ୟକୁ ଭଲପାଉଥିବା ସମସ୍ତ ସୃଜନଶୀଳ ସ୍ରଷ୍ଟା ଓ ପାଠକଙ୍କର ସମନ୍ୱୟରେ ଓଡ଼ିଆ ସାହିତ୍ୟର ବିଶ୍ୱ ସ୍ତରରେ ପ୍ରଚାର ଓ ପ୍ରସାର ସହଜ ହୋଇପାରିବ। ଏହି ପରିପ୍ରେକ୍ଷୀରେ 'ଅନୁସ୍ୱାର', ଆପଣମାନଙ୍କ ବଳିଷ୍ଠ ଲେଖନୀ ଚାଳନା, ଦେଇଥିବା ଅନୁଦାନ ରାଶି ଓ ପ୍ରକାଶକ ସଂସ୍ଥା 'ନ୍ୟୁଟ୍ରା କ୍ରିଏସନ୍'ର ସହଭାଗିତା ତଥା ନିରନ୍ତର ପ୍ରୟାସ ଯୋଗୁଁ ସଇଁତିରିଶି ହଜାର ଚାରିଶହରୁ ଊର୍ଦ୍ଧ୍ୱ ନିୟମିତ ପାଠକ ହାସଲ କରିପାରିଛି। ବର୍ତ୍ତମାନ ସୁଦ୍ଧା ଏକୋଇଶି ଲକ୍ଷରୁ ଊର୍ଦ୍ଧ୍ୱ ଆମ ପୋର୍ଟାଲର views ରହିଛି । ଦିନକୁ ଦିନ 'ଇ-ମ୍ୟାଗାଜିନ୍'ର ଚାହିଦା ବିଶ୍ୱସ୍ତରରେ ବଢ଼ିବାରେ ଲାଗିଛି। ନିଜର user friendly interface ଯୋଗୁ ଏହା ସମଗ୍ର ବିଶ୍ୱରେ ଥିବା ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ବେଶ୍ ଉପଯୋଗୀ ହୋଇପାରୁଛି। ଆମ ପତ୍ରିକା ପାଇଁ କରାଯାଇଥିବା ପୋର୍ଟାଲ ଡିଜାଇନ ଭାରତବର୍ଷରେ ପ୍ରଥମ ଓ କେବଳ ଆମ ପାଖରେ ହିଁ ଅଛି। ଆଜି ଯାଏ ଅନ୍ୟ କୌଣସି ସାହିତ୍ୟ ସଂସଦ କିମ୍ବା ପ୍ରକାଶନୀ ସଂସ୍ଥା ଏଭଳି ବ୍ୟୟ ବହୁଳ ପୋର୍ଟାଲ ତିଆରି କରିନାହାନ୍ତି। କହିବା ବାହୁଲ୍ୟ ଯେ, ଆଜିର ଏଇ ଡିଜିଟାଲ୍ ଯୁଗରେ 'ଇ-ମ୍ୟାଗାଜିନ୍' ପ୍ରତ୍ୟେକଟି ସାହିତ୍ୟପ୍ରେମୀଙ୍କ ପାଖରେ ପହଞ୍ଚିବା ସହିତ ନୂତନ ଯୁବ ପିଢ଼ିର ଲେଖକ/ଲେଖିକାମାନଙ୍କୁ ଓଡ଼ିଆ ସାହିତ୍ୟ ପ୍ରତି ଆକୃଷ୍ଟ କରିବା ତଥା ବିଶ୍ୱ ଦରବାରରେ ସେମାନଙ୍କ ଲେଖାଗୁଡ଼ିକୁ ପହଞ୍ଚାଇବାର ଦାୟିତ୍ୱ ବହନ କରି ନିଜର ନିରନ୍ତର ପ୍ରୟାସ ଜାରି ରଖିଛି।

ଆସନ୍ତୁ, ଆମେ ସମସ୍ତେ 'ଇ-ମ୍ୟାଗାଜିନ୍'ର ଏହି ଯାତ୍ରାରେ ସାମିଲ୍ ହୋଇ 'ଅନୁସ୍ୱାର' ମାସିକ ଇ-ମ୍ୟାଗାଜିନ ବା ଡିଜିଟାଲ ମ୍ୟାଗାଜିନ ମାଧ୍ୟମରେ ଓଡ଼ିଆ ଭାଷା-ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ଯଥା ସମ୍ଭବ ପ୍ରୟାସ କରିବା।

ବିନୀତ,
ସମ୍ପାଦକ 'ଅନୁସ୍ୱାର'



## ସମ୍ପାଦକୀୟ...

# ମହାଶିବରାତ୍ରି ଓ ଓଡ଼ିଆ ସାହିତ୍ୟ: ଭକ୍ତି ଓ ସୃଜନର ଅବିଚ୍ଛିନ୍ନ ସମ୍ପର୍କ



ଓଡ଼ିଶାର ସାଂସ୍କୃତିକ ଜୀବନରେ ମହାଶିବରାତ୍ରି ଏକ ଅତ୍ୟନ୍ତ ପବିତ୍ର ଓ ଆଧ୍ୟାତ୍ମିକ ପର୍ବ। ଫାଲ୍ଗୁନ ମାସର କୃଷ୍ଣ ଚତୁର୍ଦ୍ଦଶୀର ଏହି ଗଭୀର ରାତ୍ରିରେ ଭକ୍ତମାନେ ଉପବାସ, ଜାଗରଣ ଓ ଶିବାରାଧନାରେ ଲିନ ହୁଅନ୍ତି। ମନ୍ଦିରମାନେ ଘଣ୍ଟନାଦ, ଧୂପର ସୁଗନ୍ଧ ଓ ଭଜନର ସ୍ୱରରେ ପରିବେଶ ଭକ୍ତିମୟ ହୋଇଯାଏ। କିନ୍ତୁ ମହାଶିବରାତ୍ରି କେବଳ ଧାର୍ମିକ ଆଚାର-ବିଚାରରେ ସୀମିତ ନୁହେଁ; ଏହା ଓଡ଼ିଆ ସଂସ୍କୃତି, ଲୋକପରମ୍ପରା ଓ ସାହିତ୍ୟ ସୃଷ୍ଟିରେ ଗଭୀର ପ୍ରେରଣା ଦେଇଆସିଛି।

ଶିବ ହେଉଛନ୍ତି ତ୍ୟାଗ, ସମତା ଓ ଆଧ୍ୟାତ୍ମିକତାର ପ୍ରତୀକ। ତାଙ୍କର ସରଳ ଜୀବନ, କରୁଣାମୟ ସ୍ୱଭାବ ଓ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବାର ଭାବନା ମନୁଷ୍ୟକୁ ଏକ ଉଚ୍ଚ ଜୀବନଦର୍ଶନର ମାର୍ଗ ଦର୍ଶାଇଥାଏ । ଏହି ଦାର୍ଶନିକ ଚିନ୍ତା ଓଡ଼ିଆ ସାହିତ୍ୟରେ ମଧ୍ୟ ପ୍ରଭାବ ପକାଇଛି। ଅନେକ କବି ଓ ଲେଖକ ନିଜ ରଚନାରେ ଶିବଙ୍କ ଭକ୍ତି, ତ୍ୟାଗ ଓ ମାନବତାବାଦୀ ଭାବନାକୁ ଚିତ୍ରିତ କରିଛନ୍ତି।

ଓଡ଼ିଆ ସାହିତ୍ୟର ପ୍ରାଚୀନ ଧାରାରେ ଶିବଙ୍କ ପ୍ରଭାବ ଦେଖିବାକୁ ମିଳେ। ମଧ୍ୟଯୁଗୀୟ ମହାକବି ସାରଳା ଦାସ ନିଜ ରଚନାରେ ଶିବଙ୍କ ମହିମାକୁ ସ୍ମରଣ କରିଛନ୍ତି। ତାଙ୍କ କାବ୍ୟରେ ଶିବ ଏକ ମହାଶକ୍ତି ଓ ଜଗତ୍‌ର ରକ୍ଷକ ଭାବରେ ପ୍ରତିଭାସିତ। ସେହିପରି ଭକ୍ତି ସାହିତ୍ୟର ପ୍ରମୁଖ ସାଧକ ଜଗନ୍ନାଥ ଦାସ ନିଜ ଓଡ଼ିଆ ଭାଗବତରେ ଭକ୍ତିର ମହତ୍ତ୍ୱକୁ ବ୍ୟାଖ୍ୟା କରିବା ସମୟରେ ଶିବଙ୍କ ପ୍ରତି ଗଭୀର ଶ୍ରଦ୍ଧା ପ୍ରକାଶ କରିଛନ୍ତି।

ଓଡ଼ିଆ ଭକ୍ତି ସାହିତ୍ୟର ପଞ୍ଚସଖା ଯୁଗରେ ମଧ୍ୟ ଶିବତତ୍ତ୍ୱର ଉଲ୍ଲେଖ ମିଳେ। ବଳରାମ ଦାସ ଓ ଅଚ୍ୟୁତାନନ୍ଦ ଦାସ ପରି ସାଧକ କବିମାନେ ନିଜ ରଚନାରେ ଶିବଙ୍କ ଆଧ୍ୟାତ୍ମିକ ମହତ୍ତ୍ୱକୁ ଉପସ୍ଥାପନ କରିଛନ୍ତି। ସେମାନଙ୍କ ରଚନାରେ ଶିବ କେବଳ ଏକ ଦେବତା ନୁହେଁ, ବରଂ ଜ୍ଞାନ ଓ ଆତ୍ମଚେତନାର ପ୍ରତୀକ।

ଓଡ଼ିଶାର ମନ୍ଦିର ସଂସ୍କୃତି ମଧ୍ୟ ଶିବଭକ୍ତିର ସାହିତ୍ୟିକ ପ୍ରେରଣାର ଏକ ମୁଖ୍ୟ ଉତ୍ସ। ଲିଙ୍ଗରାଜ ମନ୍ଦିର ପରି ପ୍ରାଚୀନ ଶିବକ୍ଷେତ୍ର ଶତାବ୍ଦୀ ଧରି ଭକ୍ତି ଓ ସଂସ୍କୃତିର ଏକ ପବିତ୍ର କେନ୍ଦ୍ର। ମହାଶିବରାତ୍ରି ଦିନେ ଏଠାରେ ହେଉଥିବା ଜାଗର ଓ ଆରାଧନା ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଆନନ୍ଦ ଦେଇଥାଏ ଓ ସାହିତ୍ୟିକମାନଙ୍କୁ ନୂତନ ସୃଜନରେ ପ୍ରେରିତ କରେ।

ଲୋକସାହିତ୍ୟରେ ମହାଶିବରାତ୍ରିର ଚିତ୍ର ଅତ୍ୟନ୍ତ ସ୍ପନ୍ଦନଶୀଳ। ଗ୍ରାମାଞ୍ଚଳରେ ଶିବରାତ୍ରି ରାତ୍ରିରେ ହେଉଥିବା ଜାଗର, ଭଜନ ଓ କୀର୍ତ୍ତନ ଓଡ଼ିଆ ଲୋକପରମ୍ପରାର ଏକ ସୁନ୍ଦର ଅଂଶ। ଭକ୍ତମାନେ ଶିବଙ୍କୁ ସରଳ ଓ ଦୟାଳୁ ଦେବତା ଭାବରେ ପୂଜନ୍ତି- ସେ ଏକ ଏମିତି ଦେବତା ଯିଏ ସହଜରେ ଭକ୍ତଙ୍କ ଡାକ ଶୁଣନ୍ତି। ଏହି ଭାବନା ଲୋକଗୀତ ଓ କାହାଣୀରେ ଏକ ଗଭୀର ଭକ୍ତିର ରସ ସୃଷ୍ଟି କରିଥାଏ ।

ଆଧୁନିକ ଓଡ଼ିଆ ସାହିତ୍ୟରେ ମଧ୍ୟ ଶିବତତ୍ତ୍ୱ ନୂତନ ଭାବନାରେ ପ୍ରକାଶିତ। ଆଧୁନିକ କବିମାନେ ଶିବଙ୍କୁ କେବଳ ଧାର୍ମିକ ପ୍ରତୀକ ଭାବେ ନୁହେଁ, ବରଂ ଏକ ଦାର୍ଶନିକ ଓ ମାନବତାବାଦୀ ପ୍ରତୀକ ଭାବେ ଦେଖିଛନ୍ତି। ତାଙ୍କର ବିରକ୍ତି ଓ ସମତାର ଦର୍ଶନ ଆଜିର ଚଞ୍ଚଳ ସମାଜରେ ମନୁଷ୍ୟକୁ ଶାନ୍ତି ଓ ସନ୍ତୁଳନର ପଥ ଦେଖାଏ। ଏହି ଦୃଷ୍ଟିରୁ ଦେଖିଲେ ମହାଶିବରାତ୍ରି ଓ ଓଡ଼ିଆ ସାହିତ୍ୟର ସମ୍ପର୍କ ଅତ୍ୟନ୍ତ ଗଭୀର। ଧାର୍ମିକ ଆସ୍ଥା, ଲୋକସଂସ୍କୃତି ଓ ସୃଜନଶୀଳ ଚିନ୍ତା- ଏହି ତିନୋଟିର ସମନ୍ୱୟ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ମହାଶିବରାତ୍ରି କେବଳ ଏକ ପୂଜା ପର୍ବ ନୁହେଁ; ଏହା ଓଡ଼ିଆ ସାହିତ୍ୟର ଭକ୍ତିମୟ ଧାରାକୁ ପୋଷଣ କରୁଥିବା ଏକ ଅବିଚ୍ଛିନ୍ନ ପ୍ରେରଣା ମଧ୍ୟ ।

**ସରୋଜ କୁମାର ଶତପଥୀ**
**ସମ୍ପାଦକ**



# ମୁଖଶାଳା


| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୦୧. | ସମ୍ପାଦକୀୟ: ମହାଶିବରାତ୍ରି ଓ ଓଡ଼ିଆ ସାହିତ୍ୟ: ଭକ୍ତି ଓ ସୃଜନର ଅବିଚ୍ଛିନ୍ନ ସମ୍ପର୍କ | ସରୋଜ କୁମାର ଶତପଥୀ | ୦୧ |

## ଗଦ୍ୟ ବିଭାଗ

| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୦୨. | ଚକ୍ଷୁ ଚିକିତ୍ସା ଶିବିର: ପ୍ରଥମ ସେବିକା ଏଭିଲିନ୍ | ପ୍ରଫେସର ମଣୀନ୍ଦ୍ର କୁମାର ମେହେର | ୦୬ |
| ୦୩. | ବେଶରେ ବେଶରେ | ବିରଞ୍ଚି ମିଶ୍ର | ୦୯ |
| ୦୪. | ଯାହା ଦେଖିବା ତାହା ଶିଖିବା | ଛନ୍ଦା ମିଶ୍ର | ୧୦ |
| ୦୫. | କଥାରେ କଥାରେ-୧୭ | ମନୋରମା ମିଶ୍ର | ୧୩ |
| ୦୬. | ପ୍ରେମ ଏକ ମିଠା ବୁଝାମଣା | ବିନୋଦିନୀ ଗଉଡ଼ | ୧୪ |
| ୦୭. | ସୁଷମା ନାନୀ | ସୁନନ୍ଦା ମହାନ୍ତି | ୧୭ |
| ୦୮. | ଲିଭ-ଇନ୍-ରିଲଲେସନସିପ୍ | ଶ୍ରୀମତୀ ପ୍ରତିମା ମିଶ୍ର | ୨୦ |
| ୦୯. | ସୁନାମଣିର ସ୍ୱପ୍ନ | ଶ୍ରୀମତୀ ଗୋପା ଦାସ | ୨୧ |
| ୧୦. | ବହ୍ନିକନ୍ୟା ପାର୍ବତୀଗିରି | ଶ୍ରୀମତୀ ବାସନ୍ତି ବାରିକ | ୨୩ |
| ୧୧. | ଅଣୁ ସ୍ୱାଧୀନତା | ଶ୍ରୀମତୀ ଶୈଳାଧିରାଜତନୟା ଶତପଥୀ | ୨୫ |
| ୧୨. | ଚା’ | ଅଜୟ କୁମାର ମହାନ୍ତି | ୨୭ |
| ୧୩. | ସାଧୁ ଜେଜେ | ଲକି ବଳବନ୍ତରାୟ | ୨୯ |
| ୧୪. | ଶିବପଞ୍ଚାକ୍ଷର ମନ୍ତ୍ରର ମହତ୍ତ୍ୱ | ପ୍ରତିମା ପାତ୍ର | ୩୨ |
| ୧୫. | ଈର୍ଷା | ଶୁଭଶ୍ରୀ ସିଂ | ୩୫ |

## ପଦ୍ୟ ବିଭାଗ

| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୧୬. | ମହାଶିବରାତ୍ରୀ | ଦମୟନ୍ତୀ ଷଡ଼ଙ୍ଗୀ | ୩୭ |
| ୧୭. | ଝୁମ୍‌ରାକେ ନାଇଁ ଟାକେଁ (କୋଶଲୀ କବିତା) | ପ୍ରଫୁଲ୍ଲ କୁମାର ତ୍ରିପାଠୀ | ୩୮ |
| ୧୮. | ସେଣ୍ଟୋଷା | ଡକ୍ଟର ଅଶୋକ ମହାନ୍ତି | ୩୯ |
| ୧୯. | ଉପତ୍ୟକା ଆଉ ପର୍ବତ ମଝିରେ ଜୀବନ | ପ୍ରଫେସର ବୀଣାପାଣି ତ୍ରିପାଠୀ | ୪୦ |
| ୨୦. | ପ୍ରେମ | ଡକ୍ଟର ରଶ୍ମି ଦାଶ | ୪୧ |
| ୨୧. | ନିଦର୍ଶନ | ଗଜାନନ ମିଶ୍ର | ୪୨ |
| ୨୨. | ବୁଢ଼ାଲୋକ | ସରୋଜ ଶତପଥୀ | ୪୩ |
| ୨୩. | ସାଥି | ଯୋଗେଶ ଚନ୍ଦ୍ର ମିଶ୍ର | ୪୪ |
| ୨୪. | ରଙ୍ଗ ପୀରତି - ୧୭ | ବିଦ୍ୟାଧର ଗୁରୁ | ୪୫ |
| ୨୫. | ଭ୍ରମର | ବସନ୍ତ କୁମାର ଦାସ | ୪୬ |
| ୨୬. | ପ୍ରେମିକା | ସଚି ବେହେରା | ୪୭ |
| ୨୭. | ପ୍ରିୟତମ | ଅପରାଜିତା | ୪୮ |
| ୨୮. | ଶବ୍ଦବ୍ରହ୍ମ | ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ | ୪୯ |
| ୨୯. | ମୃଗତୃଷ୍ଣା | ଡକ୍ଟର ମନ୍ଦାକିନୀ ପାଢ଼ୀ | ୫୦ |

# ମୁଖଶାଳା


| କ.ନଂ. | ବିଷୟ | ଲେଖକ/ଲେଖିକା | ପୃଷ୍ଠା |
|---|---|---|---|
| ୩୦. | ରାସ୍ତା | କମଳିନୀ ଦେବୀ | ୫୧ |
| ୩୧. | କାକର | ସବିତା ଶତପଥୀ | ୫୨ |
| ୩୨. | ଭାବିଦେଲେ | ନିହାରିକା ରାୟବରାଳ | ୫୩ |
| ୩୩. | ଶୂନ୍ୟ ମନ୍ଦିର | ଶରତ କୁମାରୀ ମିଶ୍ର | ୫୪ |
| ୩୪. | ଭାବର ଠାକୁର ଜଗନ୍ନାଥ | ସରୋଜଲକ୍ଷ୍ମୀ ମହାନ୍ତି | ୫୫ |
| ୩୫. | ତୁମେ ଆଉ ମୁଁ | ମଧୁସ୍ମିତା ମହାପାତ୍ର | ୫୬ |
| ୩୬. | କାଛିଦିନ | ସୁବ୍ରତା ମିଶ୍ର | ୫୭ |
| ୩୭. | କବି ଓ କବିତା | ସ୍ୱାତି ମହାନ୍ତି | ୫୮ |
| ୩୮. | ଦୁଇ କୁଳକୁ ହିତା | ଡକ୍ଟର ପ୍ରବୀଣା ପରିଡ଼ା | ୫୯ |
| ୩୯. | ନାରୀର ଲୁହ ଓ କୋହ | ଶୋଭାମୟୀ ପଣ୍ଡା | ୬୦ |
| ୪୦. | ଗଛତଳ | ଜ୍ୟୋତିପ୍ରକାଶ ଗଡ଼ତ୍ୟା | ୬୧ |
| ୪୧. | ହେଲେ ପରିଚୟ | ନୀଳମଣି ଚାନ୍ଦ | ୬୨ |
| ୪୨. | ତମ ଡାକ ପାଇଁ ଅପେକ୍ଷା | ଡା. ନୀଳମାଧବ କର | ୬୩ |
| ୪୩. | ଓଡ଼ିଶା ମାଟିରେ ଜନମ ନେଇଛେ | ଅଜୟ କୁମାର ସେଠୀ | ୬୪ |
| ୪୪. | ପ୍ରେମିକା ସେ | ବୀରେଶ୍ୱର ମହାନ୍ତି | ୬୫ |
| ୪୫. | ସୁନା ହରିଣୀ | ଶମ୍ଭୁନାଥ ରାଉଳ | ୬୬ |
| ୪୬. | ପଲ୍ଲୀକବି ନନ୍ଦକିଶୋର | ମାନଗୋବିନ୍ଦ ବାରିକ | ୬୭ |
| ୪୭. | ବୁଢ଼ାରାଜା | ଭୁବନେଶ୍ୱର ବିଶି | ୬୮ |
| ୪୮. | ତଫାତ୍ | ଯଜ୍ଞଦତ୍ତ ସାମନ୍ତରାୟ | ୬୯ |
| ୪୯. | ସ୍ୱପ୍ନ | ସ୍ୱର୍ଣ୍ଣଲତା ମହାପାତ୍ର | ୭୦ |
| ୫୦. | ଆମ୍ବ ବଉଳ | ପ୍ରଫେସର ପ୍ରତିମା ଷଡ଼ଙ୍ଗୀ | ୭୧ |
| ୫୧. | ସଙ୍ଗୀତ ତମେ ବଞ୍ଚିବାର ରାହା | ହରପ୍ରିୟା ପଣ୍ଡା | ୭୨ |
| ୫୨. | ପ୍ରାପ୍ତି | ଅପରାଜିତା ତ୍ରିପାଠୀ | ୭୩ |
| ୫୩. | ଜାଗର ଦୀପ | ରାଧାରାଣୀ ପଟ୍ଟନାୟକ | ୭୪ |
| ୫୪. | ଏଣୁ ତେଣୁ | ଅସୀମା ରାୟ ଖୁଣ୍ଟିଆ | ୭୫ |
| ୫୫. | ଏକା ଏକା | ନୀନା ବଳିୟାରସିଂ | ୭୬ |
| ୫୬. | ବ୍ୟକ୍ତିତ୍ୱ | ଅନୀତା ମିଶ୍ର | ୭୭ |
| ୫୭. | ଊର୍ଦ୍ଧ୍ୱଗତି | ପୁଷ୍ପାଞ୍ଜଳି ପଣ୍ଡା | ୭୮ |
| ୫୮. | ଅଦୃଶ୍ୟ ହାତ | ମନୋରମା ପଣ୍ଡା | ୭୯ |
| ୫୯. | ଶକୁନି | ମାହେଶ୍ୱରୀ ଦାଶ | ୮୦ |
| ୬୦. | ପ୍ରଜାପତିର ଉଡ଼ାଣ | ଯଶୋବନ୍ତୀ ସା | ୮୧ |
| ୬୧. | ପ୍ରତିଶ୍ରୁତି | ପ୍ରିୟଦର୍ଶିନୀ ନାୟକ | ୮୨ |
| ୬୨. | ଭାରି ଭଲଲାଗେ | ମୌସୁମୀ ମିଶ୍ର | ୮୩ |
| ୬୩. | ଭଲଥିଲା ଅତୀତ | ହେମଲତା ଜେନା | ୮୪ |
| ୬୪. | ତୋ ପ୍ରେମରେ | ନିହାରିକା ପାତ୍ର | ୮୫ |
| ୬୫. | ଆହେ ଦୀନବନ୍ଧୁ | ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ | ୮୬ |
| ୬୬. | କଲମ ସହ ମିତ୍ରତା | ଜୟନ୍ତୀ ନାୟକ | ୮୭ |
| ୬୭. | ଛଡ଼ାଫୁଲ | ପ୍ରମୋଦ କୁମାର ରାଉଳ | ୮୮ |
| ୬୮. | ଯିବି ବୃନ୍ଦାବନ | ଅନୁପ କୁମାର ଗଡ଼ନାୟକ | ୮୯ |

# ଗଦ୍ୟ ବିଭାଗ



# ଚକ୍ଷୁ ଚିକିତ୍ସା ଶିବିର : ପ୍ରଥମ ସେବିକା ଏଭିଲିନ୍



**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**



ଠିକ ବର୍ଷଟି ମନେ ପଡୁନାହିଁ। ସମ୍ଭବତଃ ୧୯୯୫-୯୬। ବରପାଲି ମାରୱାଡି ଧର୍ମଶାଳାରେ ଆୟୋଜିତ ହୋଇଥିଲା ଦେୟମୁକ୍ତ ଚକ୍ଷୁ ଚିକିତ୍ସା ଶିବିର। ଆୟୋଜକମାନେ କଲେଜ ଛାତ୍ରଛାତ୍ରୀଙ୍କ ସହାୟତା ଲୋଡ଼ିଥିଲେ। ସେତେବେଳେ NSS ସକ୍ରିୟ ନଥିବାରୁ ବାସନ୍ତୀ ତରଫରୁ ହିଁ ପିଲାମାନେ ଏଭଳି ସେବାମୂଳକ କାର୍ଯ୍ୟରେ ଅଂଶ ଗ୍ରହଣ କରୁଥାନ୍ତି।

ଏ ସମ୍ପର୍କରେ କୌଣସି ଯୋଜନା କରିବା ପୂର୍ବରୁ +2 ସେକେଣ୍ଡ ଇଅର M. I. L କ୍ଲାସ ନେବାକୁ ଯାଇଥାଏ। ପ୍ରତି କ୍ଲାସ ଶେଷ ହେବା ୫ମିନିଟ ବା ୧୦ ମିନିଟ ପୂର୍ବରୁ କଲେଜ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେବା ଥିଲା ମୋ ଯୋଜନାର ଏକ ଅବିଚ୍ଛେଦ୍ୟ ଅଂଶ। ଏକଥା ମୁଁ କାହିଁକି ସମସ୍ତେ ଜାଣନ୍ତି ଯେ, ନୋଟିସ ବୋର୍ଡରେ କାର୍ଯ୍ୟକ୍ରମର ଯେଉଁ ବିବରଣୀ ପ୍ରଦର୍ଶିତ ହୁଏ, ତା ପ୍ରତି କେହି ପ୍ରାୟ ଗୁରୁତ୍ୱ ଦିଅନ୍ତି ନାହିଁ। କ୍ଲାସରେ ସେଇ ବିଷୟ ଉପସ୍ଥାପନ କରିବା ପରେ ଛାତ୍ରଛାତ୍ରୀମାନଙ୍କ ଆଗ୍ରହ ହୋଇଉଠେ ତେଜସ୍କ୍ରିୟ। ଏହାକୁ ଶିକ୍ଷାଦାନ ସହିତ ସଂଲଗ୍ନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ ବିଷୟ ଭାବରେ ଗ୍ରହଣ କରୁଥିଲି ଓ ଆବେଗପୂର୍ଣ୍ଣ ହୃଦୟରେ ପ୍ରଭାବଶାଳୀ କଣ୍ଠସ୍ୱର ସଂଯୋଗ କରି ତାହା ବ୍ୟକ୍ତ କରୁଥିଲି। ଆଉ ମର୍ମେ ମର୍ମେ ଅନୁଭବ ମଧ୍ୟ କରି ପାରୁଥିଲି ସେଇ ଭାବପୂର୍ଣ୍ଣ ବକ୍ତବ୍ୟ ଛାତ୍ରଛାତ୍ରୀଙ୍କୁ କିପରି ଆଲୋଡ଼ିତ କରେ।

ସେଦିନର ଉକ୍ତ କ୍ଲାସରେ ଚକ୍ଷୁଚିକିତ୍ସା ଶିବିରରେ ସ୍ୱେଚ୍ଛାସେବୀ ଭାବରେ କିଏ କିଏ ଯୋଗ ଦେବା ପାଇଁ ଆଗ୍ରହୀ ବୋଲି ପଚାରିଲି। ଧାରଣା ଥିଲା ଏଇ ପ୍ରସ୍ତାବ ଦେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନେ ନିଜ ଆଡୁ ଆଗ୍ରହ ପ୍ରକାଶ କରିବେ। ଶ୍ରେଣୀ ପ୍ରତିନିଧିଙ୍କୁ ନାମ ତାଲିକା ପ୍ରସ୍ତୁତ କରିଦେବା ସକାଶେ ଦାୟିତ୍ୱ ଦେଇ ମୁଁ କ୍ଲାସରୁ ଚାଲି ଆସିବା କଥା। କିନ୍ତୁ ପ୍ରଥମ ଥର ପାଇଁ ଲକ୍ଷ୍ୟ କଲି ଶତାଧିକ ଛାତ୍ରଛାତ୍ରୀ ବସି ରହିଛନ୍ତି ଭାବ-ଶୂନ୍ୟ ଭାବରେ। କାହାରି ଭିତରେ ଆଗ୍ରହର କ୍ଷୀଣ ରେଖାଟିଏ ବି ଦୃଷ୍ଟିଗୋଚର ହେଲା ନାହିଁ।

ନିଜ ଉପରେ ଥିବା ଆସ୍ଥା ଦୋହଲି ଗଲା। କ୍ଲାସ ଉପରେ ଥିବା ବିଶ୍ୱାସ ବି ପ୍ରାଚୀନ ମନ୍ଦିରର ଜୀର୍ଣ୍ଣ ଶିଳା ସଦୃଶ ଖଣ୍ଡ ଖଣ୍ଡ ହୋଇ ବିଦୀର୍ଣ୍ଣ ହେବାକୁ ଲାଗିଲା। ମୋ ଆତ୍ମାରେ ଭରିଗଲା ପ୍ରଗାଢ଼ କୋହ। ଆଷାଢ଼ ମାସର ସାନ୍ଧ୍ୟକାଳୀନ ଆକାଶରେ ପରସ୍ତ ପରସ୍ତ କଳାମେଘ ମାଡି ଆସିବା ପରି ମୋ ଛାତି ଉଠିଲା ଓ ପଡିଲା। କ୍ଷଣକାଳର ଗାମ୍ଭୀର୍ଯ୍ୟପୂର୍ଣ ନୀରବତା ପରେ ମେଘ ଭର୍ତ୍ତି ଆକାଶ ବକ୍ଷର ଘନ ଘନ ଗର୍ଜନ ଆଉ ମୂଷଳ ଧାରାର ବର୍ଷାପାତରେ କ୍ଲାସ ସାରା  ସମସ୍ତେ କେମିତି ଭିଜୁଥିଲେ ସେଇ ଦୃଶ୍ୟ ବର୍ଣ୍ଣନା କରିବି କିପରି? ତେବେ ଅନୁଭବ କଲି ଏକ ନିଗୂଢ଼ ସତ୍ୟ। ପ୍ରତ୍ୟେକଙ୍କ ହୃଦୟର ଶିରା ପ୍ରଶିରା ସହିତ ମୁଁ କି ନିବିଡ଼ ଭାବରେ ସଂଯୁକ୍ତ। ସେମାନେ ସମସ୍ତେ ମଞ୍ଚ ଉପରେ ଦେଖିଲେ ମେଘାବୃତ୍ତ ଆକାଶର ଗର୍ଜନ ନୁହେଁ, ପ୍ରାଣ-ଦୀର୍ଣ୍ଣ କୋହଭରା କ୍ରନ୍ଦନ। ପରିବେଶ ହୋଇଯାଇଥିଲା ନିସ୍ତବ୍ଧ।ମୋର ଆଉ ସେମାନଙ୍କ ଅନ୍ତର୍ଗତ ଭାବଧାରା ବନ୍ୟାସ୍ରୋତରେ ପରିଣତ ହୋଇଯାଇଛି ବୋଲି ହୃଦବୋଧ କରିବା ପରେ କେତୋଟି କ୍ଷଣ ମଥାନତ ରହିଲି। ପୁଣି ସ୍ନେହାକୁଳ ଦୃଷ୍ଟିରେ ସେଦିନ ଶେଷ ଥର ପାଇଁ ସମସ୍ତଙ୍କୁ ଆଖି ପୂରାଇ ଦେଖିଲି ଆଉ ଆଟେଣ୍ଡେଣ୍ଟ ରେଜିଷ୍ଟର ଧରି କ୍ଲାସ ରୁମରୁ ବାହାରିବାକୁ ଉଦ୍ୟତ ହେଲି।

ଠିକ ସେତିକିବେଳେ ଦେଖିଲି କୌଣସି ପୁଅପିଲା ନୁହେଁ, ଝିଅଟିଏ ସାଶ୍ରୁ ଲୋଚନରେ ଛିଡ଼ା ହୋଇଛି। କଣ୍ଠସ୍ୱର ଅତି ଧୀର। ଅଥଚ ପାହାଡ଼ ଟଳାଇ ଦେବା ପରି ଦୃଢ଼ତା। ନମ୍ର ଭାବରେ କହିଲା : 'ସାର! ମୁଁ ଶିବିରକୁ ଯିବି।' ମୋ ମୁଖରୁ ବାକ୍ୟ ସ୍ଫୁରିତ ହେଲା ନାହିଁ ପ୍ରଥମେ। କିନ୍ତୁ ତାପରେ ମୁଁ କଣ କରେ ତାହା ଜାଣନ୍ତି ମୋର ପ୍ରିୟଛାତ୍ରଛାତ୍ରୀ। ଗୋଟିଏ କି ଦୁଇଟି ନୁହେଁ, ନାନା ରଙ୍ଗର ପୁଷ୍ପମାଳା ମୋ ଓଷ୍ଠାଧାରରୁ ମ୍ୟାଜିକ ମଞ୍ଚର ଯାଦୁକରଙ୍କ ହାତରୁ ଅଲୌକିକ ଭାବରେ ବାହାରି ଆସୁଥିବା ପରି ପ୍ରଲମ୍ବିତ ହୋଇ ଆସିଲା ଝିଅଟି ପ୍ରତି। ପ୍ରଶଂସାର ପୁଷ୍ପ ସ୍ତବକରେ ନିଜ ଛାତ୍ରଛାତ୍ରୀଙ୍କୁ ପୋତି ପକାଇବାର କଳା ମୋ ଭିତରେ ପ୍ରତିଷ୍ଠିତ କରିଦେଇଥିଲେ ମୋର ପ୍ରିୟ ଓ ପୂଜ୍ୟ ଆଦିକନ୍ଦ ସାର। କ୍ଲାସର ସମସ୍ତେ ଦେଖି ପାରୁଥିଲେ ସେହି ଉଚ୍ଛ୍ୱସିତ ବର୍ଣ୍ଣିଳ ଉତ୍ସବ। ସିଏ ମୋର ଅତି ପ୍ରିୟ ଛାତ୍ରୀ "ଏଭିଲିନ" । ଏହା ପରର ଦୃଶ୍ୟ ଚମକ ପରେ ନୂତନ ଚମକ ସୃଷ୍ଟିକରି ବିଜୁଳୀର ତୀକ୍ଷଣ ଜ୍ୟୋତି ରେଖାକୁ ବି ନିଷ୍ପ୍ରଭ କରିଦେଉଥିଲା। ଏଭିଲିନ ପରେ ଆଉଜଣେ। ତାପରେ ଆହୁରି ଚାରି ପାଞ୍ଚ ଜଣ। ତାପରେ ସମଗ୍ର କ୍ଲାସ। ଭାରତର ଜାତୀୟ ସଂଗୀତର ଆତ୍ମା ସତେକି ଶ୍ରେଣୀ ପ୍ରକୋଷ୍ଠକୁ ପ୍ରବେଶ କରି ତାର ନିଃଶବ୍ଦ ଭାବାର୍ଦ୍ର ଧ୍ୱନିରେ ସମସ୍ତଙ୍କୁ ଆଚ୍ଛନ୍ନ କରି ରଖିଥିଲା।

ଶ୍ରେଣୀ ପ୍ରକୋଷ୍ଠରୁ ଆସି ବାସନ୍ତୀ-କକ୍ଷ ମଧ୍ୟକୁ ପ୍ରବେଶ କଲି। ସାଦା କାଗଜରେ ପ୍ରସ୍ତୁତ ହେଲା ସାତଦିନର ଯୋଜନା। ଗୋଟିଏ କ୍ଲାସର ବାର୍ତ୍ତା ପବନବେଗରେ ସାରା କଲେଜ ପରିସରକୁ କରିଦେଇଥିଲା ଭାବାପ୍ଲୁତ। ବହୁ ଛାତ୍ର ଆସି ନିଜ ନିଜ ତରଫରୁ ସ୍ୱେଚ୍ଛାସେବୀ ହେବା ପାଇଁ ପ୍ରକଟ କରିଚାଲିଲେ ପ୍ରବଳ ଆଗ୍ରହ।

ସେଇ ଚକ୍ଷୁ ଚିକିତ୍ସା ଶିବିରରେ ପ୍ରତ୍ୟେକେ ଯେଉଁ ଅନନ୍ୟ ଅନୁଭୂତି ଲାଭ କଲେ ତାହା

ସବୁ ବର୍ଣ୍ଣନା କରି ଅସାମାନ୍ୟ ଆନନ୍ଦ ଦେଇଛନ୍ତି ମୋତେ। ବୃଦ୍ଧବୃଦ୍ଧାମାନେ ଆଖି ଅପରେସନ ପାଇଁ ଆସିଥାନ୍ତି ଶତ ଶତ ସଂଖ୍ୟାରେ। ଆମ ଛାତ୍ରମାନେ ସେମାନଙ୍କ ସହ ମିଶିଲେ ହୃଦୟ ଦେଇ। କେତେ ଶ୍ରଦ୍ଧା ଓ ସମ୍ମାନ ଉତ୍ସର୍ଗ କରି ଆସିଲେ। ସତେ କି ସେମାନେ ଲାଭ କରିଥିଲେ ସେଠି ଅଜା ଆଈଙ୍କ ସ୍ନେହ। ସେବା ପାଇଁ ଯାଇଥିଲେ। ଆସିବାବେଳକୁ ସମସ୍ତେ ହୋଇ ସାରିଥିଲେ ସ୍ନେହ -ଧନ୍ୟ। କାହା ମୁଖରୁ ଶୁଣିଲି ସେଇ ମାର୍ମିକ ବର୍ଣ୍ଣନା। କାହା ଆଖିର ଆଲୋକରେ ଦେଖିଲି ଅପୂର୍ବ ତୃପ୍ତି। କାହା ହସ୍ୟରେଖାରେ ଉକୁଟି ଉଠୁଥିଲା ଅଜା ଆଈମାନଙ୍କ ଉଷ୍ମ ଆଉଁସା ଆଉଁସି। ଚାଲିବାରେ ବି ଫୁଟି ଉଠୁଥାଏ ଭିନ୍ନ ପୁଲକ। ପାରିବାରିକ ଆତ୍ମୀୟତାର ବ୍ୟାପ୍ତି ଅନୁଭବ କରିବାରେ ସମସ୍ତେ ହୋଇଯାଇଥିଲେ ସମର୍ଥ।

ସେମାନେ କେହି ଜାଣନ୍ତି ନାହିଁ ଯେ, ଯେଉଁ ସାରଙ୍କ ପ୍ରେରଣାରେ ସେମାନେ ଏହି ନୂତନ ଅନୁଭୂତି ଅର୍ଜନ କଲେ, ସେଇ ସାରଙ୍କ କାଣିଚାଏ ବି ଅଭିଜ୍ଞତା ଏ ବିଷୟରେ ନାହିଁ। ଯାହା ନିଜ ଜୀବନରେ ସେ ଅର୍ଜନ କରିପାରିନାହାନ୍ତି, ତାହା ନିଜ ଛାତ୍ରଛାତ୍ରୀଙ୍କ ମାଧ୍ୟମରେ ଲାଭ କରିବାକୁ କି ବ୍ୟାକୁଳ ସେ!! ସଂସାରରେ ଅପାରଗ ଅସମର୍ଥମାନେ ଏହା ହିଁ କରନ୍ତି। ପିଲାମାନେ ସର୍ବଦା ଲକ୍ଷ୍ୟ କରିଥିବେ ଯେ ତାଙ୍କ ମଣୀନ୍ଦ୍ର ସାର ବାସନ୍ତୀ ଅଫିସର ଚୌକିରୁ କେତେବେଳେ ଉଠନ୍ତି? ମାତ୍ର ସାରା କଲେଜରେ ଆଉ କଲେଜ ବାହାରର ପରିବେଶରେ ସର୍ବତ୍ର ବାସନ୍ତୀ-ବାସ୍ନା। ସୈନ୍ୟ-ବାହିନୀ ପରି ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ଶୃଙ୍ଖଳାର ସହ ପିଲାମାନେ ହିଁ କରନ୍ତି। ଅନ୍ୟ କେହି ଜାଣନ୍ତୁ ବା ନ ଜାଣନ୍ତୁ ଏକଥା ନିରାଟ ସତ୍ୟ ଯେ ପ୍ରତ୍ୟେକେ ଅନୁଭବ କରୁଥାନ୍ତି ତାଙ୍କ ସାର ତାଙ୍କ ସହ ହିଁ ରହିଛନ୍ତି।

ମୁଁ ଏକଥା ଜାଣେ ନା ସ୍ୱର୍ଗସୁଖ ଥାଏ କେଉଁଠି। ଯେଉଁଠି ବି ତାହା ଅଛି ଥାଉ। ମୋର ସେଦିଗରେ ନାହିଁ କିଛି ଇଚ୍ଛା, ଅଭିଳାଷ, ପ୍ରାର୍ଥନା ଅଥବା ସାଧନା। ମୋ ଛାତ୍ରଛାତ୍ରୀମାନେ ମୋତେ ଯେଉଁ ପରିସର ମଧ୍ୟରେ ରଖିଦେଇଛନ୍ତି ସେଠୁ ମୁକ୍ତି ପାଇଁ କଣ କେବେହେଲେ କଳ୍ପନା କରିପାରିବି? ରାମକୃଷ୍ଣ ପରମହଂସଙ୍କୁ ତାଙ୍କ ଦେହାବସାନ ଅନ୍ତେ କେଉଁଠି ସେ ରହିବାକୁ ଚାହାଁନ୍ତି ବୋଲି ପଚରା ଯିବାରୁ ସେ ଉତ୍ତର ଦେଲେ: "ନରେନ ଯେଉଁଠି ରଖିବ ସେଇଠି ରହିବି।"

ଗଙ୍ଗାଧର-ଶାନ୍ତା-ସଦନ
କଳିଙ୍ଗ ବିହାର, ଭୁବନେଶ୍ୱର
ମୋ -୯୯୩୭୩୬୫୬୯୮

# ବେଶରେ ବେଶରେ

**ବିରଞ୍ଚି ମିଶ୍ର**



ଏକ ଛୋଟ ସହରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୌତୁକ ବେଶ ପ୍ରତିଯୋଗିତା ଚାଲିଥାଏ । ମଞ୍ଚ ଉପରକୁ ଆସିଲେ ଜଣେ ଅନିନ୍ଦ୍ୟ ସୁନ୍ଦରୀ ଯୁବତୀ । ଆଲୁରୁବାଲୁରୁ ମୁକୁଳା କେଶ, ଗାଉଁଲିଆ ଢଙ୍ଗରେ ଶାଢୀ ପିନ୍ଧା, ଆଖିରେ କଜଳ ଗାର, କାନନାକ ଅଳଙ୍କାର ବିହୀନ, ଚେହେରାରେ ପ୍ରସ୍ଫୁଟିତ ଯୌବନର ଆଭା । ନିଜ ପରିଚୟରେକହିଲେ, "ମୁଁ ସବିତା ଆଚାର୍ଯ୍ୟ ।"

ବିଚାରକ ମାନେ ଯାହା ଭାବନ୍ତୁ, ଦେଖଣାହାରୀଙ୍କ ମଧ୍ୟରେ ବିଚାର ଆରମ୍ଭ ହୋଇଗଲା । ଜଣେ କହିଲା, "ଇଏ ନିଶ୍ଚୟ ଉପର ସାହିର ରବି ପଣ୍ଡା । ଟୋକାଟା ତ ଏମିତିରେ ଦେଖିବାକୁ ରାଜକୁମାର ପରି । ଏ ବେଶରେ ଠିକ୍ ରାଜକୁମାରୀ ପରି ଦେଖା ଯାଉଛି । କେହି ଜାଣି ପାରିବେନି ।" ଆଉ ଜଣେ କହିଲା, "ନାଇମ, ରବିର ଯୋଉ ପୁରୁଷିଆ ଚେହେରା ଅଛି, ଯେତେ ଶାଢୀ ପିନ୍ଧିଲେ ବି ଜଣା ପଡିଯିବ । ଇଏ ତଳ ସାହିର ହରିଆ ହୋଇଥିବ । ସେ ସଦାବେଳେ ମାଇପି ଭଳିଆ ହେଉଥାଏ ।"

ଏମିତି କେତେ ଲୋକ କେତେ ପ୍ରକାର ଅନୁମାନ ଲଗାଇଲେ । ଅନ୍ୟ ପ୍ରତିଯୋଗୀମାନଙ୍କୁ ନେଇ ବି ସେମିତି କଥାବାର୍ତ୍ତା ଚାଲିଲା । ତେବେ ସମସ୍ତଙ୍କ ଦୃଷ୍ଟି ଏହି ସୁନ୍ଦରୀ ଉପରେ ହିଁ ଲାଖି ରହିଲା ।

ଶେଷରେ ବିଜେତା ମାନଙ୍କ ନାଁ ଘୋଷଣା ହେଲା । ପ୍ରଥମ ବିଜେତା ଥିଲେ ଆଲୋଚ୍ୟ ସୁନ୍ଦରୀ ସବିତା ଆଚାର୍ଯ୍ୟ । ସେ ପୁରସ୍କାର ଆଣିବାକୁ ମଞ୍ଚ ଉପରକୁ ଗଲେ । ଯେତେବେଳେ ତାଙ୍କୁ ନିଜର ପ୍ରକୃତ ପରିଚୟ ପଚରା ଗଲା, ସେ କହିଲେ " ମୋ ନାଁ ସବିତା ଆଚାର୍ଯ୍ୟ ।"

ବିଚାରକ ମାନେ ଭାବିଲେ, ସେ ବୋଧହୁଏ ପ୍ରଶ୍ନଟି ବୁଝି ପାରିଲେ ନି । ତେଣୁ ଆଉ ଥରେ ନିଜର ଅସଲ ନାଁ କହିବା ପାଇଁ କହିଲେ। ଏଥର ବି କିନ୍ତୁ ସେଇ ଗୋଟିଏ ଉତ୍ତର, "ସବିତା ଆଚାର୍ଯ୍ୟ" ।

ଅନେକେ ତଥାପି ବିଶ୍ବାସ କରି ପାରୁ ନ ଥିଲେ, "ଝିଅ ପିଲାଟିଏ, ଝିଅ ପିଲା ହୋଇ ଏକ କୌତୁକ ବେଶ ପ୍ରତିଯୋଗିତାକୁ କେମିତି ଆଉ କାହିଁକି ଆସିବ !?"

ପୁରସ୍କାର ନେଇ ଗଲା ବେଳେ, ସବିତା କହିଲା, "ନିଜକୁ ନିଜ ବେଶରେ ନିଜେ ସଜାଇବାର ଆନନ୍ଦ ନିଆରା । ସମସ୍ତେ ଥରେ ଚେଷ୍ଟା କରି ଦେଖନ୍ତୁ ନା ।"

(ଏକ ସତ୍ୟ ଘଟଣା ଉପରେ ଆଧାରିତ ।)

ଭୁବନେଶ୍ୱର

# ଯାହା ଦେଖିବା ତାହା ଶିଖିବା

ଛନ୍ଦା ମିଶ୍ର





ପାଣ୍ଟାଲୁନ୍ସ ଭିତରକୁ ପଶି ଗଲା ବେଳକୁ ସାମନାରେ ରଖା ଯାଇଥିବା ପୁଅ ଓ ଝିଅଙ୍କ ପ୍ରତିକୃତି (ମାନେକ୍ୱିନ) ଦୁଇଟିକୁ ଦେଖି ମନ ରେ ଆସିଲା ଭାବାନ୍ତର। ପୁରୁଷର ପ୍ରତିକୃତିଟି ସାର୍ଟ ପ୍ୟାଣ୍ଟ କୋର୍ଟ ଆଦି ପିନ୍ଧି ପୁରା ଶରୀରକୁ ଢାଙ୍କି ଥିଲା ବେଳେ ନାରୀ ପ୍ରତିକୃତିଟି ଶରିରର ମାତ୍ର ତିରିଶ ଭାଗ ଢାଙ୍କି ସତୁରୀ ଭାଗ ରଖିଥିଲା ମୁକୁଳା। ସେଠି ବୁଲି ଦେଖିଲା ବେଳକୁ ଗୋଟିଏ କଥା ଖୁବ୍ ଆଶ୍ଚର୍ଯ୍ୟ କଲା ଯେ, ଯେଉଁ ପୋଷାକ ଯେତେ ପୁରୁଣା, ଯେତେ ଛୋଟ ତଥା ଯେତେ ବେଶି ଚିରା ଫଟା ତାର ଦାମ୍ ଥିଲା ସେତେ ଅଧିକ। ଆଉ ଖୁବ୍ ବଡ ବଡ ସେଲିବ୍ରେଟି(ଯେଉଁ ମାନଙ୍କୁ ଆମ ଯୁବଗୋଷ୍ଠୀ ନିଜ ଆଦର୍ଶ ଭାବେ ଗ୍ରହଣ କରୁଛନ୍ତି) ଫଟ ସେହି ସବୁ ପୋଷାକ ପିନ୍ଧି ତାକୁ କରୁଥିଲେ ବିଜ୍ଞାପିତ। ଦଳେ କଲେଜ ପୋଷାକରେ ଥିବା ଝିଅ, ସେପରି ପୋଷାକ ପିନ୍ଧି ଦର୍ପଣ ଆଗରେ ଛିଡା ହୋଇ ନିଜକୁ ଆକଳନ କରୁଥିବାର ଦେଖି ମନେ ପଡିଗଲା, ନିଜ କଲେଜ ବେଳର କଥା। ବଡ଼ ପରିବାରରେ ଅନେକ୍ ଗୁଡିଏ ପୋଷାକ ଯୋଗାଇ ଦେବା ସମ୍ଭବ ନଥିଲା। ଦୁଇ ତିନୋଟି ଘର ପାଇଁ ଓ ଦୁଇ ତିନୋଟି ବାହାର ପାଇଁ, ପିନ୍ଧିବାକୁ ଦିଆ ଯାଇଥିଲା, ଯାହା ଥିଲା ଆମ ପାଇଁ ଯଥେଷ୍ଟ। କିନ୍ତୁ ଆମେ ଠିକ୍ କଲେଜ ଛାଡ଼ିଲା ବେଳକୁ ଆମ ତଳ ଶ୍ରେଣୀ ର ଝିଅମାନେ ଯେତେବେଳେ ଆସିଲେ ତାଙ୍କ ପୋଷାକ ଦେଖି ଆମକୁ ଖୁବ୍ ଅସହଜ ମନେ ହେଲା। "ଏମିତି ପୋଷାକ ପିନ୍ଧି କଣ କେହି ପାଠ ପଢିବା ପାଇଁ ଆସେ!" କହି ଆମେ ସାଙ୍ଗ ମାନେ ପରସ୍ପର ଦୃଷ୍ଟି ବିନିମୟ କଲୁ। ତେବେ କେଇଟା ବର୍ଷ ପରେ କଲେଜ ପଢୁଆ ପିଲାଙ୍କ ପୋଷାକ ରେ ଜାରି ହେଲା କଟକଣା। ଆଉ ଯେଉଁ ଶିକ୍ଷାନୁଷ୍ଠାନ ମାନଙ୍କରେ କଟକଣା ରହିଲା ନାହିଁ, ସେଠି

ପିଲାଏ ଯାହା ପିନ୍ଧିଲେ, ସେଥିରେ ଦେହ ଢଙ୍କା ହେଲା କମ୍ ଦେଖା ଗଲା ବେଶି ।ଏଇ ନିକଟରେ ପ୍ରାଧ୍ୟାପିକା ଜଣେ ଫୋନ କରିଥିଲେ। "ମୁଁ କ୍ଲାସ ରେ ଥାଏ, ପିଲାଟିଏ ଆସି ଖବର ଦେଲା ଯେ ଝିଅ ଟିଏ ରିକ୍ସାରେ ବସି ଆସୁଥିଲା ବେଳେ ତାକୁ ଘେରି ଆଠ ଦଶଟି ପିଲା କମେଣ୍ଟ ମାରି ମାରି ଆସୁଛନ୍ତି। ସଙ୍ଗେ ସଙ୍ଗେ ମୁଁ ଦୌଡ଼ି କରି ବାହାରକୁ ଆସି ସେ ଝିଅକୁ ଧରି କମନ୍ ରୁମ୍ କୁ ଗଲି। ଝିଅଟି ଗୋଟିଏ ଅତି ଛୋଟ ତଥା ପତଳା ପୋଷାକ ପିନ୍ଧିଥାଏ। ତାର ବାପା ମାଆଙ୍କୁ ଡାକି କହିଲି, ଏ ଝିଅକୁ ନା ମୁଁ କ୍ଲାସ୍ ରେ ପାଠ ପଢ଼େଇ ପାରିବି ନା ୟାକୁ ଏକୁଟିଆ ଘରକୁ ଛାଡି ପାରିବି। ଏପରି ପୋଷାକ ରେ ଇଏ ଘରକୁ ଗଲେ, ବାଟରେ ଯଦି କିଛି ଅଘଟଣ ଘଟିବ ତେବେ ମତେ ନିଜକୁ ଦୋଷୀ ମନେ ହେବ। ତେଣୁ ଆପଣ ୟାକୁ ସାଙ୍ଗରେ ନେଇ ଯାଆନ୍ତୁ। ତା ପରେ ଆମ ବିଶ୍ୱବିଦ୍ୟାଳୟରେ ଡ୍ରେସ କୋଡ଼ ଲାଗୁ ହେଲା। କିନ୍ତୁ କିଛିଦିନ ପରେ ଆମ ମୁଖ୍ୟ ଆମକୁ କହିଲେ, ନା ମୋ କଲେଜ ରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ମୁଁ ଚାହେଁ ମୋ ପିଲାଏ ଜେ.ଏନ୍.ୟୁ ପରି ଯାହା ମନ ତାହା ପିନ୍ଧି ଆସନ୍ତୁ। ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ର ଅବସ୍ଥା ଦେଖିଲେ କଷ୍ଟ ଲାଗୁଛି। ପିଲାଏ କେତେ ଉଶୃଙ୍ଖଳ ହେଉଛନ୍ତି କହିଲେ ନସରେ।" ହଁ, ପୋଷାକର ମହତ୍ତ୍ୱ ଖୁବ୍ ଅଧିକ। ଭେକ ଦେଖି ଭିକ ପରି, ଉଚିତ୍ ଢଙ୍ଗରେ ପ୍ୟାଣ୍ଟ ସାର୍ଟ ପିନ୍ଧା ଲୋକ ଓ ବେପରୁଆ ଢଙ୍ଗରେ ପୋଷାକ ପିନ୍ଧି ଥିବା ଲୋକକୁ ଦେଖି, ଆମ ମନର ଭାବ ବଦଳି ଯାଏ। ଯେଉଁଥିପାଇଁ ସ୍କୁଲ, ଡାକ୍ତରଖାନା, ପୋଲିସ ବିଭାଗ ଓ ସୈନ୍ୟ ବିଭାଗ ଆଦି ରେ ଶୃଙ୍ଖଳା ରକ୍ଷା କରିବାକୁ ଗୋଟିଏ ନିର୍ଦ୍ଦିଷ୍ଟ ପୋଷାକ ଉପରେ ଜୋର୍ ଦିଆଯାଏ। ଏହାର ଅର୍ଥ କଣ ଏଇୟା ଧରିନେବା ଯେ, ଅନ୍ୟ ଯେଉଁ ବିଭାଗ ଗୁଡିକ ରେ ପୋଷାକ ରେ କଟକଣା ନାହିଁ, ସେ ଗୁଡିକ ରେ ବିଶୃଙ୍ଖଳା ସୃଷ୍ଟି ହୁଏ। ନା ତାହା ନୁହେଁ। ଉଣା ଅଧିକେ ସମସ୍ତେ ନିଜ ନିଜ କ୍ଷେତ୍ରରେ ନିଜର ବିବେକ ଅନୁମୋଦିତ ପୋଷାକ ପିନ୍ଧି ନିଜ ଭାବ ମୂର୍ତ୍ତି ନିର୍ମାଣ କରନ୍ତି। କିନ୍ତୁ, ଆମ ଉପରେ ସବୁ ଠାରୁ ଅଧିକ ପ୍ରଭାବ ବିସ୍ତାର କରିଥିବା ପ୍ରଭାବଶାଳୀ ମାଧ୍ୟମ, ଟିଭି ଓ ସିନେମାରେ କୌଣସି କଟକଣା ଲାଗୁ ହେଉନଥିବାରୁ, ସେମାନେ ଆମ ସଂସ୍କୃତିର ବିପରୀତ ଦିଗରେ ଯାଇ, ଆଧୁନିକତାର ଆଳ ରେ, ଆମକୁ ତଥା ଆମ କୋମଳମତି ପିଲାଙ୍କୁ, ଯେତେ କମ୍ ପୋଷାକ, ସେତେ ଅଧିକ ସ୍ମାର୍ଟ, ସେତେ ପ୍ରଭାବଶାଳୀ, ସେତେ ଆଧୁନିକ, ସେତେ କୁଲ୍.. ଇତ୍ୟାଦି ଇତ୍ୟାଦି କେତେ କଣ.. ବୋଲି ବୁଝାଇ ଦେଲେ । ଆମ ଘର ଭିତରେ ପଶି ଆମରି ପିଲାଙ୍କୁ ଏମାନେ ଶିଖାଇ ଦେଲେ ଯେ, କମ୍ ପୋଷାକ ପିନ୍ଧିବା, ମଦ ପିଇବା, ସିଗାରେଟ୍ ଟାଣିବା, ଅପରାଧ ଘଟାଇବା, ପୁଅ ଝିଅ ବିବାହ ପୂର୍ବରୁ ଅନ୍ତରଙ୍ଗ ହେବା ଆଦି ଅତି ସାଧାରଣ ଘଟଣା ଅଟେ। ଏହାକୁ ଶତ ପ୍ରତିଶତ ପ୍ରୋତ୍ସାହନ ଯୋଗାଇ ଦେଲା ଆମ ହାତରେ ଥିବା ଭସ୍ମାସୁର, ମୋବାଇଲ ଖଣ୍ଡିକ। କୌଣସି କଥା ପ୍ରଥମ ଥର ଦେଖିଲେ ଆଶ୍ଚର୍ଯ୍ୟ ଲାଗେ, ପରେ, ମନ ଓ ଶରୀର ରୋମାଞ୍ଚିତ ହୁଏ, ଓ ପରେ ପରେ ହୋଇଯାଏ ଦେହସୁହା। ଆଜି ଟିଭିରୁ ବାହାରି ଏ ଦୃଶ୍ୟସବୁ ଆମ ଚାରିପାଖରେ ଘଟୁ ଥିଲେ ବି ଆମକୁ ଆଉ ଆଶ୍ଚର୍ଯ୍ୟ ଲାଗୁନି। ପରିସ୍ଥିତି ଏପରି ଯେ ମନ୍ଦିରର ପ୍ରବେଶ ପଥରେ ବି ଲେଖିବାକୁ ହେଉଛି, ଅଶାଳୀନ ପୋଷାକ ପରିଧାନ କରି ଆସନ୍ତୁ ନାହିଁ। ଆଉ ଆମେ ଯୁଗ ବଦଳି ଗଲାଣି କହି ନିଜକୁ ବୁଝେଇ ଦେଉଛୁ । ତେବେ କେବଳ ସେତିକି ନୁହେଁ, ଅଖାଦ୍ୟ ଗୁଡିକ, ବିଜ୍ଞାପନ ରେ ଏପରି ରଙ୍ଗ ଓ ଢଙ୍ଗରେ ଉପସ୍ଥାପନ କରା ଯାଉଛି ଯେ, ଆମେ, ବିଶେଷ କରି ଆମ ପିଲାଏ ତାକୁ ହିଁ ଖାଇବା ପାଇଁ ଅଡି ବସୁଛନ୍ତି। ନୁଡୁଲସ, ପିଜା, ବର୍ଗର ଆଦି

ଶରିର ପାଇଁ କ୍ଷତିକାରକ ଜାଣି ବି ଆମେ ସେ ବିଜ୍ଞାପନ ଦେଖାଇ ପିଲା ଙ୍କୁ ତାହା ଖାଇବା ପାଇଁ ଉସୁକାଉଛେ। ବାହାର ଦେଶରେ ଏସବୁ ବିଜ୍ଞାପନ ପ୍ରଦର୍ଶନ ଉପରେ କଟକଣା ରହିଥିଲା ବେଳେ ଆମେ ସେଥିପ୍ରତି ସଚେତନ ମଧ୍ଯ ନୋହୁଁ। ଏସବୁ ଅଖାଦ୍ୟ ଓ ଅଦର୍ଶନୀୟ ଚିଜ ଗୁଡିକ ସେମାନଙ୍କ କୋମଳମତି ତଥା ଶରୀର ରେ ଯେଉଁ ରାସାୟନିକ ପ୍ରତିକ୍ରିୟା ଦେଖାଉଛି, ତାର ପ୍ରତିଫଳନ ଆଜି ସମାଜ ରେ ସର୍ବତ୍ର ଦେଖିବାକୁ ମିଳୁଛି। ଆଜି ଅପରାଧ କରୁଥିବା ଅପରାଧି ମାନଙ୍କ ବୟସ ଓ ତାଙ୍କ ଅପରାଧିକ କାର୍ଯ୍ୟକଳାପ ଗୁଡିକ ଦେଖିଲେ ମୁଣ୍ଡ ରେ ହାତ ଦେବାକୁ ହେଉଛି। ଛୋଟ ବେଳୁ ଆମକୁ ଶିକ୍ଷା ଦିଆ ଯାଇଛି, ଖରାପ କଥା ଦେଖିବି ନାହିଁ, ଖରାପ କଥା ଶୁଣିବି ନାହିଁ। ଅର୍ଥାତ୍ ଭଲ କଥା ଦେଖିବି ଓ ଭଲ କଥା ଶୁଣିବି। ହେଲେ ଭଲ କଥା ଦେଖାଇବ କିଏ ଓ ଭଲ କଥା ଶୁଣାଇବ କିଏ? ଆଜି ତ ସବୁ ସ୍ଥାନ ରେ ଖରାପ କଥା ପ୍ରଦର୍ଶନ ଓ ଶ୍ରବଣ କରି ଆମ ଦିନ ଆରମ୍ଭ ହୋଇ ଶେଷ ହେଉଛି।ତେଣୁ ଖରାପ ଦେଖି ଖରାପ ଶୁଣି ଆମେ ଖରାପ କଥା କହିବୁ ନାହିଁ କହି ପାଟି ଚାପି ରଖିଛୁ ସିନା ପାଟି ଖୋଲିଲା ମାତ୍ରେ କେବଳ ଖରାପ କଥା ହିଁ ବାହାରୁଚି। ଆଶ୍ଚର୍ଯ୍ୟ ଲାଗିଲେ ବି ସତ ହେଉଛି ଯେ, ଏଥିରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ନିଜକୁ ସରସ୍ୱତୀ ଙ୍କ ବରପୁତ୍ର ବୋଲି କହି ଗର୍ବ ରେ ଫାଟି ପଡୁଥିବା ଲୋକେ। ହାତ ରେ କାଗଜ ଓ କଲମ ଅଛି ତଥା ଦୁଇ ପଦ ଲେଖି ପାରୁଛୁ ବୋଲି, କଣ ଆମ ଉପରେ ଥିବା ଗୁରୁଦାୟିତ୍ଵ କୁ ଆମେ ଏଡେଇ ଦେଇ ପାରିବା? ବେଶି ପଛକୁ ଯାଉନାହିଁ। ମନେ ପକାନ୍ତୁ ଥ୍ରୀ ଇଡିଅଟ୍ ସିନେମା ର କଥା। ଯେଉଁଠି କରିନା କପୁର ପରୀକ୍ଷା ପ୍ରଶ୍ନ ଥିବା କୋଠାରୀର ଚାବି ଚୋରୀ କରି ପରୀକ୍ଷାର୍ଥୀ ଙ୍କୁ ଦେଇ କହିଛନ୍ତି, "ସାହସ ଦରକାର ଥିଲା, ସେଥିପାଇଁ ଟିକେ ମଦ ପିଇ ଦେଇଚି"। ଯଦି ସାହସ ପାଇଁ ମଦ ପିଇବା ଅନିବାର୍ଯ୍ୟ ତେବେ ତ ଆମର ସବୁ ସୈନିକ ଙ୍କୁ ମଦ ପିଇ ଯୁଦ୍ଧ କ୍ଷେତ୍ର କୁ ଯିବା ପାଇଁ ନିର୍ଦ୍ଦେଶ ଦିଆ ଯାଆନ୍ତା। ସେମିତି ଓଡ଼ିଆ ରେ ଲେଖା ହୋଇଛି, ପାଉଚ ପିଲେଇ ଦେ ରେ ଦାଦା.. ଅର୍ଥାତ୍ ବଡ ଭାଇ ମତେ ପାଉଚ ରେ ଥିବା ମଦ ଟିକେ ପିଏଇ ଦିଅ! ଇଏ କେବଳ ଭାତ ହାଣ୍ଡି ରୁ ଗୋଟିଏ। ଏହିପରି ଗୀତ ସବୁ କୁ ବଜାଇ ଭସାଣି ଓ ବରଯାତ୍ରୀ ସହିତ ଥିବା ଉଦଭ୍ରାନ୍ତ କେତେକ ନାଚି ଉଠୁଥିବା ଦେଖି ଆମ ଛାତି କୁଣ୍ଢେ ମୋଟ ହୋଇ ଯାଉଚି ଆମେ ଲେଖିଥିବା ଗୀତ ସୁପର୍ ହିଟ୍ କହି। "ଲୋକେ ଚାହୁଁଛନ୍ତି" କହି ଆମେ ନିଜ ବିବେକ ଉପରେ ପଥର ଚାପି ଦେଉଛୁ। ମଇଳା ଉପରେ ଅସଂଖ୍ୟ ମାଛି ଙ୍କୁ ଦେଖି, ତାହାକୁ ମଇଳା ର ଲୋକପ୍ରିୟତା ବୋଲି ବିଶ୍ୱାସ କରିବା ନିର୍ବୋଧତା ନୁହେଁ କି! ସତ ରେ କଣ ଆମେ ଏତେ ତଳକୁ ଚାଲି ଯାଇଛେ ଯେ ଆମକୁ ସମାଜ କୁ ସୁନ୍ଦର୍ ବାର୍ତ୍ତା ଥିବା ଗୀତ ଟିଏ ଲେଖି ଆସୁନାହିଁ? ସ୍ୱାଧୀନତା ଆମକୁ କେତେ ଦାୟିତ୍ୱହୀନ କରିଛି ସତେ! ଲୋକେ କଣ ଚାହାଁନ୍ତି ନୁହେଁ ବରଂ ଲୋକେ କଣ ପାଇବା ଉଚିତ ତାହା ଆମେ ତାଙ୍କୁ ଦେବା ଆମର କର୍ତ୍ତବ୍ଯ, ତେଣିକି ତାହା କଷା ହେଉ ଅବା ପିତା। ସେତିକି ଯଦି ବୁଝି ପାରିବାର ଶକ୍ତି ଆମର ନାହିଁ, ତେବେ ଆମେ କଲମ ବରଂ ନ ଧରିବା ଉଚିତ୍। ବୌଦ୍ଧିକତା ର ଏ ଦୁର୍ଦ୍ଦିନ ରୁ ମା ସରସ୍ୱତୀ ଆମକୁ ଉଦ୍ଧାର କରନ୍ତୁ, ଆଜି ସରସ୍ୱତୀ ପୂଜା ରେ ଏତିକି ମିନତି।

କଳିଙ୍ଗ ନଗର, ଭୁବନେଶ୍ୱର
ମୋ-୯୪୩୭୪ ୫୩୬୧୦

# କଥାରେ କଥାରେ - ୧୭

ମନୋରମା ମିଶ୍ର





ସ୍ତ୍ରୀ- ବୁଝିଲ! ଆମ ମୀନାମାଉସୀଙ୍କ ମଝିଆଁ ପୁଅ ରତନ ଯାଇଥିଲା ନ୍ୟୁଜରିଡର୍ ଇଣ୍ଟରଭ୍ୟୁ ଦେବାକୁ। କିନ୍ତୁ କଟିଗଲା। ମନଦୁଃଖରେ ଘରକୁ ଫେରିଆସି ସେମାନଙ୍କ ଉପରେ ଭାରି ଚିଡୁଛି। ସତରେ ରାଗ ଲାଗିବନି କି ? ସବୁଦିଗରୁ ଯୋଗ୍ୟ ପିଲାଟେ ସେ। ଅଥଚ...!

ସ୍ୱା- ହଁ..ହଁ..ଯୋଗ୍ୟ ନୁହେଁ କାହିଁକି। ବହୁତ ଯୋଗ୍ୟ । ହେଲେ ଭାବିଲ- ଗୋଟେ ଗଛ ବଢିବାପାଇଁ ଆଲୋକ, ବାୟୁ ଓ ଜଳ ସବୁ ଅଛି। କିନ୍ତୁ ମୁଖ୍ୟତଃ ମାଟି ଦରକାର ନା ନାହିଁ ?

ସ୍ତ୍ରୀ - ମାନେ ?

ସ୍ୱା - ବୁଝିଲନି କି ? ଭାତୃସ୍ନେହରେ ତ ପୂରା ଅନ୍ଧ ହେଇଯାଇଛ। କିହୋ ! ନ୍ୟୁଜ୍ ପଢିବା ପାଇଁ ଯେଉଁ ବାକ୍ ଶୁଦ୍ଧତା ଦରକାର ତାହା ତା'ର କାହିଁ? ସେ' ପରା କଥା କହିଲା ବେଳେ ତା'ର ଟିକେ ପାଟିଲାଗେ।

ସ୍ତ୍ରୀ - ସତେତ...। ସେ'ଚାକିରି ପାଉନି ବୋଲି ମଉସା ମାଉସୀଙ୍କଠାରୁ ଆରମ୍ଭ କରି ଆମେ ସମସ୍ତେ ଭାରି ବ୍ୟସ୍ତ ହେଉଛୁ ତ ତେଣୁ ଏ ଦିଗଟା ମୁଁ ଆଉ ଚିନ୍ତା କରିନି ।

ସ୍ୱା- ଜୋରରେ ହସିଉଠି କହିଲେ - ହଁ ଅତି ସ୍ନେହର ଫଳ ଏହା। ତଥାପି ସବୁ ଦିଗକୁ ନଜର ରଖି କଥା କହିବା ଦରକାର। ଅନ୍ୟଥା କାହାକୁ କାହିଁକି ଦୋଷ ଦେବା।


ସ୍ତ୍ରୀ- ହଁ ସତକଥା ।

ନୀଳାଦ୍ରି ବିହାର, ଭୁବନେଶ୍ୱର-୨୧
ମୋ : ୯୮୬୧୫୬୮୫୩୨

# ପ୍ରେମ ଏକ ମିଠା ବୁଝାମଣା

ବିନୋଦିନୀ ଗଉଡ଼





ପ୍ରେମର କ'ଣ କିଛି ରଙ୍ଗ ଥାଏ...? ହଁ, ଥାଏ ନା...ସେଥିପାଇଁ ତ ଏ ଦୁନିଆଟା ରଙ୍ଗମୟ ହୋଇଯାଏ ପ୍ରେମରେ ପଡିଲେ । ନିଜ ଭାବନାରେ ନିଜେ ପୁଲକିତା ସୁତପା। କାନ୍ଥ ଘଣ୍ଟା ସଂଧ୍ୟା ୭ଟାର ସୂଚନା ଦେଲାଣି, ଏ ଯାଏଁ ଫେରି ନାହାଁନ୍ତି ସଲିମ୍। ବାଙ୍ଗାଲୋରରେ ହେଭି ଟ୍ରାଫିକ୍ କଥା କିଏ ନ ଜାଣେ, ହୁଏତ ଟ୍ରାଫିକରେ ଫସି ଯାଇଛନ୍ତି ସିଏ। ଗତକାଲି ଗୋଟିଏ ଉତ୍ସବରୁ ଫେରି କ୍ଳାନ୍ତ ହୋଇ ଶୋଇ ପଡ଼ିଥିଲା ସୁତପା। ସଲିମ୍ ଭାଲେଣ୍ଟାଇନ୍ସ ଡେ' ପାଇଁ ଗୋଲାପ ଫୁଲର ସ୍ତବକ ସହ ତାକୁ ଶୁଭେଚ୍ଛା ଜଣାଇ ସକାଳୁ ବାହାରି ଯାଇଛନ୍ତି ଅଫିସ୍, ଏ ଯାଏଁ ଫେରି ନାହାଁନ୍ତି। ଝିଅ ଶ୍ରୁତିର ଦଶମ ବୋର୍ଡ଼ ପରୀକ୍ଷା, ସିଏ ବ୍ୟସ୍ତ ତା'ର ଅନଲାଇନ୍ କ୍ଲାସରେ। ଏତେବଡ ଘରେ ଏକାଏକା ବସି ସମୟ କଟୁନି ଜମା। ସ୍ମୃତିର ଆଲବମ୍ ଖୋଲି ହଜି ଯାଉଛି ସୁତପା ମିଠା ଅତୀତ ଭିତରେ।

ଜଣେ ସ୍ୱନାମଧନ୍ୟା ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ବେଶ୍ ନାଁ କମେଇ ସାରିଥିଲା ସିଏ କଲେଜରେ ପଢୁଥିବା ବେଳେ। ଏମିତି ଏକ ଫଙ୍କସନରେ ପ୍ରଥମ ଥର ଦେଖା ହୋଇଥିଲା ସଲିମ୍ ଙ୍କ ସହିତ। ନୃତ୍ୟ ସାରି ଷ୍ଟେଜରୁ ଓହ୍ଲାଉଥିବା ବେଳେ, ସେଇ ଅଚିହ୍ନା ଯୁବକଟିର ଉଚ୍ଛ୍ୱସିତ ସମ୍ବର୍ଦ୍ଧନାରେ ଉଲ୍ଲସିତା ସୁତପା। - କି ସୁନ୍ଦର! ଆପଣଙ୍କ ନୃତ୍ୟାଭିନୟ... ଆହେନୀଳଶଇଳଭଜନରତାଳେତାଳେ,ଆପଣଙ୍କ ନୃତ୍ୟ ଛନ୍ଦିତ ପାଦରେ ନୂପୁରର ଧ୍ୱନୀ...ମୋତେ ମନ୍ତ୍ରମୁଗ୍ଧ କରି ଦେଇଥିଲା କିଛି ସମୟ ପାଇଁ....।" ସଲିମ୍ କହି ଯାଉଥିଲେ, ଆଉ ମୁଗ୍ଧ ହୋଇ ଶୁଣି ଯାଉଥିଲା ସୁତପା। ତା'ର ପ୍ରତିଟି ଫଙ୍କସନରେ, ସିଏ ଥିଲେ ଆଗ ଧାଡିର ଦର୍ଶକ, ବଡ଼ ପ୍ରଶଂସକ। ଏମିତି ଫୁଲତୋଡାରେ ଶୁଭେଚ୍ଛା, ସମ୍ବର୍ଦ୍ଧନା, ପ୍ରଶଂସା ଭିତରେ କେତେବେଳେ ସଲିମ୍ ତା' ହୃଦୟରେ ଘର କରିଗଲେ ଜାଣି ପାରିଲାନି ସୁତପା। ଯେଉଁଦିନ ତା' ବାହାଘର ପାଇଁ ଆସିଥିବା ପ୍ରସ୍ତାବକୁ ସେ ବିରୋଧ କରିଥିଲା ଏବଂ ସଲିମଙ୍କ ସହ ତା' ପ୍ରେମ ସମ୍ପର୍କର ସ୍ୱୀକାରୋକ୍ତି କରିଥିଲା, ସେଦିନ ବଡ଼ ବିସ୍ଫୋରଣ ଘଟି ଯାଇଥିଲା ଘର ଭିତରେ।

ବୋଉ ଏତେବଡ ପାଟିରେ ଚିତ୍କାର କରି ଉଠିଲା - "ତପା..ତୁ କ'ଣ କଲୁ.. ଖାଣ୍ଟି ଓଡ଼ିଆ ଘରର ଝିଅ ହୋଇ..ସେ ପଠାଣ ପିଲାକୁ ବାହା ହେବୁ.. ତୋତେ ଟିକେ ଲାଜ ଲାଗୁନି...ଆମ ପରିବାର, ବଂଶ, ମର୍ଯ୍ୟାଦା ସବୁଥିରେ କଳଙ୍କ ବୋଳିଦେଲୁ... ମୋ ଘରୁ ବାହାରି ଯା...ଏଇ ମୂହୁର୍ତ୍ତରେତୋ' ସହ ଆମର ଆଉ କିଛି ସମ୍ପର୍କ ନାହିଁ..।" ରାଗରେ ଭର୍ତ୍ସନା କରି ଲୁଗାପଟା ସବୁ ବାହାରକୁ ଫୋପାଡ଼ି ଦେଇଥିଲା ବୋଉ। ରାତିର ସେଇ ନିର୍ଜ୍ଜନ, ଅନ୍ଧକାର ଭିତରେ କାନ୍ଦିକାନ୍ଦି ବାହାରି ଯାଇଥିଲା ସୁତପା, ସଲିମଙ୍କ ପାଖକୁ, ତାଙ୍କ ପ୍ରେମର ନୀଡକୁ।ଜଣେ ସମ୍ପର୍କୀୟ ମଉସାଙ୍କ ସାହାଯ୍ୟରେ ସେମାନଙ୍କ ବାହାଘର ମନ୍ଦିରରେ ସମାପନ ହୋଇଥିଲା ପରିବାର ଲୋକଙ୍କ ଅନୁପସ୍ଥିତିରେ।

ବାସର ରାତିରେ, ଦୀପର ମିଞ୍ଜି ମିଞ୍ଜି ଆଲୁଅରେ, ଆଖିରେ ଢଳଢଳ ହେଉଥିବା ଦୁଇ ଠୋପା ଲୁହକୁ ଆଦରରେ ପୋଛିଦେଇ ସଲିମ୍ କହିଥିଲେ - "ତପା, ଆଜିଠାରୁ ତମ ଆଖିରୁ କେବେ ଲୁହ ଝରିବାକୁ ଦେବିନି ମୁଁ, ତମର ସବୁ ଇଚ୍ଛା ପୂରଣ କରିବି..ପ୍ରମିଶ୍ କରୁଛି।"

ତା' ବାହାଘରର ଦୁଇଟି ସର୍ତ୍ତ ଥିଲା। ପ୍ରଥମତଃ ସେ ଛୁଆ ଜନ୍ମ କରି, ଘରସଂସାରର ଜଞ୍ଜାଳ ଭିତରେ ଛନ୍ଦି ହେବାକୁ ଚାହେଁନି। ଦ୍ୱିତୀୟ - ଓଡ଼ିଶୀ ନୃତ୍ୟରେ କ୍ୟାରିୟର୍ ଗଢିବାକୁ ଚାହେଁ। ସ୍ୱାମୀ ହିସାବରେ ତାର ସବୁ ସର୍ତ୍ତକୁ ମାନି ନେଇଛନ୍ତି ସଲିମ୍। ତାଙ୍କର ପ୍ରୋତ୍ସାହନ ଯୋଗୁଁ ବାଙ୍ଗାଲୋରରେ ଓଡ଼ିଶୀ ନୃତ୍ୟର ପ୍ରଚାର ଆଉ ପ୍ରସାର ଦିଗରେ ଅନେକ ନାଁ କମେଇଛି ସୁତପା। କେବଳ ଦେଶ କାହିଁକି ବିଦେଶରେ ବି ଓଡିଶୀ ନୃତ୍ୟଶିଳ୍ପୀ ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି ନିଜର। ବାହାଘରର ପାଞ୍ଚ ବର୍ଷ ପରେ ଅନାଥାଶ୍ରମରୁ ଝିଅଟିଏ ଆଣି ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିଛନ୍ତି ସେମାନେ। ଶ୍ରୁତିର ହସକାନ୍ଦ ଭିତରେ ଏବେ ସାଉଁଟୁଛନ୍ତି ଜୀବନର ସୁଖ ଆଉ ଦୁଃଖକୁ। ସଲିମ୍ ଙ୍କ ନିବିଡ଼ ପ୍ରେମ, ଓଡ଼ିଶୀ ନୃତ୍ୟରେ ଏତେ ସୁଖ୍ୟାତି ତଥା ସଫଳତା ଭିତରେ ବି ଶୂନ୍ୟତାର ରାଜୁତି ସେ ଅନୁଭବ କରେ ହୃଦୟର ଏକ ନିଭୃତ କୋଣରେ। ସେଇ ଶୂନ୍ୟତା କାହା ପାଇଁ, କଣ ପାଇଁ ଭାବିଦେଲେ ଭିଜିଯାଏ ଆଖିର ପରଦା।

- ତପା...ଦେଖିଲ କିଏ ଆସିଛନ୍ତି?

ବୋଉକୁ ସାଙ୍ଗରେ ଧରି ହସିହସି ଘର ଭିତରକୁ ପଶି ଆସିଲେ ସଲିମ୍। ଆଶ୍ଚର୍ଯ୍ୟରେ ଚାହିଁ ରହିଥିଲା ସୁତପା।

ଏଇ ବୋଉ ଦିନେ , ସଲିମଙ୍କ ସହ ତା' ସମ୍ପର୍କକୁ ବିରୋଧ କରି ଘରୁ କାଢି ଦେଇଥିଲା, ଆଜି ସଲିମ୍ ତାର ସବୁଠୁ ପ୍ରିୟ ଜ୍ୱାଇଁ ପୁଅ। ନିଜ ଜୀବନର ଏଇ ପଟ୍ଟ ପରିବର୍ତ୍ତନ ପଛରେ ଥିବା ଅଶ୍ରୁଳ ଅଧ୍ୟାୟର ସ୍ମୃତି ଚାରଣ କରି ଉଦାସ ହୋଇ ପଡୁଥିଲା ସୁତପା।

କରୋନାର କୋକୁଆ ଭୟ ଭିତରେ, ତାଙ୍କ ଘର ଉପରକୁ ମାଡ଼ି ଆସିଥିଲା କ୍ୟାନସର୍ ର କରାଳ କାୟା। ମୁମ୍ବାଇରେ ଚାକିରୀ କରୁଥିବା ବଡଭାଇ ସମୀର୍ ବ୍ରେନ୍ ଟ୍ୟୁମର ଦ୍ୱାରା ଆକ୍ରାନ୍ତ ଖବର ପାଇ ବ୍ୟଥିତ ହୋଇ ପଡ଼ିଥିଲେ ଉଭୟ ସଲିମ୍ ଏବଂ ସୁତପା। ନିଜର ଜଣେ ଛାତ୍ରୀର ସ୍ୱାମୀ ନ୍ୟୁରୋ ସର୍ଜନ୍, ଭାଇନାର ଅପରେସନ୍ ହୋଇ ପାରିବ, ଏଇ ବିଶ୍ୱାସରେ ସେମାନେ ତାଙ୍କୁ ନେଇ ଆସିଥିଲେ ବାଙ୍ଗାଲୋର୍। ଅପରେସନ ପରେ କିଛି ମାସ ହିଁ ବଞ୍ଚି ଥିଲା ଭାଇ। ସେଇ ସମୟରେ ସଲିମ୍ ଙ୍କ ସେବାଯତ୍ନରେ ମୁଗ୍ଧ ହୋଇ ଭାଇନା ଆଉ ଭାଉଜ ତାଙ୍କ ପ୍ରତି ଥିବା ଅସୂୟା ଭାବକୁ ଭୁଲି ଯାଇଥିଲେ। ଭାଇନାଙ୍କ

ମୃତ୍ୟୁ ପରେ ତାଙ୍କ ଘରର ବନ୍ଦ୍ ଦରଜା ଖୋଲି ଯାଇଥିଲା ସଲିମଙ୍କ ପାଇଁ, ଯିଏ ମୁସଲିମ୍ ହେଲେ ହେଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଥିଲା ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ। ଘରର ସବୁ ଦାୟିତ୍ୱ ସେ ଗ୍ରହଣ କରୁଥିଲେ ହସିହସି। ବୋଉର ଆଖି ଅପରେସନ ପାଇଁ ଭଲ ହସ୍ପିଟାଲ ଆଉ ଡାକ୍ତରଙ୍କୁ ଯୋଗାଯୋଗ କରି ନେଇ ଆସିଛନ୍ତି ଆଜି।

ସେଥିପାଇଁ ତ ବୋଉ ବେଳେବେଳେ କହେ - ସଲିମ୍ ମୋର ସାଲବେଗ। ବୋଉ କଥା ଶୁଣି ସୁତପା ସ୍ୱଗଃତୋକ୍ତି କରୁଥିଲା ମନେମନେ - ସଲିମ୍ ଆଉ ତା' ପ୍ରେମ...ଦୁହିଁଙ୍କ ମଧ୍ୟରେ ଏକ ମିଠା ବୁଝାମଣା ନୁହେଁ ତ ଆଉ କ'ଣ....?

କ୍ୱାଟର୍ ନଂ – ସି,୧-୧ / ୧,
ନ୍ୟୁ-ଗଭରନ୍‌ମେଣ୍ଟ କଲୋନୀ, ଭୁବନେଶ୍ୱର
ଫୋନ୍ ନଂ – ୯୪୩୭୩ ୩୬୯୫୫



# ଷୁଷମା ନାନୀ

ସୁନନ୍ଦା ମହାନ୍ତି





ଡାକ ବାକ୍ସରୁ ଚିଠି ପତ୍ର ଭିତରେ କିଛି ଅଫିସିଆଲ ଚିଠି ସାଙ୍ଗକୁ କିଛି ଘରୋଇ ଚିଠି ଥାଏ। ପିଇସୀ ନାନୀମାନଙ୍କ ଚିଠି ଜେଜେଙ୍କ ହାତକୁ ବଢ଼େଇ ଦିଅନ୍ତି ବାପା ଆଉ ପୁରୀରୁ ଆସିଥିବା ଚିଠିଗୁଡିକୁ ବୋଉ ହାତକୁ। କେବେ ଆଈ ଲେଖିଥାନ୍ତି ନିତା କେବେ ବଡ଼ ହେବ କେଜାଣି ମୋ ପାଖେ ରହି କଲେଜରେ ପଢିବ! ତ କେବେ ସାନମାମୁଁ ସବୁକଥା ଭିତରେ ବୋଉ ପାଖକୁ ଲେଖିଥାନ୍ତି ଅପା ନିତା ଏଇଠି ପଢିବ। ବାପା କିନ୍ତୁ ସେଦିନ ପଚାରୁଥିଲେ ନିତାକୁ ଯେ ତୁ ସୁଷମା ପରିଜାକୁ ଚିହ୍ନିଲୁ କେମିତି? ନିତା ଡରି ଡରି କହୁଥିଲା ସୁଷମା ପରିଜା କିଏ ବାପା! ମୁଁ ଚିହ୍ନିନି ତାଙ୍କୁ। ବାପା କହିଲେ ଚିହ୍ନିନୁ ତ ସେ ତୋ ପାଖକୁ ଚିଠି ଦେଲେ କେମିତି! ଦେଖି ଦେଖି କୋଉ ଚିଠି ବାପା। ବାପା ସେଦିନ ବଢ଼େଇ ଦେଇଥିଲେ ଗୋଟେ ସୁନ୍ଦର ଚିତ୍ରିତ ଇନଲାଣ୍ଡ ଲେଟର। ହଁ ବାପା ତୁମେ ଆଣିଦେଇଥିବା ପୂଜାସଂଖ୍ୟାର ଅନେକ ବହି ଭିତରୁ ପୌରୁଷ ବହିରେ ଏହି ନାନୀଙ୍କର ଫୋଟୋ ସହ ଠିକଣା ଥାଇ ପତ୍ରବନ୍ଧୁତା ପାଇଁ ଥିବା ନିବେଦନକୁ ଏଡେଇ ନଯାଇ ଚିଠିଟିଏ ଲେଖିଥିଲି। ତା ଉତ୍ତର ଏଇଟା। ବାପା ନିତା କଥାରେ କେତେଦୂର ସନ୍ତୁଷ୍ଟ ହୋଇଥିଲେ କି ନାହିଁ କେଜାଣି କିନ୍ତୁ ଆଣିଲୁ ଆଣିଲୁ ସେ ପୌରୁଷ ବହିଟିକୁ କହିଥିଲେ ଓ ପ୍ରମାଣ ପାଇସାରିବା ପରେ ସୁଷମା ନାନୀଙ୍କୁ ଦେଖି କହିଥିଲେ ସେ ଏମ୍ଏ କରୁଛି ବାଣୀବିହାରରେ ଆଉ ତୁ ନବମ ଶ୍ରେଣୀର ଛାତ୍ରୀ। ଇଏ କି ବନ୍ଧୁତା କେଜାଣି! ହଉ ନେ ତୋ ଚିଠି କହି ବାପା ନିତା ହାତକୁ ଚିଠିଟି ବଢ଼େଇ ଦେଇଥିଲେ। କି ଖୁସି ସେଦିନ ନିତାଙ୍କର! ଦେଖିଲୁ ଦେଖିଲୁ ବୋଉ ନାନୀଙ୍କ ଫଟୋ। କେଡେ ସୁନ୍ଦର କେତେ ଉଚ୍ଚ ଶିକ୍ଷାରେ ଥାଇ ମଧ୍ୟ ମୋ ପତ୍ର ବନ୍ଧୁତାକୁ ମାନିନେଇଛନ୍ତି। ବୋଉ କହୁଥିଲା ମୋ ଝିଅ ବି ବହୁତ ପଢିବ, ତାଠୁ ଆହୁରି ସୁନ୍ଦର, ଶୁଶିଳା ହୋଇ ବାସ ବିତରିବ। ସେଦିନ ନିତା ତା ବୋଉ ଉପରେ କୃତ୍ରିମ ହେଉ କି ଯାହା ବି ହେଉ ଭୀଷଣ କ୍ରୋଧ ପ୍ରକାଶ କରିଥିଲା। କହିଥିଲା ଏଇ ପରା ମାଆମାନଙ୍କ ଦୁର୍ଗୁଣ। ନିଜ ଝିଅ କୁ ରମ୍ଭା, ମେନକା କି ଉର୍ବଶୀ ଭାବିବେ ଆଉ ମୋଟେ ବୋର୍ଡ ପରୀକ୍ଷା

ଦେଇ ନଥିବା କି ମାଟ୍ରିକୁଲେଟ ବି ହୋଇନଥିବା ଝିଅକୁ ଜୋ।ଏନ।ୟୁ ରେ ପଢୁଥିଲା ଭଳି ଭାବିବେ।

ଚିଠିରେ ସୁଷମା ନାନୀ କେତେ କଥା ଲେଖିଥିଲେ। ତାଙ୍କ ଭାଇ, ଭଉଣୀ, ବାପା ଓ ମାଆଙ୍କ ବିଷୟରେ ଲେଖି ହଷ୍ଟେଲରେ ଥିବାରୁ ସେମାନଙ୍କୁ ମିସ କରୁଛନ୍ତି ବୋଲି ଲେଖିବା ସହ ମନଦେଇ ପଢ଼ ବନ୍ଧୁ ଲେଖିଥିଲେ। ଖୁସିରେ ସେଦିନ ପଟେ ଦିପଟ ଅଧିକା ରୁଟି ଖାଇଲା ବେଳେ ନିତାଙ୍କୁ ବୋଉ ତାଙ୍କର କହୁଥିଲେ ଆଜ୍ଜୁ କୋଉ ଗାଁରେ ଶାଶୁଘର ଲୋକ ରୁଟି ତରକାରୀ ଦେବେ କେଜାଣି!ବାପା ସେତେବେଳେ ନିତାଙ୍କୁ ତାଙ୍କ ଥାଳି ପଟକୁ ବୁଲିଯିବାକୁ କହି କ୍ଷୀର କଦଳୀ ଛେନା ବତୁରା ରୁଟି ସହ ଚାଖେଣା ଡ଼ାଲମା ଲଗେଇ ଖାଇବାକୁ କହିଲା ବେଳେ ଅନ୍ୟ ଭାଇ ଭଉଣୀ ସବୁ ବୋଉ ସାଙ୍ଗେ ପାଗ ପୁଗା କରି ତା ସହ ଚୂନ ଚୂନ କରି ଆଳୁ ଓ ଅଣ୍ଡା ଭୂଜିଆ ସହ ଖାଉଥିଲେ ପଖାଳ। ନିତା ଭାବୁଥିଲା ସତରେ ସେ କଣ କଲେଜ ରେ ପଢିପାରିବ! ବାପା ମନକଥା ବୁଝି କଥା ଛଡେଇ କହୁଥିଲେ ତୁ ଆଗେ ମାଟ୍ରିକ ପାଶ କରିଯା ଝିଅ ତା ପରେ କୋଉ କଲେଜରେ ପଢ଼ିବୁ ବୁଝିବା।ନିତା ସ୍ବପ୍ନ ଦେଖୁ ଦେଖୁ ଉତ୍ତର ଦେଉଥିଲେ ସୁଷମା ନାନୀ ଙ୍କୁ ଯେ ତୁମପରି ବହୁତ ପଢିବାକୁ ଚାହେଁ।ସେ ମଧ ପ୍ରତ୍ୟୁତ୍ତର ଦେଉଥିଲେ ହଁ ବନ୍ଧୁ।ମନ ଦେଇ ପଢ଼।ମତେ ନାନୀ ନକହି ବନ୍ଧୁ କୁହ କାରଣ ମୁଁ ମୋ ମନକଥା ସବୁ ତୁମକୁ କହିପାରିବି.କୁରୁଳି ଉଠୁଥିଲେ ନିତା ।

ଗାଁରେ ଯେତେବେଳେ ନିତା ସପ୍ତମ ବୋର୍ଡ ପରୀକ୍ଷା ଦେଇ ଏନ।ଆର।ଟି।ଏସ ପାଇଁ ଯୋଗ୍ୟ ହେଲେ, ଘରେ ଜେଜେଙ୍କର ଭାଳେଣି ପଡିଗଲା।ସେତେବେଳେ ଯୋଉମାନେ ଏନ।ଆର।ଟି ଏସ ପରୀକ୍ଷାରେ କୃତକାର୍ଯ୍ୟ ହେବେ ସେମାନେ ଜିଲ୍ଲା ସ୍ତରୀୟ ସ୍କୁଲରେ ପାଠ ପଢିଲେ ବୃତ୍ତି ପାଇବା ନିୟମ ଥିବାରୁ ବାପା ଯେତିକି ଆଶାବାଦୀ ଜେଜେ ସେତିକି ନିରାଶବାଦୀ ହୋଇ ଚଣ୍ଡୀ ମାଆଙ୍କୁ ଡାକୁଥିଲେ ଯେ ଶେଷକୁ ଏୟା ଚାହୁଁଛୁ ମାଆ ହରଚଣ୍ଡୀ!ମୋ ବା୍ୟାଣୀ ବନ୍ଧୁ କୁ ମୋ ଠାରୁ ଦୂରେଇ ଦେଏନା ମାଆ।ବାପାଙ୍କ ପ୍ରଣତି ବଦଳରେ ଜେଜେଙ୍କ ଇଚ୍ଛା ପୁରଣ ହେଲା।କୃତକାର୍ଯ୍ୟ କି ଅକୃତକାର୍ଯ୍ୟ ଅପେକ୍ଷା ପୁରୀ ଜିଲ୍ଲା ସ୍କୁଲ ହଷ୍ଟେଲରେ ରହିବା କୁ ବୋଉର ପସନ୍ଦ ନଥିଲା କି ମାମୁଁ ଘରେ ପୁରୀର ରଥ ସାହିରେ ରହି ପଢେଇବାର ଇଚ୍ଛା ବାପାଙ୍କର ନଥିଲା।ଜେଜେ ଖୁସ କାରଣ ତାଙ୍କ ବା୍ୟାଣୀ ବନ୍ଧୁ ତାଙ୍କ ପାଖେ ରହିବ ଗାଁରେ।ମାଟ୍ରିକ ପରୀକ୍ଷା ଦିନ ବାପା ଦାଣ୍ଡଦୁଆରେ ଥୋଇଥିବା ପୂର୍ଣ୍ଣକୁମ୍ଭ ରୁ ଆମ୍ବ ଡ଼ାଳ ଗାଈ ଭିଡି ନେଇ ଯାଇଥିଲା ତ ବାପା,ବୋଉ ଓ ଭାଇଭଉଣୀଙ୍କୁ ଯେତିକି ଗାଳି ଦେଇଥିଲେ ରେଜଲ୍ଟ ଆସିବାପରେ ସେତିକି ମିଠା ବାଣ୍ଟିଥିଲେ।ଜେଜେ କିନ୍ତୁ ବୁଝିଯାଇଥିଲେ ଏଥର ତାଙ୍କ ଜୀବନରୁ ନିତା ନାମ୍ନୀ ନାତୁଣୀ ବା୍ୟାଣୀ ବନ୍ଧୁର ବିଛେଦ। ଆଉ ନିତା ମସଗୁଲ ଥିଲେ ସେ ସୁଷମା ନାନୀଙ୍କ ପରି ବହୁତ ପଢି ଚାକିରୀ କରିବେ ଯୋଉଟା କରିନପାରି ସୁଷମା ପରିଜା ନାନୀ ବାହାଆହୋଇଗଲା ପରେ ଆଉ ଚିଠି ଲେଖୁନଥିଲେ ନିତାଙ୍କୁ ବନ୍ଧୁ ସମ୍ବୋଧନ କରି।

ସେଦିନ ପୁରୀ ସଂସ୍କୃତି ଭବନ କବିତା ଆସରର ଗୀତିକବିତା ସ୍ତବକ ସବୁ ସରିବା ପରେ ମଞ୍ଚରୁ ଓହ୍ଲାଇବା ସଙ୍ଗେ ସଙ୍ଗେ ଉପମଞ୍ଚ ଓ ତଳମଞ୍ଚରେ ବସିଥିବା ଜ୍ଞାନୀ, ଗୁଣୀ, ପ୍ରାଜ୍ଞ, ବିଜ୍ଞ ବ୍ୟକ୍ତିତ୍ୱମାନଙ୍କ ଭିତରେ ବରିଷ୍ଠ,କନିଷ୍ଠ ଓ ଜ୍ୟେଷ୍ଠ ନିର୍ବିବାଦରେ ଆଳାପ ଆଲୋଚନା ଜମି ଯାଇଥିଲା କାରଣ ମନୁଆଁ ଠାକୁର ଜଗନ୍ନାଥଙ୍କ ପାଖରୁ ଅବଢ଼ା ଆସୁଥିବା ଅପେକ୍ଷାରେ ସମୟର ଏ ନିୟନ୍ତି ନିର୍ଦ୍ଦେଶରେ ଏ ଆଳାପ ବଡ଼ ଆମୋଦ ପ୍ରଦାୟକ ଥିଲା। ହଠାତ କେହି କେହି ନିତାଙ୍କ ସହ ଫୋଟୋ ଉଠାଉଥିବା ବେଳେ ବରିଷ୍ଠ ଜଣେ

କେହି ପଚାରି ବସିଲେ ମତେ ଚିହ୍ନିଛନ୍ତି? ହଁ ମାରି ଖସି ପାରିଲେନି ନିତା ସେଦିନ କାରଣ ସେହି ବ୍ୟକ୍ତି ପୁଣି ପଚାରୁଥିଲେ କୋଉଠି ଦେଖିଛନ୍ତି କୁହନ୍ତୁ ତ! ଏଥର ହରଡ଼ଘଣାରେ ପଡିଲେ ନିତା। ଏମିତିରେ ଚିହ୍ନା ଚିହ୍ନା ଲାଗୁଥିଲେ ମଧ୍ୟ କିଏ ଓ ତାଙ୍କୁ କେବେ କେଉଁଠି କେତେବେଳେ ଦେଖିଛି ମନେ ପକାଇନପାରି ଅଶ୍ୱସ୍ତିବୋଧ ହେଲାବେଳେ ଭଦ୍ରବ୍ୟକ୍ତି କହୁଥିଲେ ଅନ୍ୟମାନଙ୍କୁ ନିର୍ଦ୍ଦେଶ କରି ଯେ ଏଙ୍କୁ ଚିହ୍ନନ୍ତି ଆପଣମାନେ! କିଏ କୋଉ ରୂପେ ତାଙ୍କ ପ୍ରଶ୍ନର ଉତ୍ତର ଦେଉଥିଲା ବେଳେ ନିତା ସେହି ବୟସ୍କ ଭଦ୍ରବ୍ୟକ୍ତିଙ୍କ ମୁହଁକୁ ଜଳ ଜଳ ଚାହିଁ ଭାବୁଥିଲେ ଦେଖିଛି କେଉଁଠି ନିଶ୍ଚୟ ହେଲେ କେଉଁଠି! ଜାଣିବାକୁ ଅନ୍ତରଙ୍ଗ ହୋଇ ଯେତେ ଜୁଆଡୁ ବୁଲେଇ ବଙ୍କେଇ କହିଲେ ମଧ୍ୟ ହାଲକା ଉତ୍ତର ଦେଇଥିଲେ ଭାଇନା ଯେ ଏମିତି ଆସରମାନଙ୍କରେ ଦେଖା ଆଉ କୋଉଠି!

ଭାଇନାଙ୍କ ମିଠା ମିଠା କଥା ଖଟା ଲାଗିଲା ନିତାଙ୍କୁ। ତାଙ୍କର ବି ସମୟ ସହିତ ବଢିଛି ବୟସ। ତାଙ୍କ ନିଜର ବୋଲି ବୟସ୍କ ବ୍ୟକ୍ତି ସମସ୍ତେ ପ୍ରାୟେ ଜେଜେ, ମାଆ, ବାପା,ବୋଉ, ଆଈ, ଅଜା ସମସ୍ତେ ବିଦାୟ ନେଲେଣି ଏ ଦୁନିଆଁରୁ ଏ ଭିତରୋତ ତାଙ୍କର ମଧ୍ୟ ମନେ ନରହିବା ସ୍ୱାଭାବିକ। ଅଭଡ଼ା ଆସିବା ଖବର ସହିତ ପେଟପାଟଣା ପାଇଁ ସ୍ଥାନ ନିରୂପଣ କରି ବସିବା ବେଳେ ପାଖରେ ସେହି ଭାଇନା। କିଛି କିଛି କଥା ଓ ସେଇ କେଇ ମୁହୂର୍ତ୍ତ ସବୁ ଭିତରେ ନିତାଙ୍କର ଗୋଟିଏ ଚିନ୍ତା। କୋଉଠି ଭେଟିଛି ଆଙ୍କୁ! ଏ ମହାଶୟ ମହୋଦୟ ଭାଇନା ଙ୍କୁ! କି ବିସ୍ମରଣ। ସେ କହି ଚାଲିଥିଲେ ନିତାଙ୍କର ସବୁ ଲେଖା ଗୁଡିକର ତାତ୍ତ୍ୱିକ ଭାବଧାରା ବିଷୟରେ ଓ ଉଖୁରେଇବାକୁ ଭୁଲି ନଥିଲେ ଯେ ପିଲାଦିନ, କଲେଜ ଦିନ ଇତ୍ୟାଦି ସବୁ ମନେ ରଖିଛ, ମତେ ଚିହ୍ନି ପାରୁନ! ନିତା ଖାଲି ହସିଦେଇଥିଲେ। ଠିକ ସେଦିନ ଯେମିତି ହସିଥିଲେ ବାପାଙ୍କ ଜେରା ପରେ। ବାପା ଯେବେ ପଚାରୁଥିଲେ ଏ ସୁଷମା ପରିଜା କିଏ? ତା ସହ ତୋର ବନ୍ଧୁତା ହେଲା କେମିତି? ପୌରୁଷରେ ତାଙ୍କ ଫଟୋ ଓ ଠିକଣା ପାଇ ଦେଇଦେଇଥିଲି ଚିଠି ଖଣ୍ଡେ ତ ବାପା କହିଥିଲେ ଆଣିଲୁ ସେ ପୌରୁଷ ବହି ଦେଖିବା। ବାପାଙ୍କୁ ବହି ଦେଲାପରେ ବାପା ଦେଖିଲେ, ପରଖିଲେ ତା ପରେ ଚିଠି ଦେଇଥିଲେ ହାତକୁ ନିତାଙ୍କର ଆଉ ନିତା ହସିଥିଲେ ଏଇ ହସ। ମୋ ଉପରେ ବିଶ୍ୱାସ ରଖ ବାପା, ମୁଁ ତୁମ ଝିଅ, ଜେଜେଙ୍କ ବାୟାଣୀବନ୍ଧୁ ଆଉ ବୋଉର ବଡ଼ଝିଅ। ବାପା ହସିଥିଲେ ଠିକ ନିତାଙ୍କ ପୋଷ୍ଟିଙ୍ଗ ବେଳେ ମଧ୍ୟ ସେମିତି ହସିଥିଲେ ବାପା କିନ୍ତୁ ଜେଜେ ନଥିଲେ ଆଉ ବାୟାଣୀବନ୍ଧୁ ଡାକିବାକୁ। ବାହାଘର ଦିନ ଏତେ କାନ୍ଦିଥିଲେ ବାପା ସେକଥା ଭାବୁ ଭାବୁ ଲୁହ ଟୋପା ଗୁଡିକ ଖସିପଡୁଥିଲା ଆଖିରୁ ତ କେହି ପଚାରୁଥିଲେ ସରିଲାଣି ଆପଣଙ୍କର ଖାଇବା ଆଜ୍ଞା! ହଁ ହଁ କହି ଉଠିବା ବେଳକୁ ଖୋଜୁଥିଲି ସେହି ଭଦ୍ରବ୍ୟକ୍ତିଙ୍କୁ। ସେ ନିତାଙ୍କ ବନ୍ଧୁ ସୁଷମା ପରିଜାଙ୍କ ସ୍ୱାମୀ। ବହୁତ ଥର ନାନୀ ପଠେଇଥିବା ସେ ଫଟୋ ଦେଖି ଦେଖି କୋଉଠି ଦେଖିଲା ପରି ଲାଗୁଛନ୍ତି ପରି ମନେହେଉଥିଲା ତ ଦୌଡ଼ିଲେ ନିତା ବାହାରକୁ। ଭାଇନା ନଥିଲେ। ହାତ ଧୋଇବା ଗହଳି ସ୍ଥାନରେ ମଧ୍ୟ ନଥିଲେ। ତ ବାହାରକୁ ଆସି କାରରେ ବସିବାକୁ ଉଦ୍ୟତ ହେଲାବେଳେ ଭାଇନାଙ୍କୁ କହିଲେ ନିତା ଚିହ୍ନିଲି ଭାଇନା ଆପଣ ମୋ ବନ୍ଧୁପତି। ସେ ହସିଲେ ମଳିନ ହସ ଓ କହିଲେ ସେ ଆଉ ନାହିଁ। ନିତାଙ୍କ କାନ୍ଧରୁ ଉତ୍ତରୀୟଟି ଖସିପଡ଼ିଥିଲା ଓ ସମ୍ବର୍ଦ୍ଧନା ଫଳକଟି ଖସି ଯାଇ ଭାଙ୍ଗି ଚୁରମାର ହୋଇଯାଇଥିଲା ।

ସାକ୍ଷୀଗୋପାଳ, ପୁରୀ
ମୋ:୯୦୪୦୯୭୭୩୨୭

# ଲିଭ-ଇନ୍-ରିଲଲେସନସିପ

ଶ୍ରୀମତୀ ପ୍ରତିମା ମିଶ୍ର



ସମାଜରେ ଆମେ ସମସ୍ତେ ସଂପର୍କରେ ହିଁ ବଞ୍ଚୁଛେ।ସ୍ୱାମୀ ସ୍ତ୍ରୀର ସଂପର୍କ,ମାଆ ପୁଅର ସଂପର୍କ, ଦିଅର ଭାଉଜର ସଂପର୍କ, ମାମୁଁ ଭାଣେଜୀର ସଂପର୍କ, ଖୁଡୀ ପୁତୁରାର ସଂପର୍କ, ଶାଶୁ ବୋହୁର ସଂପର୍କ, ଜେଜେମା ତଥା ଆଈ ସହ ନାତି ନାତୁଣୀଙ୍କର ସଂପର୍କ ଇତ୍ୟାଦି ଇତ୍ୟାଦି ସଂପର୍କର ମୂଳ କାରଣ ହେଲା ବିବାହ ଭଳି ଏକ ସାମାଜିକ ବନ୍ଧନ। ବି-ବା-ହ (ବିଶେଷ ଭାବେ ବହନ କରିବା) ଏ ତିନୋଟି ଶବ୍ଦ ନ ଥିଲେ ଏସବୁ ସଂପର୍କ ର କୌଣସି ମୂଲ୍ୟ ହିଁ ନାହିଁ। ବର୍ତ୍ତମାନ ଯୁବ ପିଢିଙ୍କ ଭିତରେ ଏଭଳି ଏକ ମାନସିକତା ସୃଷ୍ଟି ହୋଇଛି ଆମେ ବିବାହ କରିବାନି ଅଥଚ ଲିଭ୍ ଇନ୍ ରିଲେସନ୍ ସିପ୍ ରେ ରହିବା ଅର୍ଥାତ୍ ସ୍ୱାମୀ ସ୍ତ୍ରୀ ର ସଂପର୍କ ରେ ବଞ୍ଚିବା। କେହି କାହାର ଦାୟିତ୍ୱ ଗ୍ରହଣ କରିବାନି, ସଂପର୍କକୁ ବଢିବାକୁ ଦେବାନି ଅଥଚ ସାବଧାନତା ର ସହ ସ୍ୱାମୀ ସ୍ତ୍ରୀର ସଂପର୍କ ରେ ବଞ୍ଚିବା, ଯଦି ଅସାବଧାନତା ଯୋଗୁଁ ସଂପର୍କ ବଢି ଗଲା ଆଉ ଭାବପ୍ରବଣତା ଯୋଗୁଁ ଅନାଗତର ଉପସ୍ଥିତିକୁ ଅବାଞ୍ଛିତ କରି ହେଲା ନାହିଁ ତେବେ ତାର ଦାୟିତ୍ୱ କିଏ ବହନ କରିବ?

ଯୁକ୍ତିତର୍କ ,ବାକ୍ ବିତଣ୍ଡା ଭିତରେ ପୁରୁଷ ଓ ସ୍ତ୍ରୀ ଉଭୟେ ଉଭୟଙ୍କୁ ଦୋଷ ଦିଅନ୍ତି, ଯଦି କେହି ଶିଶୁଟିର ଦାୟିତ୍ୱ ଗ୍ରହଣ କରିବାକୁ ରାଜି ନ ହୁଅନ୍ତି ତେବେ ଶିଶୁଟି ଅନାଥାଳୟର କୋଳମଣ୍ଡନ କରେ। ଆଜି କାଲିର ଯୁବକ ଯୁବତୀ ବିବାହ କରି ପରସ୍ପର ପ୍ରେମ, ସ୍ନେହ, ଶ୍ରଦ୍ଧାର ବଳୟ ଭିତରେ କୁଳବା ବଂଶ ବୃଦ୍ଧି କରି ସମାଜରେ ପରିବାର ପ୍ରତିଷ୍ଠା କରିବାକୁ ଇଚ୍ଛୁକ ନୁହଁନ୍ତି। ସ୍ୱାମୀ ସ୍ତ୍ରୀର ସଂପର୍କରେ ମୁକ୍ତ ଭାବରେ ବଂଚିବେ, ଏଭଳି ହେଲେ ପୃଥିବୀରେ ପରିବାର ବାଦ ଲୋପ ହୋଇଯିବ। ପ୍ରେମ, ସ୍ନେହ, ଶ୍ରଦ୍ଧା ଆପଣାପଣ ଏସବୁ କାହାରି ଭିତରେ ରହିବନି, ସାମୟିକ ଆବଶ୍ୟକତା ମନୁଷ୍ୟକୁ ଅସୁରତ୍ୱ ଆଡକୁ ଟାଣି ନେଇଯିବ। ପରିଶେଷରେ ମନୁଷ୍ୟ ଜାତି ହିଁ ଧୀରେ ଧୀରେ ଲୋପ ପାଇଯିବ।

ବେଳ ଥାଉଁ ଥାଉଁ ବନ୍ଧ ବାନ୍ଧିବା ଦରକାର। ଶିକ୍ଷା ସମାପ୍ତ ହେଲା ବେଳକୁ ପିଲାଙ୍କର ବୟସ ଅତିକ୍ରାନ୍ତ ହେଉଛି। ଉଚ୍ଚ ଶିକ୍ଷିତ ଯୁବପିଢି ସ୍ୱାମୀ ସ୍ତ୍ରୀର ସଂପର୍କରେ ବଂଚିବାକୁ ଚାହୁଁଛନ୍ତି ସେମାନେ ବଞ୍ଚନ୍ତୁ। କିନ୍ତୁ ପରିଶେଷରେ ବିବାହ ଭଳି ଏକ ସାମାଜିକ ବନ୍ଧନରେ ବାନ୍ଧି ହୁଅନ୍ତୁ। ଅଭିଭାବକ ମାନଙ୍କର ସେମାନଙ୍କ ପ୍ରତି ନରମ ମନୋଭାବ ରହୁ।

ସୃଷ୍ଟି ନିଳୟ, ଡୁମୁଡୁମା, ଭୁବନେଶ୍ୱର

# ସୁନାମଣୀର ସ୍ୱପ୍ନ

ଶ୍ରୀମତୀ ଗୋପା ଦାସ





ଗରିବ ଆଦିବାସୀ ପରିବାରର ଝିଅ ସୁନାମଣୀ। ପିଲାଦିନରୁ ମା ବାପା ଛେଉଣ୍ଡ। ଗାଁ ରେ ଥିବା ଆଦିବାସୀ ଡାକ୍ତରଖାନା ସଫା ସୁତୁରା ଓଳାପୋଛା କରେ ଡାକ୍ତର ବାବୁ ଙ୍କ ବୋଲହାକ କରେ ଓ ଡାକ୍ତରଖାନା କମ୍ପାଉଣ୍ଡ ପାଖରେ ଥିବା ଆଦିବାସୀ ସ୍କୁଲ ରେ ପଢେ ଓ ସେଇଠି ରୁହେ।ନୂଆ ଡାକ୍ତରବାବୁ ଆଦିବାସୀ ମାନଂକୁ ଦେବତା ଜ୍ଞାନ କରନ୍ତି ଓ ସେମାନଙ୍କ ଦେହ ଖରାପ ହେଲେ ମନ ଧ୍ୟାନ ଦେଇ ସେବା କରନ୍ତି। ଅଧିକ ଦେହ ଖରାପ ହେଲେ ଭୁବନେଶ୍ୱର ରେ ଥିବା ଡାକ୍ତରଖାନା କୁ ପଠାଇ ମାଗଣା ଚିକିତ୍ସା ବ୍ୟବସ୍ଥା କରନ୍ତି। ଟିକେ ବଡ ହେଲାପରେ ତା ଆଦିବାସୀ ସମ୍ପ୍ରଦାୟ ଗୁରୁଜନ ତାକୁ ଗାଁ ପାଖ ଚିଦାରାମ ସହ ଆଦିବାସୀ ପରମ୍ପରା ଅନୁସାରେ ବିବାହ କରିଦେଲେ।

ଚିଦାରାମ ଗରିବ ହେଲେବି ତାର ମଣିଷପଣିଆ ଅଛି ତା ସହ ତା ବୁଢା ମାଆ ବାପ ରୁହନ୍ତି। ସେ ନିଜେ ବାପା ମାଆଙ୍କ ଖାଇବା ପିଇବା ବୁଝିବା ସହ ତାଙ୍କ ସେବାଶୁଶ୍ରୁଷା କରେ। ସୁନାମଣୀ ଆସିବା ପରେ ଘରର ସବୁ ଦାଇତ୍ୱ ନେବା ସହ ବୁଢ଼ା ମା ବାପା ଓ ଚିଦାରାମ କଥା ବୁଝେ। ଘରଟିକୁ ସୁନା କରି ରଖିଥାଏ। କିଛିଦିନ ପରେ ସୁନାମଣୀ ମାଆ ହେବାକୁ ଯାଉଛି ଜଣାପଡିଲା। ସୁଖର ସଂସାର ଆଗେଇଚାଲିଥାଏ। ସୁନାମଣୀର ସ୍ୱପ୍ନ ଯଦି ପୁଅ ହୁଏ ତେବେ ବଡହେଲେ ତାକୁ ଡାକ୍ତରବାବୁ ଙ୍କ ପରି ଡାକ୍ତର କରିବ ଓ ରୋଗୀସେବା କରିବ। ଏଇ କଥା ଅନେକ ଥର ଚିଦାରାମକୁ କୁହେ। ସ୍ୱପ୍ନ ଅସୁମାରୀ। ବୁଢ଼ା ମା ବାପାଙ୍କ ଦେହ ଆସ୍ତେ ଆସ୍ତେ ବାର୍ଦ୍ଧକ୍ୟ ଯୋଗୁଁ ବେଶୀ ଖରାପ ହୋଇ ବିଛଣା ଧରିଲେଣି। ପାରୁ ପର୍ଯ୍ୟନ୍ତ ସୁନାମଣୀ ସେବା କରେ। ଯଥା ସମୟ ରେ ସୁନାମଣୀର ପୁଅ ହେଲା ଓ ସ୍ନେହରେ ନାମ ରଖାଗଲା ରାମଲୁ। ସୁଖ ସଂସାରରେ ନଜର ଲାଗିଲାପରି ପୁଅ ଜନ୍ମ ପରେ ହଠାତ ସୁନାମଣୀ ଆରପାରିକୁ ଚଳିଗଲା।

ଚିଦାରାମକୁଚତୁର୍ଦ୍ଦିଗଅନ୍ଧାରଦିଶିଲା।ତଥାପି ସେ ନିଜେ ପୁଅର ଯତ୍ନ ନେବାସହ ବୁଢା ମା'ବାପାଙ୍କ ଯତ୍ନ ନେଲା ଦ୍ୱିତୀୟ ବିବାହ କଥା ମନରୁ ପୋଛିଦେଲା ରାମଲୁ ପାଇଁ ! କେମିତି ରାମଲୁ ମଣିଷ ହେବ। ଗାଁ ରେ ଥିବା ଆଦିବାସୀ ଆଶ୍ରମସ୍କୁଲର ଗୁରୁମାଙ୍କ ସହ ସର୍ବଦା ପରାମର୍ଶ କରେ। ଟିକେ ବଡ଼ ହେଲାରୁ ଆଶ୍ରମସ୍କୁଲରେ ନାମ ଲେଖାଏ। ଏ ମଧ୍ୟରେ ବୁଢା ମା ବାପା ମଧ୍ୟ ଆରପାରିକୁଚାଲିଗଲେଣି।ଚିଦାରାମଆଶ୍ରମସ୍କୁଲର ସବୁ କାମଦାମ କରେ ଓ ରାମଲୁକୁ ଦେଖେ। ଆଶ୍ରମ ସ୍କୁଲର ପରିବା ଚାଷ, ଗାଈ ପାଳିବା ଓ ବଗିଚାର ଯତ୍ନ ନିଏ ଚିଦାରାମ। ଗୁରୁମାଙ୍କ ତତ୍ତ୍ୱାବଧାନରେ ରାମଲୁ ଖୁବ ଭଲ ପଢିବା ସହ ସଂସ୍କାରି ଓ ଭଦ୍ର ପିଲାଟିଏ। ଗୁରୁମାଙ୍କ ଆଜ୍ଞାଧୀନ ଛାତ୍ର। ଏ ମଧ୍ୟରେ ଚିଦାରାମର ଦେହ ଅସୁସ୍ଥ ହେଲା ଜଣା ପଡିଲା କ୍ୟାନ୍ସର। ଡାକ୍ତରବାବୁଙ୍କ ଠାରୁ ଔଷଧ ଖାଇଲେ ସୁଦ୍ଧା କିଛି ଭଲ ହେଲାଣି। ରାମୁଲୁ ଏବର୍ଷ ହାଇସ୍କୁଲ ପରୀକ୍ଷା ଦେବ ଗୁରୁମାଙ୍କ ଦେଖାରଖା ଖୁବ ବଢିଯାଇଥାଏ। ରେଜଲ୍ଟ ବାହାରିବାଦିନ ସର୍ବୋଚ୍ଚ ନମ୍ବର ରଖି ପାସ କରିଥାଏ ରାମଲୁ। ଗୁରୁମାଙ୍କୁ ଚିଦାରାମ ମା ସୁନାମଣୀର ସ୍ୱପ୍ନ କଥା ବାରମ୍ବାର କହିଥାଏ। ପୁଅ ଡାକ୍ତର ହେବ... ସ୍ୱପ୍ନ ସୁନାମଣୀ ର...।

ଗୁରୁମା ଆଶ୍ରମସ୍କୁଲ ପ୍ରତିଷ୍ଠାତା ସାମନ୍ତସାରଙ୍କ ସହ କଥାବାର୍ତ୍ତା କରି ରାମଲୁର ପଢା ଭୁବନେଶ୍ୱର ବଡ଼ କଲେଜରେ କରେଇଥାନ୍ତି ତା ପୁଣି ସମ୍ପୂର୍ଣ୍ଣ ମାଗଣା। ଗୁରୁମା ରାମଲୁ ମା ସୁନାମଣୀର ସ୍ୱପ୍ନ କଥା କହିବା ସହ ବାପା ଚିଦାରାମ କ୍ୟାନ୍ସର ଶେଷ ଅବସ୍ଥା ମଧ୍ଯ କହିଥାନ୍ତି। ଉଦାରହୃଦୟ ସାମନ୍ତସାର ସମସ୍ତ ପଢା ଖର୍ଚ୍ଚ ଓ ରାମଲୁର ଦାଇତ୍ୱ ନେବେ କଥା ଦେଇଥାନ୍ତି। +2ପରୀକ୍ଷାରେ ମଧ ରାମଲୁ ସର୍ବୋଚ୍ଚ ନମ୍ବର ରଖି ପାସ କରିଛି କିନ୍ତୁ ଦେଖିବାକୁ ଚିଦାରାମ ଆଉ ନାହିଁ। ଇତି ମଧ୍ୟରେ ଆରପାରିରେ।

ସାମନ୍ତସାରଙ୍କ ଉଦ୍ୟମ ଓ ସହାୟତାରେ ରାମଲୁ କୀମସ ମେଡିକାଲ କଲେଜରେ ନାମ ଲେଖାଇଛି। ପୁଣି ସମ୍ପୂର୍ଣ ମାଗଣା। ସାମନ୍ତସାର ଙ୍କୁ ବାପା ମାନି ନେଇଛି ରାମଲୁ। 5ବର୍ଷ ପରେ ଆଦିବାସୀ ପୁଅ ରାମୁଲୁ ଆଜି ଡାକ୍ତର ରାମ।

ଡାକ୍ତର ରାମ ଆଜି ଫେରି ଆସିଛନ୍ତି ନିଜ ଗାଁ କୁ। ଡାକ୍ତରଖାନାଟିଏ ଖୋଲିଛନ୍ତି। ଉଦଘାଟନ ଉତ୍ସବରେ ସାମନ୍ତସାର, ଗୁରୁମା ଓ ସମସ୍ତ ଗ୍ରାମବାସୀ। ଖୁବ ଉତ୍ସାହିତ ସମସ୍ତେ। ଉଦଘାଟନ ଉତ୍ସବରେ ଗୁରୁମା ସୁନାମଣୀର ସ୍ୱପ୍ନ! ସୁନାମଣୀ ର ସ୍ୱପ୍ନ! କହିବାକୁ ଥକୁ ନ ଥାନ୍ତି। ସାମନ୍ତସାର ଉଦଘାଟନ କରି ଆଶୀର୍ବାଦ କରି ନାମ ଦେଇଛନ୍ତି "ସୁନାମଣୀ ଦାତବ୍ୟ ଚିକିତ୍ସାଳୟ"।

ସୁନାମଣୀର ସ୍ୱପ୍ନ ଆଜି ପୂରଣ ହୋଇଛି। ମା ସୁନାମଣୀ ଓ ବାପା ଚିଦାରାମଙ୍କ ଫଟୋରେ ଫୁଲମାଳ ଦେଇ କାନ୍ଦି ପକାଉଛନ୍ତି ଡାକ୍ତର ରାମ। ଗୁରୁମା ଓ ସାମନ୍ତସାରଙ୍କୁ ପାଛୋଟି ନେଇ ଜୁହାର ହେଉଛନ୍ତି ଡାକ୍ତର ରାମ।

ଆଶୀର୍ବାଦ, କଠିନ ପରିଶ୍ରମ ଓ ସର୍ବୋପରି ସୁନାମଣୀ ର ସ୍ୱପ୍ନ ବିନା କଣ ଏ ସମ୍ଭବ...!

କଟକ

# ବହ୍ନିକନ୍ୟା ପାର୍ବତୀଗିରି

ଶ୍ରୀମତୀ ବାସନ୍ତି ବାରିକ





ମହାନ ସମାଜ ସେବୀ, ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରି କେବଳ ଜଣେ ବ୍ୟକ୍ତି ନଥିଲେ ସେ ଥିଲେ ସେବା ସହାୟତା ଓ ସମର୍ପଣର ଅନେକ ଅନୁଷ୍ଠାନ,ତ୍ୟାଗ ତପସ୍ୟାର ସିଦ୍ଧ ତପସ୍ୱିନୀ, ନିରାଶ୍ରୟଙ୍କ ଆଶ୍ରୟ ଦାତ୍ରୀ, ଅସହାୟଙ୍କ ଜନନୀ ତଥା ପଶ୍ଚିମ ଓଡିଶାର ମୂର୍ତ୍ତିମତୀ ମଦର୍ ଟେରେସା । ବାଲ୍ୟ ଜୀବନରୁ ମହାତ୍ମାଗାନ୍ଧୀ, ଆଚାର୍ଯ୍ୟ ବିନୋବା ଭାବେ, ମାଳତୀ ଚୌଧୁରୀ,ପ୍ରାଣକୃଷ୍ଣ ପଢ଼ିହାରୀ, ମା' ରମାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱାଧୀନତା ସଂଗ୍ରାମ, ସମାଜସେବା, ଜନଜାତି କଲ୍ୟାଣ ଆଦି ମହତ୍ କାର୍ଯ୍ୟରେ ନିଜକୁ ସାରାଜୀବନ ସମର୍ପିତ କରିଥିଲେ ।

ଓଡ଼ିଶାର ସମ୍ବଲପୁର ଜିଲ୍ଲାର ବିଜେପୁରର ସମଲେଇ ପଦର ଗ୍ରାମର ଧନଞ୍ଜୟ ଗିରି ଓ ଗିରିଜାଙ୍କ ସୁଯୋଗ୍ୟା କନ୍ୟା ପାର୍ବତୀ ୧୯-୦୧-୧୯୨୬ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଅର୍ଥାଭାବ କାରଣରୁ ତୃତୀୟ ଶ୍ରେଣୀରୁ ଶିକ୍ଷାର ଡୋରି ବାନ୍ଧିଥିଲେ । ମାତ୍ର ବାର ବର୍ଷ ବୟସରେ କଂଗ୍ରେସ ନେତା କକା ରାମଚନ୍ଦ୍ର ଗିରିଙ୍କ ପ୍ରେରଣାରେ ସତ୍ୟାଗ୍ରହ ଓ ସ୍ୱାଧୀନତା ସଂଗ୍ରାମ ଆଡକୁ ଆକୃଷ୍ଟ ହୋଇ ଷୋହଳ ବର୍ଷ ବୟସରେ ମହାତ୍ମା ଗାନ୍ଧୀଙ୍କ ଭାରତଛାଡ଼ ଆନ୍ଦୋଳନରେ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବ୍ରିଟିଶ ସରକାର ବିରୁଦ୍ଧରେ ବିପ୍ଳବର ଅଗ୍ନି ବର୍ଷି ଶାଣିତ ସ୍ୱର ଉତ୍ତୋଳନ କରି ଦୁଇବର୍ଷ କାରାବରଣ କରିଥିଲେ । ପରବର୍ତ୍ତୀ ସମୟରେ ବାର ବର୍ଷ ବୟସରେ ୧୯୫୦ ମସିହାରେ ଆଲ୍ଲାହାବାଦ ସ୍ଥିତ ପ୍ରୟାଗ ମହିଳା ବିଦ୍ୟାପୀଠର ସ୍କୁଲ ଶିକ୍ଷା ସମାପ୍ତ କରିବା ସହିତ ସମଗ୍ର ଜୀବନ, ଶିକ୍ଷା, ସାଧନା ଓ ସେବାରେ ନିଜକୁ ନିୟୋଜିତ କରିଥିଲେ ।

ଦେଶ ସ୍ୱାଧୀନତା ପ୍ରାପ୍ତିପରେ ମା' ରମାଦେବୀଙ୍କ ଡାକରାରେ ଯାଜପୁର ଜିଲ୍ଲାର ବରି ଆଶ୍ରମରେ ଯୋଗଦେଇ ବନ୍ୟା ବିପନ୍ନଙ୍କୁ

ରିଲିଫ୍ ବଣ୍ଟନ ତଥା ବିଭିନ୍ନ ଲୋକହିତକର କାର୍ଯ୍ୟରେ ସହଯୋଗ କରିଥିଲେ । ୧୯୫୫ ମସିହାରେ ଅସହାୟ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ସମ୍ବଲପୁରର ଆମେରିକାନ୍ ହେଲଥ୍‌ଓ ହାଇଜିନ୍ ଅନୁଷ୍ଠାନରେ ସେବା କାର୍ଯ୍ୟରେ ଯୋଗ ଦେଇଥିଲେ । ଏହା ସହିତ ସମ୍ବଲପୁରର ପାଇକମାଳ ଠାରେ ପ୍ରତିଷ୍ଠିତ ଏକ ଅନାଥାଶ୍ରମରେ ଅବଶିଷ୍ଟ ଜୀବନ ରହି ନିରାଶ୍ରୟ ଓ ଅସହାୟମାନଙ୍କ ସେବାରେ ନିୟୋଜିତ କରିଥିଲେ । ଏତଦ୍ ଭିନ୍ନ ପାର୍ବତୀ ସମ୍ବଲପୁର ଜିଲ୍ଲାର ନୃସିଂହ ନାଥ ଠାରେ କସ୍ତୁରବା ଗାନ୍ଧୀ ମାତୃ ନିକେତନ, ନିର୍ଯ୍ୟାତିତା, ପରିତ୍ୟକ୍ତା ଓ ପତିତା ମାନଙ୍କ ପାଇଁ ଜୁଜୁମରା ବ୍ଲକ୍ ବୈରିସିଂଗଡ ଠାରେ ଡଃ ଶାନ୍ତା ବାଲ୍ ନିକେତନ ପ୍ରତିଷ୍ଠା କରିଥିଲେ । ପାର୍ବତୀ ମଧ୍ଯ ଜେଲ୍ ର ଉନ୍ନତି କରଣ ଓ କୁଷ୍ଠ ରୋଗ ନିରାକରଣ ପାଇଁ ନିଜକୁ ନିୟୋଜିତ କରିଥିଲେ ।

ତାଙ୍କର ସାଙ୍ଗଠନିକ ଦକ୍ଷତା, ନିରବିଚ୍ଛିନ୍ନ ସଂଗ୍ରାମ, ନିସ୍ୱାର୍ଥପର ଜନସେବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୯୯୮ ମସିହାରେ କୁଳାଧିପତି ଓଡ଼ିଶାର ତତ୍କାଳୀନ ମହାମହିମ ରାଜ୍ୟପାଳ ସି.ରଙ୍ଗରାଜନଙ୍କ ଦ୍ୱାରା ସମ୍ମାନ ଜନକ ଡକ୍ଟରେଟ ଲାଭ କରିଥିଲେ । ୧୯୮୪ ମସିହାରେ ଭାରତ ସରକାରଙ୍କ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ସମ୍ମାନିତ ହେବା ସଙ୍ଗେସଙ୍ଗେ ୨୦୧୬ ମସିହା ଡିସେମ୍ବର ମାସରେ ରାଜ୍ୟ ସରକାରଙ୍କ ମଞ୍ଜୁରୀ କ୍ରମେ ସମ୍ବଲପୁରର ବୃହତ୍ ଉଠାଜଳସେଚନ ପ୍ରୋଜେକ୍ଟକୁ "ପାର୍ବତୀ ଗିରି ଜଳସେଚନ ପ୍ରକଳ୍ପ" ନାମରେ ନାମିତ କରା ଯାଇଥିଲା ।

ପରୋପକାରାୟ ସ୍ୱର୍ଗୀୟ ଆଦର୍ଶରେ ଅନୁପ୍ରାଣିତ,ତ୍ୟାଗତୀତିକ୍ଷାରତପସ୍ୱିନୀ,ଯୋଗଜନ୍ମା ବରପୁତ୍ରୀ ,ଓଡିଶା ମାଟିର ମଦର୍ ଟେରେସା,ବହ୍ନି କନ୍ୟା ପାର୍ବତୀ ଗିରିଙ୍କର ତା:୧୭ - ୦୮- ୧୯୯୫ ମସିହାରେ ମହା ପ୍ରୟାଣ ହୋଇଥିଲା ।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୬୩୭୨୦୮୪୭୧୫



# ଅଣୁ ସ୍ୱାଧୀନତା

ଶ୍ରୀମତୀ ଶୈଳାଧିରାଜତନୟା ଶତପଥୀ



[୧]

ସକାଳୁ ସକାଳୁ 5 ବର୍ଷର ପୁନିଆ ଘର ସାରା ଉଣ୍ଡାଳି ପକେଇ ଜେଜି ମା'ର ପୁଟୁଳି ରୁ ଆବିଷ୍କାର କଲା ଧୋବ ଫରଫର ସ୍କୁଲ ଜାମା ଖଣ୍ଡକ । ତରତର ହେଇ ସ୍କୁଲ ବାହାରିଲା । ଘରେ ମା ନାହିଁ କାମକୁ ଯାଇଛି । 80 ବର୍ଷର ଜେଜିମା କହୁଛି ଆରେ ଆଜି ସକାଳୁ କୁଆଡେ ଯାଉଚୁ? ପୁଣି ନୂଆ ଜାମା ଟାକୁ ନାଇପକେଇ ! ମା ଆସିଲେ ଗେରେଗେରେ ହବ । କଣ ଦିଟା ପାଟିରେ ପକେଇ ଥାନ୍ତୁ । ମା ତ ନାହିଁ.. ମୁଁ ଦେଖେ କଣ ଅଛି... ହେଲେ ପୁନିଆ କି ଆଉ ଶୁଣିବାର । କାଲି ହେମା, କୁଣ୍ଡୁ ହେରିକା କଥା ହଉଥିଲେ ଆଜି ଇସ୍କୁଲ ଗଲେ କୁଆଡେ ଲଡ୍ଡୁ ମିଳିବ । ଆଉରି କେତେ ରକମର ଖାଇବା ମିଳିବ ।ହେତ ମୋର କଣ ନାଁ ଟା ପାଟିରେ ପଶୁଛି । କିନ୍ତୁ ଭାରି ସୁଆଦିଆ ବୋଲି ଶୁଣିଚି । ଆଗ ଇସ୍କୁଲ ରେ ପହଂଚି ଗଲେ ଯାଏ । ଆଉ ଯଦି ଡେରି ହୁଏ ତା ଭାଗ ଟା ସରିଯାଇଥିବ.. ନା ମ ସେ ଥିଲାଗି ତ ସେ ଆଜି ସଅଳ ପଳେଇଆସିଛି । କୁନି କୁନି ପାଦ ରେ ଲମ୍ବା ଲମ୍ବା ପାହୁଣ୍ଡ ପକେଇ ଏକରକମ ଦୌଡିଲା ସେ । ଯଦି ହୁଏ ତା ଟିକି ଭଉଣୀ ଚେମି ପାଇଁ ବି ଗୋଟେ ନେଇଆସିବ । ମାଷ୍ଟ୍ରେଙ୍କୁ ନେହୁରା ହବ ପଛେ ଯେମିତି ହଉ ଆଣିବ । ଇସ୍କୁଲ ସଜା ହେଇଛି । ନାଲି ନେଳି କାଗଜ ଲାଗିଛି । ଫୁଲ ପତର ବି ଲାଗିଛି । କମଳା, ଧଳା ଆଉ ପତର ରଙ୍ଗ ଥିବା ଗୋଟେ ବଡ଼ କପଡା କୁ କାହିଁ କେତେ ଉଚ୍ଚ ରେ ସ୍କୁଲ ମଥାନ ରେ ବାନ୍ଧି ଛନ୍ତି । . ସନା ମାଷ୍ଟ୍ରେ ଦେଖି ଚିହିଁଙ୍କି ଆସି ଲେ ଆରେ ତୁ ତ କେବେ ଆସୁନୁ ଆଜି କୁଆଡେ ମାଡିଆଇଛୁ? କଣ ମୋଫତ ଲଡ୍ଡୁ ପାଇଁ ଟି? ମୁଁ ଜାଣେ ପରା ତମକୁ ଆଉ ପାରି ହବନି । ହଉ ତୁ ସ୍ୟାଡ୍‌କୁ ଦୂରେଇକି ଠିଆ ହ । ବଡ଼ ସାହେବ ଆସିବେ.. ସେ ଯଉ ପତାକା ଦେଖୁନୁ ସେଟା ଖୋଲି ଉଡ଼େଇବେ, ଭାଷଣ ଦେବେ, ନାଚ ଗୀତ ହବ,ତାପରେ ଯାଇ ଲଡ୍ଡୁ ବାଣ୍ଟିବେ, ହଁ ତୁ ଯେମିତି ତାଙ୍କ ବାଟରେ ନ ଆସୁ । ଆଉ ଯା ସେ ଟା ଜଳଖିଆ ବାସନ ଗୁଡା ମାଜି ରଖିଦେ । ସବୁ କାମ ଝଅଟ ସାରିଦେ,ତା ପରେ ଲଡ୍ଡୁ ଖାଇବୁ । ବୁଝିଲୁ.. ଲୁହ ଡବ ଡବ ଆଖି ରେ ସେ ଏବେବି ଦେଖିପାରୁନଥିଲା ମାଷ୍ଟ୍ରେ ଙ୍କ ନାଲି ଆଖିରେ 77 ବର୍ଷର ସ୍ୱାଧୀନତାର ପାକଳ ରୂପ କିନ୍ତୁ ସେ ଲଡ୍ଡୁ ଟା ଜଳ ଜଳ ଦିଶୁଥିଲା....ଯେମିତି ସେ ପତାକା ଟା ଖୋଲିଲେ ତା ସହ ଫର ଫର ହେଇ ଖୁସିରେ ଉଡିବ ତା ଲଡ୍ଡୁ ଖାଇବାର ସ୍ୱପ୍ନ....ତାର ଶୈଶବର ଅଧିକାରଦଣ୍ଡେ ପତାକା କୁ ଚାହିଁ ବାସନ ଗୁଡା କୁନି କୁନି ହାତରେ ମାଜି ପକାଉଥିଲା... ଝଅଟ... ତା' ଅଧିକାରର ଲଡ୍ଡୁଟେ ଖାଇବାକୁ ।

[୨]

ସ୍କୁଲ ଯିବା ରାସ୍ତାରେ ଆଜି ଖୁବ ଭିଡ଼ । ରାଜୁ, ମିନା, ବାବୁଲି ସବୁ ସାଙ୍ଗ ହେଇ ପତାକା ଆଉ ଫୁଲ କିଣି ବାକୁ ଦୋକାନ କୁ ମୁହାଁଇଲେ । Uncle ଏତେ ଭିଡ଼ କାହିଁକି? ଆମକୁ ଟିକେ ଶୀଘ୍ର ଦେଇଦିଅ । ସ୍କୁଲ ଡେରିହେଇଯିବ । ଆଜି time ରେ ନଗଲେ ସବୁ ପ୍ରୋଗ୍ରାମ ସରିଯିବ । ପତାକା ଉତ୍ତୋଳନ ସରିଯିବ । ସ୍ୱାଧୀନତା ଦିବସ ସରିଯିବ । ପାନ ଖିଆ ଦାନ୍ତ ଚିପି ଦୋକାନୀ କହିଲା

ଆରେ ପିଲେ କିଛି ଡେରି ହବନି । ତମ ମାଷ୍ଟ୍ରେ ଆଉ guest ସବୁତ ଏଇଠି । ଆଉ ସ୍ୱାଧୀନତା ଦିବସ ପାଳିବ କିଏ? ଆଶ୍ଚର୍ଯ୍ୟ ହେଇ ପରସ୍ପର ମୁହଁକୁ ଚାହିଁଲେ । ରାଜୁଟା ଟିକେ ସିଆଣିଆ । ଆଗକୁହା ବୋଲି ସେଥିପାଇଁ ସ୍କୁଲରେ sirଙ୍କ ଠୁ ମାଡ ବି ଖାଇଛି । ପଚାରିଦେଲା କି କଣ ହେଇଛି । ଏଠି କାହିଁକି ଆମ sir ଆସିବେ । ଆମକୁ ଶୀଘ୍ର ଦିଅ ଆମର ଡେରି ହଉଛି । ମିଛୁଟାରେ ଭୁଆଁ ବୁଲାଉଛ। ହଁ...ହଁ...ରାଜୁ ଠିକ କହୁଛି । ଆମକୁ ଜଲଦି ଦିଅ କହିଉଠିଲେ ସବୁ । ଆଛା!ମୁଁ ମିଛ କହୁଛି ନାଁ! ଯାଉନା ସେଠି ଦେଖିବ ତମ sir ସେଠି ଅଛନ୍ତି କି ନାହିଁ। ହଉ କହି ସେ ଭିଡ଼ ଠେଲି ପଶିଗଲା ରାଜୁ, ଆରେ ହାଁ ହାଁ କହୁକହୁ ଦୋକାନୀ ଆଉ ସବୁ ପିଲା ବି ଚାଲିଲେ ତା ପଛରେ । Sirଙ୍କ ସହ ଆଉ କେତେ ବଡ଼ ଲୋକ ମାନେ ବି ପତାକା ଧରି ଘେରି ରହିଛନ୍ତି ଗୋଟେ ପାଗଳୀକୁ । କଥା ହଉଛନ୍ତି ଆଜି ପରି ଦିନରେ କେତେ ବଡ଼ କୁକର୍ମ କଲା ସେ ନିହାତି ହାଡ଼ ଦି ଖଣ୍ଡରେ କପଡା ଖଣ୍ଡେ ବି ନାହିଁ ତା ଦେହରେ, କାହିଁ କେତେ ଦିନୁ ଖାଇନି ବୋଧେ, ଆଉ ଭୋକ ସହିନପାରି ଗୋଟେ ଦୋକାନରୁ ସ୍ୱାଧୀନତା ଦିବସରେ ବାଣ୍ଟିବାକୁ ମନ୍ତ୍ରୀ ବରାଦ କରିଥିବା ଲଡୁ ଗୋଟେ ଉଠେଇ ଆଣିବାର ବିରାଟ ଗରହିତ ଅପରାଧ ସେ କରିଦେଇଛି । ସ୍ୱାଧୀନତା ପର୍ବ ପାଳନ ରେ ବାଧା ସୃଷ୍ଟି କରିଛି । ମନ୍ତ୍ରୀଙ୍କ ଅଧିକାର କ୍ଷୁର୍ଣ କରିଛି । ସେ ଲଡୁ ରେ ଏ ପାଗେଳୀର କି ଅଧିକାର ପୁଣି ଆଜି ପରି ଦିନରେ!! ହଁ ହଁ ସେ ନିଶ୍ଚୟ ଦଣ୍ଡ ପାଇବା ଉଚିତ । ସମସ୍ତଙ୍କ ସ୍ୱର ଏକାଠି ହେଇଯାଉଥିଲା । ଏବେ ବୁଝିଲା sir ବୋଧେ ସ୍କୁଲ ଯିବା ବାଟରେ ଏସବୁ ଅଘଟଣ ପାଇଁ ଅଟକି ଯାଇଛନ୍ତି । ଆଉ ଏ ଅନଧିକାର ଅପରାଧରେ ଉତକ୍ଷିପ୍ତ ଲୋକମାନେ ତାକୁ ଏ ଅପରାଧ ପାଇଁ ପୋଲିସକୁ ଜଣେଇବାକୁ ଦାବୀ କରୁଛନ୍ତି । sir ମଧ୍ୟ ସେଠି ନୀରବ ଦ୍ରଷ୍ଟା । ଖାଲି ଟିକେ ବାଟ ଛାଡି ଦେଲେ ଶୀଘ୍ର ସ୍କୁଲ ଯିବେ ବୋଲି ବ୍ୟସ୍ତ ।

ତାଙ୍କର କି କର୍ତ୍ତବ୍ୟ ଅଛି ଯେ, ଆଉକିଛି ବେଶ ଉପଭୋଗ କରୁଥାନ୍ତି ଶିରାଳ ନଗ୍ନତାକୁ। ଗଣମାଧମ ବି ସକ୍ରିୟ ହୋଇଗଲାଣି । ଖାଲି ପୋଲିସକୁ ଅପେକ୍ଷା । ସମସ୍ତେ ତାକୁ ଶାସ୍ତି ଦେବାର କର୍ତ୍ତବ୍ୟ ପାଇଁ ବ୍ୟସ୍ତ । ସତେ ଯେମିତି ଗୋଟେ ଗୋଟେ ମେଡାଲ ନେଇକି ଯିବେ । ହଠାତ କେହି କିଛି କରିବା ଆଗରୁ ରାଜୁ ଧାଇଁଗଲା ସେ ତ୍ରିରଙ୍ଗାକୁ ଧରି ସିଧା ସେ ପାଗଳୀ ପାଖକୁ। ଘୋଡେଇଦେଲା ତା' ଫୁଙ୍ଗୁଳା ଦେହକୁ ସେ ତ୍ରିରଙ୍ଗା ରେ । ସାରଙ୍କ ହାତରୁ ଝାମ୍ପିନେଲା ଲଡୁ ମିଠା ସବୁ କୁନି ହାତରେ। ଖୋଇଦେଲା ତାକୁ। ଯେମିତି ସେ ଭାରତମାତାକୁ ନିଜ ହାତରେ ଖୋଇଦେଉଛି ସ୍ୱାଧୀନତା ଦିବସରେ! ଖବର ଉଡିଲା ସେ କାଳେ ତା'ର ପୁଅ... ନହେଲେ ଏମିତି କାହିଁ କିଏ କରିବ? ହଁ ହଁ ମୁଁ ତା' ପୁଅ ଆଉ ଏ ମୋ ଭାରତ ମାତା... ଆଜି ହିଁ ଏଇଠି ପାଳିବି ମୁଁ ତା ସ୍ୱାଧୀନତା.... ମୋର ଦରକାର ନାହିଁ ତମର 77 ବର୍ଷର ସ୍ୱାଧୀନତା.... ସେ ସ୍ୱାଧୀନତାରେ ତମେ ସବୁ ଅନ୍ଧ ହେଇଗଲାଣି ବୋଲି ଏଠି ନାଟ ଲଗେଇବ । ସମ୍ବିଧାନ ନାଁରେ ଆହୁରି ଅନ୍ୟାୟ କରିବ? ନା ନା ମୁଁ ଆଉ ଏସବୁ ହବାକୁ ଦେବିନି। ଆଜି ଏଇଠି ହିଁ ଜନ୍ମନେବ ଅସଲି ସ୍ୱାଧୀନତା । ତଣ୍ଟି ଫଟେଇ କହୁଥିଲା ସେ...! ସବୁ ସ୍ତବ୍ଧ ହେଇଯାଇଥିଲେ ଆଉ ନଇଁ ପଡିଥିଲା ଫରଫର ଉଡୁଥିବା ତ୍ରିରଙ୍ଗା । ସବୁ ପିଲା ମିଶି କହୁଥିଲେ ଭାରତ ମାତାକି ଜୟ !!

ଉପନିର୍ଦ୍ଦେଶକ, ଓସେପା, ଭୁବନେଶ୍ୱର

# ଚା'

ଅଜୟ କୁମାର ମହାନ୍ତି





ଜିତେନ୍ଦ୍ର ବାବୁ ସେ ଦିନ ଟ୍ରେନ ରେ ଭୁବନେଶ୍ୱରରୁ ପୁରୀ ଆସୁଥାନ୍ତି।ଅପରାହ୍ନ ଚାରିଟା ବାଜିଥାଏ।ବେଶୀ ଭିଡ ନଥିଲା।ଦୁଇ ଜଣ ଯୁବତୀ ଆସି ପାଖ ବେଞ୍ଚ ରେ ବସିଗଲେ।କଥାବାର୍ତ୍ତା ରୁ ଲାଗୁଥାଏ ଦୁଇ ଜଣ ବାନ୍ଧବୀ।ବିଭିନ୍ନ କଥା ଆଲୋଚନା ଚାଲିଥାଏ।ଝରକା ସେପାଖ କୁ ଦେଖୁ ଥାଆନ୍ତି ଜିତେନ୍ଦ୍ର ବାବୁ ହେଲେ କାନ ଥାଏ ସେମାନଙ୍କ ପାଖ ରେ।ଜଣେ କହିଲା - ଜାଣିଛୁ ମାନି,ମତେ ବହୁତ୍ ଟେନ୍ ସନ।ମୋ ଶାଶୂ ଶ୍ୱଶୁର ଦୁଇ ଜଣ କାଲି ଦଶ ଟାରେ ବାଲେଶ୍ୱର ରୁ ଆସି ପହଂଚି ବେ।

ମାନି ପଚାରିଲା ,ତାହେଲେ ଟେନ୍ସନ ତୋର କଣ ପାଇଁ? ସବିତା କହିଲା,ମୋ ଶାଶୂ ବହୁତ ଭଲ ।ମୋତେ ଝିଅ ପରି ଦେଖନ୍ତି।ମୁହଁ ଖୋଲି କିଛି କହନ୍ତି ନାହିଁ।ଦିଅ ନଦିଅ ସବୁଥିରେ ଖୁସି।ଶ୍ୱଶୁର ମୋର ଟେଢ଼ା ମଣିଷ।ପାନ ରୁ ଚୂନ ଖସିଗଲେ ରାଗରେ ପାଚିଯିବେ।କଷ୍ଟ କରି ଖାଇବା ତିଆରି କର ହେଲେ ବାଛିବେ।ଏଇମିତି ହୋଇ ଥାଆନ୍ତା,ସେମିତି ହୋଇ ଥାଆନ୍ତା,ଏମିତି କେତେ କଥା।ମନ ଖରାପ ହେବ କି ନାହିଁ କହ।ଘରେ ଆସି ପହଞ୍ଚିବେ,ଯଦି ତୋର ଟିକିଏ ଆସିବା ଡେରି ହେଲା କହିବେ ତୋ ବାପା ମା ତୋତେ ସଂସ୍କାର ଦେଇ ନାହାନ୍ତି କି? ଏତେ ପାଠ ପଢ଼ିଛୁ ପରା,କଲେଜ ରେ କେତେ ଦିନ ଅଧ୍ୟାପିକା ଥିଲୁ,କିଛି ଶିଖି ନାହୁଁ।ଏଇମିତି ଯେତେ କଥା କହିଲେ ବି କଥା ସରିବ ନାହିଁ।କାହାକୁ ବା ଏସବୁ କହିବି।ପୁଅ ତ ହେଲେ ବାପା ମା ଙ୍କର ଭକ୍ତ,ଶ୍ରବଣ କୁମାର।

ମାନି କହିଲା,ସବିତା ତୁ ସେମିତି ନିରୀହ ଛେଳି ଛୁଆ ହେଇ ରହିଗଲୁ।ବାଣୀବିହାର ହଷ୍ଟେଲ ରେ ଥିବା ବେଳେ ଯେତେ ସବୁ ଟ୍ରେନିଂ ତତେ ଦେଇଥିଲି ସବୁ ବୃଥାରେ ଗଲା।ଶୁଣ, ଲୁହା କୁ ଲୁହା କାଟେ।ଲୁହା କୁ ପ୍ଲାଷ୍ଟିକ ରେ କାଟି ପାରିବୁ କି?ଆଙ୍ଗୁଳି ଟେଢା କର,ତାହେଲେ ଘିଅ ଖାଇ ପାରିବୁ। ନ ହେଲେ ସେମିତି ରହିଥିବୁ।

ସବିତା - ତୋ କଥା କିଛି ବୁଝି ପାରୁ ନାହିଁ ଲୋ ମାନି।

ମାନି - ସେମାନଙ୍କୁ ଠିକ୍ ବାଟ ରେ ଆଣିବାକୁ ହେଲେ କଥାବାର୍ତ୍ତା ଟିକେ କଡ଼ା କରିବୁ। ତୁ ଯୋଉ ଗେହ୍ଲେଇ ଗେହ୍ଲେଇ କଥା କହୁ,ସେ ସବୁ ବନ୍ଦ୍ କର।ମୁହଁ ରେ ଦରକାର ପଡ଼ିଲେ ଜବାବ ଦେବୁ।ମଝିରେ ମଝିରେ ଦେହ ଖରାପ ବାହାନା କରି ଶୋଇ ପଡ଼ିବୁ।ଜମା ଟୋ ରୁ ଖାଇବା ମଗେଇ ଆଣିବୁ।ବେଡ଼ରୁମ କବାଟ ବନ୍ଦ କରି ମୋବାଇଲ ଯେତେ ଦେଖିବୁ ଦେଖ୍।ଆଉ ଗୋଟେ ଗୁରୁ ମନ୍ତ୍ର ଦେଉଛି ,ମଝିରେ ମଝିରେ ବାଘ ମାର୍କା ଚା କରି କି ଦେବୁ।ଦିନ କୁ ଚାରି ଥର ଜାଗା ରେ ସେମାନେ ଦୁଇ ଥର ପିଇବେ।ଥରେ ପିଇଲେ ପାଟି ଆମ୍ବିଳା ହେଇ ଯିବ।ମୁଁ ସେୟା କରେ ସବିତା।ଯେଉଁ ଲୋକ ବେଶୀ ଥର ଆମ ଘର କୁ ଆସେ,ତାକୁ ବାଘ ମାର୍କା ଚା ଦିଏ।ଆଉ ଦ୍ୱିତୀୟ ଥର ଆସିବାକୁ ମନ କରେ ନାହିଁ। ଏ ସବୁ ପରୀକ୍ଷା କର, ତା ପରେ ମତେ କହିବୁ।

ଗାଡି ପହଞ୍ଚି ଯାଇଥିଲା ପୁରୀ ରେ। ଯିବା ବେଳକୁ ହସି ହସି ମାନି କହିଲା - ସବିତା, ମନେ ରଖିଲୁ ତ ମୋ କଥା।ବାଘ ମାର୍କା ଚା।

ସବିତା ମନେ ମନେ ଭାବୁଥିଲା, ନା, ମୋ ଶାଶୂ ଶ୍ୱଶୁର ଙ୍କ ପ୍ରତି ଏମିତି ବ୍ୟବହାର କରି ପାରିବି ନାହିଁ।ମାନି ଟା ଛୋଟ ବେଳୁ ଆତଙ୍କବାଦୀ ଟା।ତର ତର ହୋଇ ପାଦ ପକୋଉଥିଲା ଆସନ୍ତା କାଲି ଆସୁ ଥିବା ଶାଶୂ ଶ୍ୱଶୁର ଙ୍କ ପାଇଁ କିଛି ନମକିନ ବିସ୍କୁଟ କିଣିବ।

ଏ ସବୁ କଥା ଶୁଣୁ ଥିଲେ ଜିତେନ୍ଦ୍ର ବାବୁ।ତାଙ୍କୁ ଲାଗୁଥିଲା ଯେପରି ଏ ଝିଅ ଦୁଇ ଜଣ ତାଙ୍କୁ ଆକ୍ଷେପ କରି କଥା ବାର୍ତ୍ତା କରୁ ଥିଲେ।ଏଇ ସବୁ ତାହେଲେ ଆଧୁନିକା ବୋହୂ ମାନଙ୍କର ମନ ର କଥା।ଘରେ ତାଙ୍କର ଦୁଇ ଦୁଇ ଜଣ ବୋହୂ।ସେ ବି ସେମାନଙ୍କ ସଙ୍ଗେ ଏହିପରି ହରକତ ମଝିରେ ମଝିରେ କରନ୍ତି।ବେଳେ ବେଳେ ବୋହୂ ମାନେ ତାଙ୍କ ଉପରେ ଚିଡି ଯାଆନ୍ତି।ଆଜି ଏମାନଙ୍କ ପାଖରୁ ବହୁତ୍ ଶିକ୍ଷା ମିଳିଲା। ବୋହୂ ମାନଙ୍କ ସାଙ୍ଗରେ ତାଙ୍କୁ ଭଲ ବ୍ୟବହାର କରିବାକୁ ପଡ଼ିବ।ନଚେତ୍ ତାଙ୍କୁ ବି ମିଳିବ ବାଘ ମାର୍କା ଚା।

କଳିଙ୍ଗ ବିହାର, ରାଉରକେଲା
ମୋ:୭୯୭୮୫୬ ୫୦୬୦



# ସାଧୁ ଜେଜେ

ଲକି ବଳବନ୍ତରାୟ





ମୁଁ ତୁଳସୀ। ସୁଦୂର ରାଜଧାନୀ ରୁ ମୁଁ ମୋ ପୁରପଲ୍ଲୀ ଗାଁ କୁ ବୁଲିବାକୁ ମୋ ସ୍ୱାମୀ ଆଉ ପୁଅ ସହ ଆସୁଥାଏ। ମୋ ପୁଅ କହିଲା ମମି ଏ କଣ ତମ ଆଖିରେ ଲୁହ? ମୁଁ ତାକୁ ଗପ ଟିଏ କହିବାକୁ ଲାଗିଲି। ଜଳିଆ ପଡ଼ା ବଲୀ ଏକ ଗାଁ ଥିଲା। ଗାଁ ର ପ୍ରତିଛବି ଅତି ରମଣୀୟ। ଗାଁ ରେ ଧାଡିକୁ ଧାଡ଼ି ନଡ଼ିଆ ଗଛ ର ଛାଇ। ଦେହକୁ ଦେହ ଲାଗିଥିବା ଚାଳ ଘର ମାନ। ଗାଁ ର ସୁନ୍ଦର ପଦ୍ମ ପୋଖରୀ। ଆଉ କାହିଁ କେତେ ଦୁର କନଭାସ ରୁ ଦୃଶ୍ୟ ମାନ ହେଉଥାଏ ଶାଗୁଆ ଧାନ କ୍ଷେତ। ବିଲ ବନ୍ଧ ମାନଙ୍କରେ ଆମରି ଓ କିଆ ବୁଦା ମାନଙ୍କର ଅଟା ରହସ୍ୟ। ଗାଁ ର ଧାର ରେ ମଲ୍ଲି ଫୁଲ୍ଲିଆ ନଦୀ ଟିଏ ବହିଯାଉ ଥାଏ। ନାଉରିଆ ଡଙ୍ଗାରେ ଆହୁଲା ମାରି କହିଉଠୁ ଥାଏ। ଗୋଲେଇ ନାହା ଦିଏ ବୁଲେଇ। ଏମିତି କହିଲେ ନାହା ବୁଡି ଯାଉ ଥିବ ଉଠି ଆସିବ। ସତରେ ସେ ଗାଁ ର ରୂପ ବର୍ଣ୍ଣ ନା ଅସରନ୍ତି ଗାଥା।ଗାଁ ରେ ସେତେବେଳେ ଜମିଦାର ପ୍ରଥା ଚାଲିଥାଏ। ଗାଁ ର ଜମିଦାର ନୀଳକଣ୍ଠ ରାୟ ବାହାଦୁର। ତାଙ୍କର ନା ସାତ ଖଣ୍ଡ ଗାଁ ରେ ପଡେ। ଧଳା କୁ କଳା ଆଉ କଳା କୁ ଧଳା କରିବା ତାଙ୍କର ପେସା। ନୀଳକଣ୍ଠ ଜମିଦାର ନୀତି ନିଶ ରେ ଗୁଆ ଘିଅ ମାରି ସଭା କୁ ବାହାରନ୍ତି। ଗାଁ ରେ ତାଙ୍କ କଥା ଯିଏ ଅବମାନନା କରେ ଦଣ୍ଡ ପାଇ ବାଟା ସାର। ଜମିଦାର ଯେତେବେଳେ ଗାଁ ଦାଣ୍ଡରେ ଯାଉ ଥାଆନ୍ତି ଗାଁ ମାଇପେ ଘର କୋଣ ରେ ଲୁଚି ଯାଆନ୍ତି। ମରଦ ମାନେ ନଇଁପଡ଼ି କହୁଥାନ୍ତି ସନ୍ତେ ହୋ ଜୁହାର। ନୀଳକଣ୍ଠ ଜମିଦାର ଲମ୍ବା ଚଉଡ଼ା ଛଅ ଫୁଟ ର ଲୋକ ଥିଲେ। ସେହି ଗାଁ ରେ ସାଧୁ ଜେଜେ ନାମକ କୃଷକ ଥିଲେ। କୃଷି କାମ କରିବା ତାଙ୍କ ପେସା। ନିଜର ଦଶ ମାଣ ଜମିରୁ ଯାହା ବାହାରେ ବର୍ଷସାରା ତା ପରିବାର ଖୁସିରେ ଚଳେ। ସାଧୁ ଜେଜେ ର ପୁଅ ବୋହୂ ମରିଯାଇଥିଲେ।

ଘରେ କହିବାକୁ ଗଲେ ସ୍ତ୍ରୀ ଟିଏ ଆଉ ପାଞ୍ଚ ନାତି ନାତୁଣୀ। ସାଧୁ ଜେଜେ ନୀତି ସକାଳୁ ଟାହୁ ଟିଫିନିରେ ପେଜ ମିଶା ଭାତ ଆଉ ଲୁଣ ପିଆଜ ଧରି କ୍ଷେତ ଅଭିମୁଖେ ଚାଲି ଯାଆନ୍ତି। ବିଲ ହୁଡା ରେ ଭାତ ମୁଠା ଧରି ବସିପଡିଲେ ଆହା କି ଆନନ୍ଦ। ସାଧୁ ଜେଜେ କୁହନ୍ତି। ସାଧୁ ଜେଜେ କ୍ଷେତ ରେ ପହଞ୍ଚି ଗଲେ। କୋଦାଳ ଟିଏ ତଳକୁ ରଖି ଦେଇ ମାଟି ମା କୁ ଜୁହାର ହୁଅନ୍ତି। ଆଉ କୁହନ୍ତି ହେ ମାଟି ମା ଏସବୁ ତୋର। ଆମେ ପରା ତୋ ସନ୍ତାନ। ତୋରି କୋଳରେ ବଢ଼ି ଖେଳି ଏତେ ବଡ ହେଇଚୁ। ତୁଣ୍ଡ ଝାଳ ମୁଣ୍ଡରେ ମାରି ବର୍ଷ ସାରା ର ଖଟଣି ଧାନ ବାହାରି ଗଲା ପରେ ଦରଜ ଦେହରେ ଜଡ଼ା ତେଲ ମାରିଲା ପରି ଉଭେଇଯାଏ। ସେ ବର୍ଷ ସାଧୁ ଜେଜେ ଭାରି ଖୁସି । ଶାରଦା ଧାନ ରେ ବିଲ ହସୁଥାଏ। ସାଧୁ ଜେଜେ ମୁଣ୍ଡରେ ଠେକା ଟିଏ ଭିଡ଼ି ଖରା ତରା ରେ ବାଲୁଙ୍ଗା ଗୁଡାକ ବାଛି ଦିଅନ୍ତି। ଦୂରରେ ଥାଇ ଜମିଦାର ସବୁ ଦେଖୁ ଥାଆନ୍ତି। ଜମିଦାରଙ୍କ କେବେଠୁ ସାଧୁ ଜେଜେ ଙ୍କ ବିଲରେ ଆଖିଥାଏ। ଗାଁ ରେ ହୁରି ଉଠିଥାଏ ବାଡି ଆସିଛି। ତେଣେ ପଞ୍ଚୁ ଦାଦା ଡାକ ଛାଡ଼ିଲେ। ହେ ସାଧୁ ତୋ ସ୍ତ୍ରୀ କୁ ବାଡି ପଡ଼ିଲାରେ। ସାଧୁ ଜେଜେ ଦୌଡ଼ିଲେ। ଯାଇ ଦେଖନ୍ତି ମା ଝାଡ଼ା ବାନ୍ତି ଚେତା ଫେରୁନି। ଡାକ୍ତର ଖନା ନବାକୁ ପାଖରେ ଅଣା ଟିଏ ନଥାଏ। ଡାକ୍ତର ଖାନ କାହିଁ କୋଷେ ଦୂର।ସାଧୁ ଜେଜେ କିଛି ବିଚାର ନକରି ଜମିଦାରଙ୍କ ଘରକୁ ଦୌଡିଲେ । ସାଧୁ ଜେଜେ ନୀଳକଣ୍ଠ ଜମିଦାର ଙ୍କ ଗୋଡ଼ ତଳେ ପଡିଗଲେ। ଜମିଦାର କହିଲେ ତୋ ଦଶ ମାଣ ଜମି ବନ୍ଧା ରଖି ଦୁଇ ଅଣା ନେଇଯା। ଏହା କହି ଜମିଦାର ସାଧୁ ଜେଜେ ଙ୍କ ମୁହଁ କୁ ଫପଡ଼ି ଦେଲେ ଦୁଇ ଅଣା। କହିଲେ ଯୋଉ ଦିନ ପର୍ଯ୍ୟନ୍ତ ଦୁଇ ଅଣା ନ ଫେରେଇବୁ ସେଇ ବିଲରେ ଚାଷ କରି ଧାନ ମୋ ଗମ୍ଭିରରେ ରଖିବୁ। ସାଧୁ ଜେଜେ ଙ୍କ ପାଖରେ ଆଉ ଉପାୟ ନଥିଲା। ସାଧୁ ଜେଜେ ଘରକୁ ବେଗେ ଚଳି ଆସିଲେ। ଛପାରା ଶଗଡ଼ ରେ ସ୍ତ୍ରୀ କୁ ନାତି ନାତୁଣୀ ମାନଙ୍କୁ ବସାଇ ଡାକ୍ତର ଖାନ ଅଭିମୁଖେ ବାହାରି ପଡ଼ିଲେ। ଅଧା ବାଟରେ ସାଧୁ ଜେଜେ ଙ୍କ ସ୍ତ୍ରୀ ଦେହ ତ୍ୟାଗ କଲେ। ସାଧୁ ଜେଜେ ଶଗଡ଼ ଦଣ୍ଡା ବୁଲାଇଲେ ଗାଁ ଅଭିମୁଖେ। ସନ୍ଧ୍ୟା ହୋଇ ଆସୁଥାଏ। ଛାତିରେ ଛାତି ଏ କୋହ। ନାତି ନାତୁଣୀ ମାନେ ମା ମା କହି କାନ୍ଧୁ ଥାଆନ୍ତି। ସଗଡଟି ଝମ ଝମ୍ ହୋଇ ଗଡି ଚାଲିଥାଏ। ଆକାଶରେ ଅର୍ଦ୍ଧ ଚନ୍ଦ୍ର ପଡି ଥାଆନ୍ତି। ସାଧୁ ଜେଜେ ଲଣ୍ଠନ ଶିଖା କୁ ତେଜି ଦେଇ ଶଗଡ଼ ଦଣ୍ଡା ବାଡ଼େଇ କହିଲେ ଦୁଇ ବଳଦଙ୍କୁ। ଚକ ଗଡେ ଅଖ ଗଡ଼େ, ସମୟ ବି ଗଡ଼େ। ଚକ ଅଖ ରହିଯାଏ, ହେଲେ ସମୟ ନ ରୁହେ। ହେ କାଳିଆ ବଳିଆ ଆରେ ଚାଲ ଚାଲ। ସବୁ ସରିଗଲା। ସେହି ଦିନ ରାତିରେ ସାଧୁ ଜେଜେ ଙ୍କ ସ୍ତ୍ରୀ ର ସବ ସତ୍କର କରା ହେଲା। ଜମିଦାର ତା ପରଦିନ ସାଧୁ ଜେଜେ ଙ୍କୁ ଡକେଇ ଥାଆନ୍ତି। ସାଧୁ ଜେଜେ ଯିବାକୁ ଡେରି ହେବାରୁ। ସାଧୁ ଜେଜେ ଙ୍କୁ ଡାକି ଜମିଦାର ଘରେ ପୁରାଇ ଲଙ୍କା ଧୁଆଁ ଦେଇଦେଲେ। ସାଧୁ ଜେଜେ ଘରକୁ ଆସି ବଡ଼ ନାତି କୁ ଧରି କାନ୍ଦିବାକୁ ଲାଗିଲେ। ବଡ଼ ନାତି ଗୋପାଳ ସବୁ ଦେଖୁ ଥାଏ। ଜେଜେ ଙ୍କୁ କହିଲା ତମେ ବ୍ୟସ୍ତ ହୁଅନି ମୁଁ ଦିନେ ଆମ ଜମି ଫେରାଇ ଆଣିବି। ସାଧୁ ଜେଜେ କହିଲେ ଆରେ ନାତିଆ ଗୋଟେ କଥା ମନେ ରଖିବୁ। ପ୍ରଭୁ ଶ୍ରୀ କୃଷ୍ଣ କହିଛନ୍ତି । ନିଜର ଅଧିକାର ପାଇଁ ଲଢ଼। କିନ୍ତୁ ନିଜର ଅଧିକାର ପାଇଁ ଲୋଭ କରନି। ବଡ଼ ବଡ଼ ପର୍ବତ ଛୋଟ ନଦୀ ପାଇଁ ମୋହ ରଖି ନ ଥାଏ। ନଦୀକୁ ରୋକିବା ପାଇଁ ପର୍ବତକୁ ଦିନେ ଭାଙ୍ଗି ଯିବାକୁ ପଡି ଥାଏ। ନଦୀ ର ଅଧିକାର କେବଳ ସମୁଦ୍ର ର ରହିଥାଏ। ସବୁଦିନ ସାଧୁ ଜେଜେ ଧାନ ବିଲ ରେ ଯାଇ ମୁଣ୍ଡ କଚାଡି କାନ୍ଦନ୍ତି। ସମୟ ଗଡି ଚାଲିଲା। ନୀଳକଣ୍ଠ ଜମିଦାର ଙ୍କ ଝିଅ ସାଧୁ ଜେଜେ ଙ୍କ ନାତି ଗୋପାଳ କୁ ଅନନ୍ତ ପ୍ରେମ କରି

ବସିଲା। ଦିନେ ସବୁଦିନ ପାଇଁ ଗୋପାଳ ର ହାତ ଧରି ସାଧୁ ଜେଜେ ଙ୍କ ଘରକୁ ଚାଲି ଆସିଲା। ଗୋପାଳ ଜେଜେ ଙ୍କ ପାଖକୁ ଗଲା। ସାଧୁ ଜେଜେ ସୋଇଥାନ୍ତି। ଗୋପାଳ ଡାକିଲା ଉଠ ଜେଜେ ଦେଖ କିଏ ଆସିଛି। ଜେଜେ କହିଲେ କିଏ? ଗୋପାଳ କହିଲା ତମ ନାତୁଣୀ ବୋହୂ ତୁଳସୀ। ଜେଜେ ଗୋପାଳର ପିଠିକୁ ଥପୁଡେଇ କହିଲେ ସାବାସ ନାତିଆ ସାବାସ। ତାକୁ ଘରର ଲକ୍ଷ୍ମୀ କରି ରଖିବୁ। କେବେ ତାର ମନ ଊଣା କରିବୁନୁ। ଗାଁ ରେ ଆସ୍ତେ ଆସ୍ତେ ଆଉ ଜମିଦାରଙ୍କୁ କେହି ମନିଲେନି। ଆଉ ତାଙ୍କ ଘରକୁ କାମ ପାଇଟି କେହି କରିବାକୁ ଗଲେନି। ଜମିଦାର ଓ ତାଙ୍କ ସ୍ତ୍ରୀ ଗୋପାଳ, ତୁଳସୀକୁ ଡକାଇ ସାଧୁ ଜେଜେ ଙ୍କ ଦଶମାଣ ଜମି ଫେରାଇ ଦେଲେ। ଜମିଦାର ତାଙ୍କର ସମସ୍ତ ସମ୍ପତ୍ତି ତୁଳସୀ ନାରେ କରିଦେଲେ। ଆଜିବି ସେଇ ଭଙ୍ଗା ଘରେ କାଠ ଚେୟାରରେ ନିଜ ନିଶକୁ ମୋଡ଼ି ଜମିଦାର ବିଡି ଟାଣୁଛନ୍ତି। ନାଶ କିଣିବାକୁ ପାଖରେ ଟଙ୍କା ନାହିଁ। ପେଟକୁ ଖାଇ ବାକୁ ନପାଇ ଛାତିରେ ଛାତି ଏ କଫ। ଖାଁ ଖାଁ ହୋଇ ଖାସୁ ଛନ୍ତି। ଆଜିବି ସାଧୁ ଜେଜେ ବିଲରେ ଧାନ କରୁଛନ୍ତି। ହଠାତ୍ କାର ଟି ଗାଁ ଦାଣ୍ଡ ମଝି ରାସ୍ତାରେ ଅଟକି ଗଲା। କାର ରୁ ଗୋପାଳ, ତୁଳସୀ, ଓ ତାଙ୍କ ପୁଅ ଗାଡିରୁ ଓହ୍ଲାଇଲେ। ସାଧୁ ଜେଜେ ଦଉଡ଼ି ଆସି ମୋ ନାତିଆ ଆସିଚି କହି ଗୋପାଳ ପୁ ଅ କୁ କୁଣ୍ଢେଇ ପକାଇଲା। ଗାଁ ମଇପେ ଦେଖି କହୁ ଥାଆନ୍ତି। ବେଙ୍ଗ କହେ ବେଙ୍ଗୁଲି ଲୋ ପୃଥ୍ୱି କ୍ଷଣ କ୍ଷଣ କେ ଆନ...।

ନିରାକାରପୁର, ଖୋର୍ଦ୍ଧା



# ଶିବ ପଞ୍ଚାକ୍ଷର ମନ୍ତ୍ରର ମହତ୍ତ୍ୱ

ପ୍ରତିମା ପାତ୍ର



ପୁରାଣରେ କୁହାଯାଇଛି ଶିବ ପଞ୍ଚାକ୍ଷର ମନ୍ତ୍ର ମହତ୍ତ୍ୱ ବର୍ଣ୍ଣନା କରିବା ବେଦ ମାନଙ୍କ ନିମନ୍ତେ ଅସାଧ ତେବେ ମୁଁ କିପରି ଏହି ମନ୍ତ୍ରର ମହତ୍ତ୍ୱ ରଚନା କରି ପାରିବି । ମୋହର ଜାଲରେ ସର୍ବଦା ବନ୍ଦୀ ହୋଇ ରହିଥିବା ଛାର ମାନବ ମନ୍ତ୍ରର ବିଶାଳ ମହତ୍ତ୍ୱକୁ ଗାନ କଦାପି କରି ପାରିବ ନାହିଁ । ତଥାପି ପୁରାଣ ପୃଷ୍ଠାରୁ କିଛି ଏଠାରେ ଉପସ୍ଥାପନ କରୁଛି ଜ୍ଞାନୀ ଗୁରୁଜନ ମାନେ ତ୍ରୁଟି ଥିଲେ ନିଶ୍ଚିତ ରୂପରେ ଜଣାଇବେ । ଯିଏ ଜ୍ୟୋତି ସ୍ୱରୂପ ପରଂବ୍ରହ୍ମ ଜଗତର କଲ୍ୟାଣ ନିମନ୍ତେ ଲିଙ୍ଗ ରୂପରେ ଆବିର୍ଭାବ ହୋଇଛନ୍ତି ସେହି ମହାଦେବଙ୍କୁ ମୁଁ କୋଟି କୋଟି ନମସ୍କାର କରୁଛି । ଏହି ଘୋର ଦୁଃଖରୂପି ସଂସାରରୁ ନିସ୍ତରିବା ନିମନ୍ତେ ତାଙ୍କର ନାମ ହିଁ ଏକମାତ୍ର ଜୀବ ପାଇଁ ସାହାରା । ଏକଦା ସୂତ ମୁନିଙ୍କୁ ବ୍ରହ୍ମବାଦୀ ଋଷିଗଣ ପଚାରିଲେ , ହେ ମୁନୀଶ୍ୱର ଆପଣ ତ୍ରିକାଳ ଦର୍ଶୀ ଭୂତ ଭବିଷ୍ୟତ କଥା ଆପଣ ଭଲରୂପେ ଜାଣିଛନ୍ତି । ଦୟା ପୂର୍ବକ ଆମକୁ ଶିବ ପଞ୍ଚାକ୍ଷରମନ୍ତ୍ରର ମହିମା ଯେତେ ଅଛି କୁହନ୍ତୁ । ଋଷିମାନଙ୍କ ପ୍ରଶ୍ନଶୁଣି ସୂତମୁନି ହର୍ଷ ମୁଖରେ କହିଲେ - ହେ ମୁନିଗଣ ଈଶ୍ବରଙ୍କ କଥାରେ ତୁମ୍ଭ ମାନଙ୍କର ଭକ୍ତିଦେଖି ଆମ୍ଭର ମନ ଆନନ୍ଦରେ ଗଦ୍ ଗଦ ହେଉଛି । ଯିଏ ଈଶ୍ବରଙ୍କ ନାମ କଥା ଶ୍ରବଣ କରଇ ସେ ନିଶ୍ଚୟ ମୋକ୍ଷ ଲାଭକରେ । ଏଥିରେ କୌଣସି ସଂଶୟ ନାହିଁ । ଶିବ ମହିମା ସମ୍ପୂର୍ଣ୍ଣ ବର୍ଣ୍ଣନା କରିବା ଅସମ୍ଭବ । ସେଥିରୁ କିଞ୍ଚିତ ମାତ୍ର ତୁମ୍ଭ ମାନଙ୍କ ଆଗରେ ପ୍ରକାଶ କରୁଛି ଶୁଣ । କଳିକାଳରେ ମନୁଷ୍ୟ ଅଳ୍ପାୟୁ ଏବଂ ଧର୍ମ କର୍ମରୁ ବିଚ୍ୟୁତ ହୋଇ ବହୁତ ଦୁଃଖ ଭୋଗକରେ । ସବୁ ପୁଣ୍ୟ ଠାରୁ ଶିବ ପଞ୍ଚାକ୍ଷର ମନ୍ତ୍ର ହେଉଛି ଶ୍ରେଷ୍ଠତର । ତେଣୁ ମାନବକୁ ଏହିମନ୍ତ୍ର ଜପ କରିବାକୁ ବେଦରେ ନିର୍ଦ୍ଦେଶ ଦିଆଯାଇଛି । ଯିଏ ଏହିମନ୍ତ୍ର ଜପ କରେ ସେହି କେବେ ମଧ ସଂକଟରେ ପଡେ ନାହିଁ । ଦେବତା ମାନଙ୍କ ମଧ୍ୟରେ ଶିବ ଯେପରି ଶ୍ରେଷ୍ଠତର ଠିକ୍ ସେହିପରି ମନ୍ତ୍ର ମାନଙ୍କ ମଧ୍ୟରେ ଶିବପଞ୍ଚାକ୍ଷର ମନ୍ତ୍ର ଶ୍ରେଷ୍ଠ ଅଟେ । ସିଦ୍ଧିକାମୀ ମୁନିମାନେ ସର୍ବଦା ପଞ୍ଚାକ୍ଷରମନ୍ତ୍ରକୁ ଜପକରନ୍ତି । ପଞ୍ଚାକ୍ଷରମନ୍ତ୍ର ମହିମାକୁ ବର୍ଣ୍ଣନା କରିବାରେ ସ୍ୱୟଂବ୍ରହ୍ମଦେବ ଅସମର୍ଥ ଅଟନ୍ତି । ସଦାଶିବ ଏହି ମନ୍ତ୍ରରେ ସର୍ବଦା ରମଣ କରୁଥାନ୍ତି । ତେଣୁ ଦେବ ଦାନବ ମୁନି ମାନେ ଏହିମନ୍ତ୍ରକୁ ଜପ କରନ୍ତି । ଏହି ମନ୍ତ୍ରର ପ୍ରଭାବରେ ଜୀବ ନିରାମୟ ବ୍ରହ୍ମପଦକୁ ଲାଭକରିପାରେ । ଏହି ମନ୍ତ୍ରରେ ଶିବଙ୍କୁ ନମସ୍କାର କରିଲେ ପୁଣ୍ୟାତ୍ମା ମାନେ ଶିବ ସ୍ୱରୂପକୁ ପ୍ରାପ୍ତ କରନ୍ତି । ମାନବର ହିତ ସାଧନ ନିମନ୍ତେ ମହାଦେବ ସୃଷ୍ଟିର ଆଦ୍ୟରେ "ଓଁ ନମଃ ଶିବାୟ" ମନ୍ତ୍ରକୁ ପ୍ରକଟ କରିଛନ୍ତି । ଯାହାର ହୃଦୟରେ ଥରେ ଏହି ମନ୍ତ୍ର ବିକାଶିତ ହୁଏ ତାହାକୁ ଆଉ କୌଣସି ତପସ୍ୟାର ଆବଶ୍ୟକ ପଡେନାହିଁ । ଏହି ମନ୍ତ୍ରକୁ ଯିଏ ପୂର୍ଣ୍ଣ ଶ୍ରଦ୍ଧା ସହିତ ଜପକରେ ସେ ଏ' ଘୋର ସଂସାରରେ ଭ୍ରମଣ କରିନଥାଏ । ଯେକୌଣସି ଜାତି ବର୍ଣ୍ଣର ହୋଇଥାଉ ନା କାହିଁକି ସେ ଏହି ମନ୍ତ୍ର ଜପ କରି ପାରିବ । ଏହି ମନ୍ତ୍ର ଜପ କରିବା ନିମନ୍ତେ କୌଣସି ଶୁଦ୍ଧ କାଳ ବେଳା ସମୟ ଦେଖା ଯାଇନଥାଏ । ଏହି ମନ୍ତ୍ର ସବୁ କାଳରେ ସିଦ୍ଧ ଓ ପରମ ପବିତ୍ର ଅଟେ । 'ଶିବ' ଏହି ଦୁଇ ଅକ୍ଷର ଉଚ୍ଚାରଣ କରିବା ମାତ୍ରକେ ଜୀବ ଭିତରେ ଥିବା ପାପରାଶି ଗୁଡିକ ଭସ୍ମ ହୋଇଯାଇଥାଏ । ଶିବ

ନାମ ସହିତ ନମସ୍କାର ଯୋଗ ହୋଇ ପଞ୍ଚାକ୍ଷର ନାମ ସୃଷ୍ଟି ହୋଇଛି । ମାନବକୁ ମୁକ୍ତିକାମୀ କରିବା ନିମନ୍ତେ ପଞ୍ଚାକ୍ଷର ନାମ ସର୍ବଦା ସକ୍ଷମ ଅଟେ । ଶ୍ରେଷ୍ଠ ଗୁରୁଙ୍କ ଠାରୁ ମନ୍ତ୍ର ଗ୍ରହଣ କରି ଜପ କରିବା ଦ୍ବାରା ସମସ୍ତ ଅଭିଳାଷ ପୂର୍ଣ୍ଣ ହୋଇଥାଏ । ଯିଏ ପବିତ୍ର କ୍ଷେତ୍ର ମାନଙ୍କରେ ବସି ପଞ୍ଚାକ୍ଷର ମନ୍ତ୍ର ଜପକରେ ତାହାର ସକଳ ମନବାଞ୍ଛା ସିଦ୍ଧ ହୁଏ । ଏହା ଉପରେ ଏକ ଇତିହାସ ରହିଛି ଆସନ୍ତୁ ପଞ୍ଚାକ୍ଷର ମନ୍ତ୍ର ମହିମା ବଳରେ ଜଣେ ରାଜା କିପରି ଜନ୍ମ -ଜନ୍ମାନ୍ତର ପାପରୁ ଉପକୃତ ହେଲେ ଜାଣିବା । ପୁରାତନ କାଳରେ ଦଶାର୍ହ ନାମକ ଏକ ମହାବଳଶାଳୀ ଯଦୁବଂଶୀ ରାଜା ରହୁଥିଲା । ମଥୁରା ନଗରକୁ ରାଜଧାନୀ କରି ସେଠାରେ ରାଜ କାର୍ଯ୍ୟ କରୁଥିଲେ । ଧର୍ମ ନ୍ୟାୟ ନୀତି ପାଳନ କରି ପ୍ରଜା ମାନଙ୍କୁ ପୁତ୍ର ସମାନ ପାଳନ କରୁଥିଲେ । ସୁବୁଦ୍ଧି ପଣ୍ଡିତ ଧୈର୍ଯ୍ୟଶାଳୀ ଓ ଗୁଣବାନ ଥିବା ଯୋଗୁଁ ଶତ୍ରୁମାନେ ରାଜାଙ୍କ ଅଧିନସ୍ଥ ହୋଇ ରହୁଥିଲେ । ମନ୍ମଥ ସମାନ ରୂପ ଯୌବନରେ ପୂର୍ଣ୍ଣ ରାଜା ପୁରୁଷ ମାନଙ୍କ ଶ୍ରେଷ୍ଠ ଥିଲେ । ତାଙ୍କର ରୂପ ବିଶାଳ ଭୁଜ ଦେଖି ଦେବ ନଗରୀର କନ୍ୟା ମାନେ ମୋହିତ ହୋଇଯାଉ ଥିଲେ । ଦଶାର୍ହ ରାଜାଙ୍କ ସମାନ କାଶୀ ଦେଶର ରାଜାଙ୍କର କଳାବତୀ ନାମକ ଏକ କନ୍ୟା ଥିଲା । ରୂପଗୁଣରେ ପରିପୂର୍ଣ୍ଣ ସେହି କନ୍ୟାକୁ ମଥୁରା ନରେଶ ଦଶାର୍ହ ସହିତ ବିବାହ କରାଗଲା । ବିବାହ ଉପରାନ୍ତେ ରାଜା ନବବଧୂକୁ ସଙ୍ଗରେ ଧରି ନିଜ ନଗରୀକୁ ଫେରି ଆସିଲେ । ଚଉଠି ହୋମ ଶେଷ ହୁଅନ୍ତେ ରାଜା ମିଳନ ଉତ୍ସାହକୁ ମନରେ ଧରି ରାଣୀ ଅନ୍ତପୁରକୁ ଗମନ କରିଲେ । ନବପରିଣୀତା ପତ୍ନୀକୁ ଦେଖି ସୁଲଳିତ ସ୍ୱରରେ କହିଲେ -- ହେ ସୁନ୍ଦରୀ ଲଜ୍ଜା ତ୍ୟାଗ କରି ଆଜି ଆମ୍ଭର ଅଭିଳାଷ ପୂର୍ଣ୍ଣ କର । ରାଜାଙ୍କ ମଧୁର ବଚନକୁ କର୍ଣ୍ଣପାତ ନକରି ରାଣୀ ମୁଖଢାଙ୍କି ମୌନ ରହିଲେ । ଏହା ଦେଖି ରାଜା ବଳ ପ୍ରୟୋଗ କରି ରାଣୀଙ୍କ ବାଜୁକୁ ଧରିବାକୁ ହସ୍ତ ବଢାଇଲେ । ରାଜାଙ୍କ ଉଦ୍ୟତ ଦେଖି ରାଣୀ କହିଲେ -- ହେ ବୀର ମତେ ସ୍ପର୍ଶ କର ନାହିଁ । ମୁଁ ବ୍ରତ ପାଳନ କରୁଛି । ବ୍ରତକାରଣୀ ନାରୀ ସହିତ ସହବାସ କରିବା ସର୍ବଦା ବର୍ଜନୀୟ । ଆପଣ ଧର୍ମ ଶାସ୍ତ୍ର ଭଲରୂପ ଜାଣି ଏହିପରି ଅନୁଚିତ କାର୍ଯ୍ୟ କିପରି କରୁଛନ୍ତି ? ପ୍ରିୟ ପ୍ରିୟା ଦୁହିଁଙ୍କ ଏକମତ ହେଲେ ଯାଇ ରତିକ୍ରୀଡା ସୁଖଦ ହୋଇଥାଏ । ଯେବେ ମୋ ମନରେ ଆପଣଙ୍କ ପ୍ରତି ପ୍ରୀତି ଉତ୍ପନ୍ନ ହେବେ ସେତେବେଳେ ଯାଇ ଆମର ସଂଗମ ହେବ । ସେହି ସମୟ ଆସିବା ପର୍ଯ୍ୟନ୍ତ ଆପଣ ମୋ'ଠାରୁ ଦୂରରେ ରୁହନ୍ତୁ । ରାଣୀଙ୍କର ଏପରି କଠୋର ବଚନ ଶୁଣି ରାଜାଙ୍କ ମୁଖ ଗମ୍ଭୀର ଓ ମଳିନ ହୋଇଗଲା । ବିଭିନ୍ନ ନୀତିଶାସ୍ତ୍ର ବାଣୀ କହି ରାଣୀ ରାଜାକୁ ବୁଝାଉଥିବା ବେଳେ ରାଜା କାମରେ ବିହ୍ବଳ ହୋଇ ବଳ ପୂର୍ବକ ରାଣୀକୁ ବାହୁପାଶରେ ବାନ୍ଧି ଆଲିଙ୍ଗନ କରିଲେ । ରାଣୀକୁ ନିଜର ବିଶାଳ ବକ୍ଷଦେଶରେ ଲଗାଇବା ମାତ୍ରକେ, ଲବଣୀପିତୁଳା ସମାନ କୋମଳ ଶରୀର ତପ୍ତ ଲୌହପିଣ୍ଡ ସମାନ ଉତ୍ତପ୍ତ ହୋଇଗଲା । ରାଣୀଙ୍କ ତେଜକୁ ସହ୍ୟ କରିନ ପାରି ରାଜା ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ତକ୍ଷଣେ ପଲଙ୍କରୁ ଉଠି ଠିଆହେଲେ । ରାଜା କହିଲେ - ହେ ପ୍ରିୟେ ! ଇଏ କେଉଁ ପ୍ରକାର ବ୍ୟବହାର କରୁଛ ? ଫୁଲ ସମାନ କୋମଳ ଶରୀର ତୁମ୍ଭର ଅଗ୍ନିମୟ ହେଲା କିପରି ? ବଡ ବିସ୍ମୟ ଲାଗିଲା ଦେଖି ସତ କୁହ କେଉଁ କାରଣ ଯୋଗୁଁ ତୁମ୍ଭର ଶରୀର ଉତ୍ତପ୍ତ ହେଲା । ସ୍ୱାମୀ ଏହିପରି ପଚାରିବା ଦେଖି ସେ ରାଜକୁମାରୀ ମନ୍ଦ ମନ୍ଦ ହସି କହିଲା -- ହେ ରାଜନ ! ବାଲ୍ୟବେଳରେ ମୁଁ ଦୁର୍ବାସା ମୁନିଙ୍କ ସେବାକରି ତାଙ୍କ କୃପାପ୍ରାପ୍ତ କରିଥିଲି । ମୁନି ମୋ ଉପରେ ସନ୍ତୁଷ୍ଟ ହୋଇ ଶିବ ପଞ୍ଚାକ୍ଷରମନ୍ତ୍ର ମତେ ଦେଇଥିଲେ । ସେହି ମନ୍ତ୍ରର ପ୍ରଭାବରେ ମୋର ଅଙ୍ଗ ପାପଶୂନ୍ୟ ହୋଇଛି । ସ୍ୱାମୀ !

ପାପଥିବା ଯେକୌଣସି ପୁରୁଷ ମୋର ପିଣ୍ଡକୁ ସ୍ପର୍ଶ କରିପାରିବ ନାହିଁ । ତୁମ୍ଭେ କୁଳଟା ନାରୀ ମାନଙ୍କ ସହିତ ରମଣ କରିଛ । ଜପ ତପ ଶୁଚି ଇତ୍ୟାଦି କରିନାହଁ କେବେ । ଶିବଙ୍କୁ କେବେ ହେଲେ ପୂଜା କରିନାହଁ । ପାପରେ ପୂର୍ଣ୍ଣ ଆପଣ ମତେ କିପରି ସ୍ପର୍ଶ କରିବେ କୁହନ୍ତୁ । ରାଣୀଙ୍କ ଏପରି ପ୍ରଶ୍ନ ଶୁଣି ରାଜା କହିଲେ - ହେ ସୁମୁଖୀ ଆମ୍ଭକୁ ଶିବପଞ୍ଚାକ୍ଷର ମନ୍ତ୍ର ଦାନକର । ସେହି ବିଦ୍ୟାବଳରେ ପ୍ରଯତ୍ନ କରି ପାପ ଶୂନ୍ୟ ହୋଇ ତୁମ୍ଭର ପ୍ରେମର ଅଧିକାରୀ ହୋଇବି । ରାଜାଙ୍କ ବିନୀତ ବଚନ ଶୁଣି ରାଣୀ କହିଲେ -- ହେ ରାଜନ -- ଆପଣ ମୋର ସ୍ୱାମୀ ଗୁରୁ ସମାନ ଆପଣଙ୍କୁ କିପରି ମୁଁ ମନ୍ତ୍ରଦିକ୍ଷା ଦେଇ ପାରିବି । ତୁମ୍ଭେ ନିଜ ଗୁରୁ ଗର୍ଗ ମୁନିଙ୍କ ନିକଟକୁ ଯାଅ । ସେ ଶିବଙ୍କର ପରମ ଭକ୍ତ ଅଟନ୍ତି । ସବୁ ମନ୍ତ୍ରର ଜ୍ଞାତା ହୋଇଥିବା ଯୋଗୁଁ ସେ ହିଁ ଆପଣଙ୍କୁ ମନ୍ତ୍ର ଦିକ୍ଷା ଦେଇ ପାରିବେ । ରାଜା ରାଣୀଙ୍କ ବଚନ ଅନୁସାରେ ଗର୍ଗମୁନିଙ୍କ ନିକଟକୁ ଦୁହେଁ ଗଲେ । ମୁନିଙ୍କ ପାଦରେ ପ୍ରଣାମ କରି ରାଜା ସକଳ ବୃତ୍ତାନ୍ତ କହି ବୋଇଲେ -- ମୁନି ଜ୍ଞାତ ଅଜ୍ଞାତରେ ହେଉ କିମ୍ବା ରାଜକାର୍ଯ୍ୟ ବେଳେ ଅନେକ ପାପକର୍ମ କରିଛି ଯାହା ଯୋଗୁଁ ଆଜି ଆମ୍ଭର ଶରୀର ପାପରାଶିରେ ପୂର୍ଣ୍ଣ ହୋଇ ରହିଛି । ଆପଣ ଅନୁକମ୍ପା କରି ମତେ ଏହିପରି ମନ୍ତ୍ର ପ୍ରଦାନ କରନ୍ତୁ ଯାହା ବଳରେ ଏହି ପିଣ୍ଡରେ ଥିବା ସମସ୍ତ ପାପ ଦୂରୀଭୂତ ହେବ । ରାଜାଙ୍କ ହିତ ସାଧନ କରିବାକୁ ମନସ୍ଥ କରି ଗର୍ଗମୁନି ଦମ୍ପତି ଦୁହିଁଙ୍କୁ ଯମୁନା ନଦୀ କୂଳକୁ ନେଇଗଲେ । ସେଠାରେ ଏକ ବୃକ୍ଷ ମୂଳରେ ରାଜାରାଣୀଙ୍କୁ ବସାଇ ଯମୁନା ଜଳକୁ ଆଣି ମନ୍ତ୍ରପୂତ କରି ରାଜାଙ୍କୁ ସ୍ନାନ କରାଇଲେ । ସ୍ନାନ କରିବା ଉପରାନ୍ତେ ପୂର୍ବମୁଖ କରାଇ ରାଜାଙ୍କୁ ମୁନି ମହାଦେବଙ୍କୁ ସ୍ମରଣ କରି ତାଙ୍କ ମସ୍ତକରେ ହାତ ରଖି କର୍ଣ୍ଣରେ ଶିବ ପଞ୍ଚାକ୍ଷରମନ୍ତ୍ର ଦାନ କଲେ । ଗୁରୁ ଗର୍ଗମୁନି ଯେତେବେଳେ ରାଜାଙ୍କ ମସ୍ତକରେ ହାତରଖି କର୍ଣ୍ଣରେ ମନ୍ତ୍ରଦାନକଲେ ସେତେବେଳେ ରାଜାଙ୍କ ଶରୀରରୁ ସହସ୍ର ସହସ୍ର ସଂଖ୍ୟାର କାକ ବାହାର ହୋଇ ଚାରିଆଡେ ବ୍ୟାପିଗଲା । କିଛିକ୍ଷଣ ମଧ୍ୟରେ ସେ ବାୟସ ଗୁଡିକ ଦଗ୍ଧ ହୋଇ ଭୂମିରେ ପଡି ଭସ୍ମ ହୋଇଗଲା । ରାଜାଙ୍କ ଶରୀରରୁ କାକ ବାହାରି ଭସ୍ମ ହେବା ଦେଖି ରାଜାରାଣୀ ଅତ୍ୟନ୍ତ ଆଚମ୍ବିତ ହୋଇ ମୁନିଙ୍କୁ ଏହାର ରହସ୍ୟ ପଚାରିଲେ । ମୁନି କହିଲେ -- ହେ ରାଜନ ! ସହସ୍ର ଜନ୍ମରେ ତୁମ୍ଭେ ଅନେକ ପାପ କରିଛ ସେହି ସବୁ ଠୁଳ ହୋଇ ତୁମ୍ଭଠାରେ ରହିଥିଲା କିନ୍ତୁ କିଛି ପୁଣ୍ୟ କରିଥିବା ଯୋଗୁଁ ଏହିଜନ୍ମରେ ତୁମ୍ଭେ ନୃପତି ହୋଇ ରାଜଭୋଗ କରୁଛ । ତୁମ୍ଭ ଶରୀର ଭିତରେ ଥିବା ସେହି ପାପରାଶି ଗୁଡିକ ଆମ୍ଭେ ମନ୍ତ୍ର ଦେବାକ୍ଷଣି , ଶରୀରରେ ରହିନ ପାରି କାକ ରୂପରେ ବାହାରକୁ ବାହାରିଗଲେ । ପଞ୍ଚାକ୍ଷର ମନ୍ତ୍ରର ପ୍ରଭାବରେ ସେହି ପାପଗୁଡିକ ଭସ୍ମ ହୋଇ ଭୂମିରେ ମିଶିଗଲେ । ପଞ୍ଚାକ୍ଷରମନ୍ତ୍ର ଯିଏ ଗ୍ରହଣ କରିବ ତାହାର ଶରୀରେ କୌଣସି ପାପ ରହି ପାରିବ ନାହିଁ ଯାହା ଫଳରେ , ସେହି ଜନ ପୁଣ୍ୟ ବନ୍ତ ହୋଇ ମହିରେ ଯଶ ସମ୍ମାନର ଅଧିକାରୀ ହୋଇ ସୁଖରେ ବିଚରଣ କରିବ । ତୁମ୍ଭେ ସେହି ମନ୍ତ୍ର ବଳରେ ଆଜି ପାପ ମୁକ୍ତ ହେଲ । ଯାଅ ଏଥର ରାଣୀଙ୍କ ସହିତ ଗୃହସ୍ଥ ଆଶ୍ରମରେ ପ୍ରବେଶ କରି ଆନନ୍ଦରେ ରାଜକାର୍ଯ୍ୟ କର । ରାଜା ସେହି ଦିନରୁ ଶିବପଞ୍ଚାକ୍ଷର ମନ୍ତ୍ର ନିଷ୍ଠାର ସହିତ ଭଜନ କରିଲେ ଏବଂ ଅଖଣ୍ଡ ମହିକୁ ରାଣୀ ସହିତ ଉପଭୋଗ କରିଲେ । ଶିବପଞ୍ଚାକ୍ଷର ମନ୍ତ୍ରର ପ୍ରଭାବରେ ଜନ୍ମ ଜନ୍ମର ପାପ ଦୂରିତ ହୋଇଥାଏ । ଆସନ୍ତୁ ସମସ୍ତେ ହୃଦୟରୁ ସେହି ମନ୍ତ୍ରକୁ ଉଚ୍ଚାରଣ କରିବା । ହର ହର ମହାଦେବ ଓଁ ନମଃ ଶିବାୟ ।

ବରଗଡ଼

# ଈର୍ଷା

ଶୁଭଶ୍ରୀ ସିଂ



ମିଟୁ ଓ ଜିତୁ ଦୁଇଜଣ ଭଲ ସାଙ୍ଗ ଥିଲେ । ଦୁଇଜଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଥିଲା । ସେମାନଙ୍କ ଘର ନିକଟରେ ଥିଲା ଏବଂ ସେମାନେ ପରସ୍ପର ଘରକୁ ଯିବା ଆସିବା କରନ୍ତି । ମିଟୁ ଭଲ ପଢୁ ଥିଲା ମାତ୍ର ଜିତୁ ସବୁ ବେଳେ ଖେଳୁ ଥିଲା ଏବଂ ପାଠପଢ଼ାରେ ଦୁର୍ବଳ ଥିଲା । ମିଟୁର ମା ଜିତୁକୁ ଭଲ ପାଆନ୍ତି । ସମୟ କ୍ରମେ ମା ସେମାନଙ୍କୁ ଅଧିକାଂଶ ସମୟରେ ଉପଦେଶ ଦେଉଥିଲେ ବିଶେଷ ଭାବରେ ପାଠପଢା ବିଷୟରେ । ସେହି ଦୁଇଜଣ ସପ୍ତମ ଶ୍ରେଣୀରେ ପଢ଼ନ୍ତି ଏବଂ ଏକତ୍ର ଟିଉସନ ମଧ୍ୟ ଯାଆନ୍ତି । ସବୁବେଳେ ଶ୍ରେଣୀରେ ମିଟୁ ପ୍ରଥମ ସ୍ଥାନ ହାସଲ କରୁ ଥିବ ବେଳେ ଜିତୁ କିନ୍ତୁ ପରୀକ୍ଷାରେ ଭଲ ନ କରିବା ହେତୁ, ତା' ମନରେ ଈର୍ଷା ହେଉଥିଲା । ଜିତୁ ପ୍ରତିଦିନ ମିଟୁ ଠାରୁ ଗଣିତ ଖାତା ରୁ କପି କରି ନିଜେ କରିଛି ବୋଲି ସମସ୍ତଙ୍କୁ କୁହେ ।କିଛିଦିନ ଉତ୍ତାରୁ ଶ୍ରେଣୀ ଶିକ୍ଷକ ସେହି ଦୁଇଜଣଙ୍କ ଲିଖିତ ବିଷୟ ସମାନ ହୋଇଥିବା କାରଣରୁ ଗାଳି କରିଥିଲେ । ମିଟୁ ଶିକ୍ଷକଙ୍କ ନିକଟରୁ ଗାଳି ଶୁଣିବା ହେତୁ ନିଜକୁ ଦୋଷୀ ମନେ କରିଥିଲା ଏବଂ ନିଜର ଖାତା ଜିତୁକୁ ନ ଦେବା ପାଇଁ ସ୍ଥିର କରିଥିଲା । ତେଣୁ ସେ ଜିତୁକୁ ବୁଝାଇ କହିଲା, ଏବେ ଆମେ କେହି କାହାଠାରୁ ଦେଖି ଲେଖିବା ନାହିଁ। ଜିତୁ ସେକଥା ଶୁଣି ମନେମନେ ବହୁତ ରାଗିଗଲା ମିଟୁ ଉପରେ । ଏମିତି କିଛିଦିନ ଗଲାପରେ ଆସ୍ତେ ଆସ୍ତେ ସେମାନେ ଦୁଇସାଙ୍ଗ ପରସ୍ପର ଠାରୁ ଦୁରେଇ ଗଲେ । ସେଥିପାଇଁ ମିଟୁର ବହୁତ ମନଦୁଃଖ ହୁଏ।

ମାତ୍ର ଜିତୁ ଟିକେ ଅଲଗା ପ୍ରକାର ସେ ମିଟୁ ଖାତା ନ ଦେଖେଇବାରୁ ତା ଉପରେ ଭିଷଣ ରାଗିଥାଏ। ଦିନେ ମିଟୁ ସ୍କୁଲ ଗଲାବେଳେ ଜିତୁ କେତେଜଣ ବଦମାସ ପିଲାଙ୍କୁ ଡାକି ମିଟୁକୁ ମାଡ ମାରିବା ସହ ରାସ୍ତାରେ ଥିବା ଏକ କୂଅ କୁ ଧନ୍ୟବାଦ ଠେଲିବାକୁ ଚେଷ୍ଟା କରୁ ଥିଲା। ମାତ୍ର ମିଟୁ ମନେମନେ ହନୁମାନଙ୍କୁ ଧ୍ୟାନକରି ଏକ ଗଛକୁ ଯାବୁଡି ଧରିଥାଏ ଓ ଯୋରରେ ଚିତ୍କାର କରୁଥାଏ । ସେହି ସମୟରେ ସ୍କୁଲର ପ୍ରଧାନ ଶିକ୍ଷକ ସେଇପଟ ଦେଇ ଯାଉଥିଲେ । ସେ ମିଟୁର ଚିତ୍କାର ଶୁଣି ଗଛପାଖକୁ ଯାଇ ଦେଖିଲେ ଜିତୁ କେତେଜଣ ବଦମାସ ପିଲାଙ୍କ ସାଙ୍ଗରେ ମିଶି ମିଟୁକୁ କୂଅକୁ ପେଲିବାକୁ ଚେଷ୍ଟାକରୁଛି। ତାହା ଦେଖି ପ୍ରଧାନ ଶିକ୍ଷକ ସଙ୍ଗେସଙ୍ଗେ ଯାଇ ଜିତୁକୁ ଧରିଥିଲେ । ଜିତୁ ଶିକ୍ଷକଙ୍କୁ ଦେଖିବା ମାତ୍ରେ ଭୟ କରିବା ସଙ୍ଗେ ସଙ୍ଗେ ମିଟୁକୁ ଛାଡି ଦେଇଥିଲା । ଅନ୍ୟ ପିଲାମାନେ ଦୌଡ଼ି ପଳାଇଥିଲେ । ଶିକ୍ଷକ ମିଟୁକୁ ଆଶ୍ୱାସନା ଦେବା ସହ ଜିତୁକୁ ତାର କୁକର୍ମ ପାଇଁ ତିରସ୍କାର କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟରୁ ବହିଷ୍କାର କରିବାକୁ ନିଷ୍ପତି ନେଇଥିଲେ ।

ଏହି ପ୍ରସଙ୍ଗରୁ ଜଣାଯାଏ ଯେ ଭଲ କାମ କଲେ ତାକୁ ଭଲ ଫଳ ମିଳେ ଏବଂ ମନ୍ଦ କାମ କଲେ ମନ୍ଦ ଫଳ ମିଳେ ।

ଭୁବନେଶ୍ୱର
ମୋ - ୯୧୨୪୫୬୫୨୫୦

# ପଦ୍ୟ ବିଭାଗ



# ମହା ଶିବରାତ୍ରୀ

ଦମୟନ୍ତୀ ଷଡ଼ଙ୍ଗୀ



ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ
ମହା ଶିବରାତ୍ରୀ ଅବା ଜାଗର
ଗହଳ ଚହଳ ଲାଗଇ ମନ୍ଦିର
ଭକତ ଆନନ୍ଦେ ବିଭୋର ।

ହାତେ ଗଙ୍ଗାଜଳ,କଞ୍ଚା କ୍ଷୀର ନେଇ
ପୂଜିବା ଶିବଙ୍କ ପୟର,
ଅରଖ ଫୁଲରେ ମାଳ ଗୁନ୍ଥି ଦେବା
ସାଥେ ଦେଇ ବେଲ ପତର ।

ବାଜେ ଘଣ୍ଟ, ଘଣ୍ଟା ଶୁଭେ ହୁଳହୁଳି
ସକାଳୁ ପାହାନ୍ତା ପହର
ଜାଳି ଦେବା ଘିଅ ଦୀପଟିଏ ପୁଣି
ରହି ରାତି ଉଜାଗର ।



ମନ୍ଦିର ଚୂଡ଼ାରେ ଜଳେ ମହାଦୀପ
ଅଜ୍ଞାନ,ଅନ୍ଧକାର କରି ଦୂର,
ପ୍ରଭୁ ପଞ୍ଚାନନ,ହେ ତ୍ରିଲୋଚନ
ତବ ଆଶିଷ ଢାଳ ଭକତ ଉପର ।

ନୀଳକଣ୍ଠ ସାଜି ପିଇଲ ଜହର
ଜଗତ କରିଲ ଉଦ୍ଧାର,
ତବ ପଦେ ଲୟ ଥାଉ ପ୍ରଭୁ ମୋର
ଭକତି କୁସୁମ ଘେନା କର ।

ଅନୁଗୋଳ

# ଝୁମ୍‌ରାକେ ନାଇଁଟାକେଁ



କୋଶଲୀ କବିତା
ପ୍ରଫୁଲ୍ଲ କୁମାର ତ୍ରିପାଠୀ

ନିଦ୍‌କେ ଟାକି ମୁଇଁ ନାଇଁଥାଏଁ ଖଟେଁ ପଡ଼ି
କେନ୍‌ସି ଗୁଟେ ବୁତା ସାଂଗେ ହେଇ ଯୁଡ଼ି
କରିଚାଲିଥିସିଁ ମୋର୍ ମନ୍‌ଇଚ୍ଛା କାମ୍
କାମ୍ ସାର୍‌ବାର୍ ତକ୍ ନାଇଁନିଏଁ ବିଶ୍ରାମ୍

ମୁଡ଼େଁ ରହିଥିଲେ ଗୁର୍‌ଦୁ ରକମ୍ ଚିଂତା
ଭାବି ନାଇଁପାରେଁ ଆଲ୍‌ତୁ ଫାଲ୍‌ତୁ କଥା
କେନ୍‌ସି ବୁତାଥିଁ ଲଟ୍‌କେଇଦେଲେଁ ମନ୍
ମିଲିଯାଉଥିସି ଶାଂତି ବାଗିର୍ ରତନ୍



କେତେ ଘଂଟା ରୋଜ୍ ଶୁଇବାର୍ ନାଇଁ ନିୟମ୍
କିଏ ଶୁଇସି ଜହ ତ ଆର୍ କିଏ କମ୍
ଘଡ଼ି ଦେଖିକରି ଶୁଇପଡ଼୍‌ବାର୍ ଅଭ୍ୟାସ୍
ଭିତ୍‌ରର୍ ସବୁ ତହଁକ୍ କରିଦେସି ନାଶ୍

ଅଥା ହେବାର୍ ତକ୍ ନାଇଁଲାଗେ ମୋତେ ଝୁମ୍‌ରା
ଦର୍‌କାର୍ ବେଲେ ଚେତିଥିସିଁ ରାଏତ୍‌ସାରା

କଟକ

# ସେଣ୍ଟୋସା

ଡକ୍ଟର ଅଶୋକ ମହାନ୍ତି



ହେଇ ଦେଖ ! ହାତ ପାଆନ୍ତାରେ ସ୍ୱର୍ଗ
ଏଠି ନନ୍ଦନବନ ଶୀତଚନ୍ଦନ
ପାରିଜାତ ଫୁଲ ବାସ୍ନାରେ ମହକୁଛି ଦ୍ୱୀପାଞ୍ଚଳ
କେବେକେବେ
ପବନ ବହିଆଣୁଛି ବୀଣାସ୍ୱନ
ଏଠି ବିରାଜମାନ ଶାନ୍ତି ଓ ସନ୍ତୋଷ
ସ୍ଥାନର ନାମ ସେଣ୍ଟୋଷା ।
କେତେ ଜାଗାରେ ସମୁଦ୍ର
ଦଖଲକରୁଛି ସ୍ଥଳଭାଗ
ଦିଶୁଛି ନୀଳନଈ ପରି ଘନନୀଳ ଓ ଗହୀର
ସାମ୍ନାରେ ନଈ ଉପରେ ଝୁଲାପୋଲ
ଦଉଡ଼ି ଝୁଲାରେ ଝୁଲିଝୁଲି
ସେତୁ ପାର ହେଲେ ପଥରବନ୍ଧ
ତା'ତଳକୁ ଢେଉ ଭାଙ୍ଗୁଛି ସମୁଦ୍ର
ଆଖି ପାଉଥିବା ଦୂରତାରେ
ସମୁଦ୍ରରେ ଭାସମାନ ଅନେକ ଜଳତରୀ
ପୁଣି କେତେ ଯେ ଜାହାଜ
ଦୂରରେ ଦିଶୁଛି ନୀଳ ସବୁଜ ଦ୍ୱୀପ ଓ
ସବୁଜ ଜଙ୍ଗଲ, ଦିଗ୍‌ବଳୟ ପୁଣି
ଆକାଶର ଘୂମନ୍ତ ନୀଳିମା
ଏ ସବୁ ଅଦୃଶ୍ୟ ଶିଳ୍ପୀର ରଙ୍ଗତୂଳୀରେ ଅଙ୍କା
ଚିତ୍ରଚେତନାର ଅପୂର୍ବ କାରିଗରୀ
ତୁମେ ଏଠାକୁ ଥରେ ଚାଲିଆସ
ଦେଖିଯାଅ ଏଠି ଜଣେ କିଏ
ତମପାଇଁ ଅପେକ୍ଷାରେ ଅଛି
କାହିଁ କେତେ ଦିନରୁ ।




(ସେଣ୍ଟୋଷା ସିଙ୍ଗାପୁରର ଏକ ଚିତ୍ରପରି ଦର୍ଶନୀୟ ସ୍ଥାନ)

ଜେଡ୍ ୱାନ୍, ଭୁବନେଶ୍ୱର

# ଉପତ୍ୟକା ଆଉ ପର୍ବତ ମଝିରେ ଜୀବନ

ପ୍ରଫେସର ବୀଣାପାଣି ତ୍ରିପାଠୀ



ହଁ, ତାକୁ ବୁଝିପାରିବା ସହଜ ନୁହେଁ
ଏମିତିରେ କାହାକୁବି ବୁଝିପାରୁ ଆମେ
ନିଜକୁ ମିଶାଇ
ସେ ହସେ
ହସରେ ଉଡେଇଦିଏ ଜଙ୍ଗଲ ଓ ପର୍ବତ
ସେ ରୁଷେ
ରୁଷାରେ ଜମେଇ ଦିଏ ସମୁଦ୍ର
ସେ ଶୁଏ
ତା' ନିଦରେ ସ୍ୱପ୍ନ ତା' ସ୍ୱପ୍ନରେ
ଡେଣାଲାଗେ ଦେହରେ
ସେ ଉଡେ
ସାରା ଆକାଶ ତା'ର ଭାବେ
ହାଲିଆ ହୁଏ
ଓଲ୍ହେଇ ପଡ଼େ ଉପତ୍ୟାକାରେ
ଛୋଟ ମଣେ ନିଜକୁ
ଧୂଳିକଣା ଠୁ ଆହୁରି ଛୋଟ
ତାକୁ ଆଉ ଭଲ ଦିଶେନି
ନିଜ ମୁହଁ ଦର୍ପଣରେ
ଭଲ ଲାଗେନି ରାଗ ଭୈରବୀ
କି ଛିଟ ପ୍ରଜାପତି ଡେଣାରେ
ନା ଭଲ ଲାଗେ ଦିନ ନା ରାତି
ମୁହଁ ମାଡି ପଡି ରହେ
ତାକୁ ମନା ହସ
ଉଡିବା କଥା ଛାଡ଼
ମନା ଚାହିଁବାକୁ ଆକାଶ
ପାହାଡ଼ ଆଉ ଉପତ୍ୟାକା ଭିତରେ
ଦୋଳି ଖେଳୁଥାଏ ସେ
ତାକୁ କଣ ବୁଝିହୁଏ ସହଜରେ...!!



ମଧୁବନ, ଢେଙ୍କାନାଳ

# ପ୍ରେମ

ଡକ୍ଟର ରଶ୍ମି ଦାସ



ପ୍ରେମ -
କେବେ ନଈଟିଏ କେବେ ନାଆଟିଏ,
ଫୁଲଟିଏ, କେବେ ପୂଜାଟିଏ,
ଗୀତଟିଏ, କେବେ ସୁରଟିଏ ,
କଥାଟିଏ, କେବେ ବ୍ୟଥାଟିଏ ।୦।

ପ୍ରେମ -
କେବେ ନିଃସଙ୍ଗ ଜୀବନସାଥୀଟିଏ,
ପୁନେଇଁ ର ଶେଷ ଜହ୍ନଟିଏ ,
ମରୁଭୂମି ମଲା ଶୋଷଟିଏ,
ଗଭୀର ଜଳର ସ୍ରୋତଟିଏ ।୧।

ପ୍ରେମ -
ପୂଜା ନୈବେଦ୍ୟ ଦୀପଧୂପଟିଏ,
ବୋଉର ପଣତକାନିଟିଏ ,
ଧୋ' ବାଇଆର ଲୋରିଟିଏ,
କେବେ ବାଉଳା ସପନ ମୁଣିଟିଏ।୨।

ପ୍ରେମ-
ଆଶା ଫରୁଆର ପେଡ଼ିଟିଏ,
ଗୋଧୂଳି ବେଳାର ଛବିଟିଏ,
ପୁଣି ଅନେକ ବିଷାଦ ରାଗଟିଏ
ଜୀବନର ସାତସୁରଟିଏ ।୩।



ପ୍ରେମ -
ଆଇମା' କାହାଣୀ ପେଡ଼ିଟିଏ,
ଜେଜେମା' ଖୋଷଣି ଅଧୁଲିଟିଏ,
ଅନ୍ଧାରୀ ମୂଳକ ସାଥିଟିଏ,
ସ୍ମୃତି ବିଜଡ଼ିତ ରାତି ଟିଏ ।୪।

ପ୍ରେମ -
ସାତସପନ ଆକାଶୁ ତୋଳିଦିଏ,
କବିର କଲମ ମୂନଟିଏ ,
ଝରଝର ଝରେ ଗୀତଟିଏ,
କେବେ ଜୀବନର ଶେଷ କଥାଟିଏ।୫।

କାନନ ବିହାର, ଫେଜ-୨ ,
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

# ନିଦର୍ଶନ

ଗଜାନନ ମିଶ୍ର



ନିଃସଙ୍ଗ ନୁହଁ କେହି
ଏଠି କି ଆଉ କୋଉଠି।
ନୁହଁ କେହି ଅଲଗା
କାହାଠୁ କେହି କେବେ।

ପ୍ରଭାବ ଜଣକ ଉପରେ
ଆରେକର ଆଉ ଖୋଜାଲୋଡାରେ
ସମୟ ଦେଖାଏ ବିକଳ୍ପ।
ବଦଳେ ଘଟଣାକ୍ରମ
ଇତିହାସ ଧରି ଆସ୍ତେ ଆସ୍ତେ।



ଶାଖାରେ ପ୍ରଶାଖାରେ
ଜାରି ରହେ ଅଭ୍ୟାସ।
ମନ ବଚନ ଚିତ୍ତ ଚୈତନ୍ୟ
ଥାକକୁ ଥାକ ସଂଯୋଗ
ଆଉ ବିଯୋଗରେ ନିଦର୍ଶନ
ରହେ କୁଟିଳ ଚକ୍ର
ପୂର୍ବରେ ପଶ୍ଚିମରେ।

ତପୋବନ, ଟିଟିଲାଗଡ଼, ବଲାଙ୍ଗିର
ମୋ : ୯୪୩୭୩୬୬୬୪୪

# ବୁଢ଼ାଲୋକ

ସରୋଜ କୁମାର ଶତପଥୀ



ପାହାଡ଼ ପାଖେ ଠିଆ ହେଇଛି
ଦେଖ ଜଣେ ବୁଢ଼ାଲୋକ

କାହିଁ କେତେଦୂର ଉଚ୍ଚ
ପାହାଡ଼ର ମଥାନ
ବୁଢ଼ାଲୋକର ଆଖିରେ
ଦେଖ ଆକାଶ
ହେଇଯାଉଛି ଉଭାନ୍ ।
ଖପ୍ ଖପ୍ ହୋଇ
ଡାଳରୁ ଡାଳକୁ
ଖେଦି ଯାଉଛି ମାଙ୍କଡ଼
ସିର୍ ସିର୍ ହୋଇ
ଗଛ ଉପରକୁ ଉଠିଯାଉଛି
ଗୁଣ୍ଡୁଚି ମୂଷା !
ବହୁଦିନ ତଳେ ଥିଲା
ପିଲାଟିଏ ପାହାଡ଼ ତଳ ଗାଆଁରେ
ଏଇ କ୍ଷଣି ପାହାଡ଼ ତଳେ ତ
ଏଇ କ୍ଷଣି ମଥାନରେ... ।
ହେଲେ ଆଜି
ବଦଳି ଯାଇଛି ଦୃଶ୍ୟ,
ଦେଖ !
ପାହାଡ଼ ପାଖେ ଠିଆ ହେଇଛି
ସେ ବୁଢ଼ାଲୋକ ।



ସମ୍ପାଦକ, ଅନୁସ୍ୱାର
ମୋ : ୯୯୩୭୧୨୮୫୪୭

# ସାଥି

ଯୋଗେଶ ଚନ୍ଦ୍ର ମିଶ୍ର



କାଲି ମୁଁ ଦେଖିଲି ଜହ୍ନକୁ
ଲାଗିଲା ତୁମ ମୁହଁ ପରି
ଯେମିତି ତୁମେ ମତେ ହିଁ ଦେଖୁଛ
ନିଷ୍ପାପ ନିଷ୍କଳଙ୍କ
ସରଳ ଶିଶୁର ଚାହାଣୀରେ
ଇଚ୍ଛା ହେଲା ଆଙ୍କନ୍ତି ତୁମ ଚିତ୍ରଟିଏ
କେଉଁଠୁବା ଆରମ୍ଭ କରିବି
ତୁମେ ତ ବ୍ୟାପିଛ ମାଟିରୁ ଆକାଶ
ବ୍ୟାପିଛ ଦେହରୁ ଦେହଳୀ
ଆଉ ଜୀବରୁ ଜୀବାଳୀ
କୋଉଁଠୁ ଗାର ପକେଇବି
ତୁମେ ହିଁ ତ ଶୂନ୍ୟ ମହାଶୂନ୍ୟ
ନାଦ ବିନ୍ଦୁ ଅମୃତ ଅନନ୍ତ
ସକଳ ଜୀବର ଜୀବନ
ଇହକାଳ ପରକାଳର
ସଖା, ସାଥି, ସହୋଦର ।



ସର୍ଗିଗୁଡ଼ା, ଟିଟିଲାଗଡ଼
ମୋ : ୯୭୭୭୩୭୦୧୨୩

ଅନୁସ୍ୱାର
ମାସିକ ଇ-ପତ୍ରିକା

# ରଙ୍ଗ ପୀରତି - ୧୭

ବିଦ୍ୟାଧର ଗୁରୁ



ଭରସା ନଥାଇ ମନ ଦିଆନିଆ
ନ ହୁଏ ପ୍ରେମରେ ଗଣା
ଭରସାରେ ଥରେ ଦେଇଦେଲେ ମନ
ମାଟି ହୁଏ ପରା ସୁନା ।

ସୁନା ମଣିବୁନି ସବୁ ମଣିଷଙ୍କୁ
ସବୁ ଖାଦ୍ୟେ ନାହିଁ ସ୍ୱାଦ
ଖାଣ୍ଟି ସୁନାରେ କି ଗଢ଼ାହୁଏ ମୁଦି
ବଣିଆ ମିଶାଏ ଖାଦ ।



ମିଶାଇବୁ ନାହିଁ ଆଖିରେ ଆଖି ତୁ
ଅଜଣା ଅଶୁଣା ସାଥେ
ଏମିତି ବୟସ ତୋହର ଗୋରୀ ଲୋ !
ଆଖି ଲାଖେ ହୃଦ ସାଥେ ।

ଲାଖିଯିବୁ ନାହିଁ ଭେଳିକି କଥାରେ
ବାଛୁଥିବୁ ଭେଲ ଭଲ
ଖସିଗଲେ ଗୋଡ଼ ନ ପାରିବୁ ଉଠି
ପ୍ରେମପଥ ଭାରି ଖାଲ ।

ଖାଲ ନୁହେଁ ସବୁ ପଥରେ ସଜନୀ
ନୁହନ୍ତି ସକଳେ ଖଳ
ସଂସାର ରଥଟି ଚାଲଇ ସରଳ
ହୋଇଥିଲେ ମନ ମେଳ ।

ସୁନ୍ଦରପଦା, ଭୁବନେଶ୍ୱର

# ଭ୍ରମର

ବସନ୍ତ କୁମାର ଦାସ



ସେ ଯେ ଭ୍ରମର...ନୁହେଁ ମହୁମାଛି ,
କୋଟିଏ ଫୁଲକୁ ଭଲ ପାଇଥିଲା
ମହୁ ଚାଖିନାହିଁ ବାଛି ବାଛି !
ଫୁଲଟିଏ ଯେବେ ମଉଳି ଯାଇଛି
ଝରାଇଛି ନିଜ ଲୁହ ଲୁଚି ।।



ଫଗୁଣର ନୁହେଁ ଶ୍ରାବଣର ନୁହେଁ
ବଇଶାଖ ଅବା ଶୀତ ଫୁଲଟିଏ,
ଯାଚିଦେଲେ ଯେତେ କୁଆଁରୀ ହୃଦୟ
ହସିଦିଏ କହି ମୁଁ ନୁହେଁ ସିଏ ।।

ତୋ ହସରେ ହସି, ତୋ ଖୁସିରେ ଖୁସି,
ନିଆରା ମନ ତା ପାଏ କିଛି,
ଫୁଲଟିଏ ଯେବେ ମଉଳି ଯାଇଛି
ଝରାଇଛି ନିଜ ଲୁହ ଲୁଚି ।।

ଦେଇ ଜାଣେ ସିଏ ନେଇ ଜାଣେ ନାହିଁ
ଥରେ ବି ଫୁଲଟେ ଖୋଲି କହିନାହିଁ
ଏକା ସେ ବାଟୋଇ ପଥ ସରେ ନାହିଁ
ସେଇତକ ଭଲ ପାଇବାକୁ ଚାହିଁ ।।

ଏତେ ଅଭିମାନ କଳଙ୍କ ଚନ୍ଦନ
ଲିଭୁନାହିଁ ଲୁଚା ଲୁହେ ପୋଛି ,
ଫୁଲଟିଏ ଯେବେ ମଉଳି ଯାଇଛି
ଝରାଇଛି ନିଜ ଲୁହ ଲୁଚି ।।

ବରମୁଣ୍ଡା ଗ୍ରାମ, ଭୁବନେଶ୍ୱର
ମୋ: ୭୦୦୮୬୯୩୯୦୩

# ପ୍ରେମିକା

ସଚି ବେହେରା





ତମେ କେବେ ଆସ ଶେଷ ପାହାନ୍ତିର ସପନରେ ଭିଜି ଭିଜି
ଫଗୁଣ ଫଗୁରେ ଗୋଧୂଳି ବେଳାରେ ମନ୍ଦ ମଳୟ ସାଜି ।
ମୋ ଗାଁ ଆକାଶେ ଜହ୍ନ ଉଇଁଲେ ତମ ଗାଁ କଇଁ ବାସେ
ତମ ଗାଁ ଆକାଶେ ସୁରୂଜ ଉଇଁଲେ ମୋ ଗାଁ ପଦୁଅଁ ହସେ ।
ନଈ ସେପାରୀର କନକ ଗୋରୀ ସେ ଗାଁରେ ଅଛି ମୋ ପ୍ରିୟା
କାଗଜ ଡଙ୍ଗାରେ ଭସେଇ ଦେଲି ମୁଁ ଲେଖିଦେଇ ତାର ନାଁ ।
ଫୁଲ ସବାରୀର ଫୁଲବତୀ କନ୍ୟା ଯେବେ ଯିବ ଶାଶୁଘର
ମୋ ଗାଁ ବାଟେ ଗଲାବେଳେ ନିଶ୍ଚେ ଦେଖିବ ମୋ ଷଠୀଘର ।
ଅଳସ ଦେଶର ରାଜରାଜେଶ୍ୱରୀ ତୁମେ, ମୁଁ ଯେ କ୍ଳାନ୍ତ ଯାଯାବର
ଚିରୁଡ଼ାଏ ହସ ଓଠରେ ତୁମର, ମୋ ଆଖିରେ କ୍ଳାନ୍ତି ସାରାଜୀବନର।
ପାଇ ହରେଇବା, ହରେଇ ପାଇବା ଦୁନିଆର ଏହି ରୀତି
ଜୀବନେ ଜୀବନେ ଜନମେ ମରଣେ ଭାବୁଛି ମୁଁ ଦିନରାତି ।

ଯୁଗ୍ମ ନିର୍ଦ୍ଦେଶକ, ଟ୍ରେଜେରୀ ନିର୍ଦ୍ଦେଶାଳୟ
ଭୁବନେଶ୍ୱର
ମୋ-୯୦୯୦୧ ୭୫୨୭୦

# ପ୍ରିୟତମ

ଅପରାଜିତା



ସଜଳ ନୟନେ ପ୍ରୀତିର କଜ୍ଜଳ
ଟାଣି ଦେଲ ଯେବେ ତୁମେ
ଧୂସର ମରୁରେ ଶ୍ୟାମଳ ସୁରଭି
ଖେଳିଗଲା ତୁମ ନାମେ ।

ଗଭା ଗଜରାରେ ଫୁଲ ଋତୁ ଆସି
ସାଜିଲେ ସ୍ୱତଃ ବନ୍ଦିନୀ
ଜୁଆରିଆ ଲାଗେ ସ୍ୱପ୍ନ ର ସାଗର
ଅଗଣା ଭିଜା ଚାନ୍ଦିନୀ ।



ପ୍ରାଚୀ ପିଆଲାରେ ତପନ ଓହ୍ଲାଏ
ବୁଣି ଅନୁରାଗ ବାସ୍ନା
ଜୀବନ ବୀଣା ରେ ମେଘମହ୍ଲାର
ହୃଦୟେ ଆବେଗ ତୃଷ୍ଣା ।

ବିରହ ବିଧୁର ପାନ୍ଥଶାଳା ଦେହେ
ପ୍ରଣୟର ଆଦ୍ୟ ଧ୍ୱନି
ତୁମ ପ୍ରୀତି ଲେଖେ ମୃତଚେତନାରେ
ମହାମନ୍ତ୍ର ସଂଜୀବନୀ ।

ପ୍ରିୟତମ ତୁମ ପ୍ରୀତି ସୁଧାଧାରେ
କରିଛି ଅବଗାହନ
ଶୂନ୍ୟ ଜୀବନ ଶୁଷ୍କ ତରୁ ଏବେ
କିଶଳୟ ପରିପୂର୍ଣ୍ଣ ।

ଉପବିଭାଗ ଅଧିକାରୀ,
ଟ୍ରେଜେରୀ ନିର୍ଦ୍ଦେଶାଳୟ ଭୁବନେଶ୍ୱର
ଫୋନ୍ ନଂ -୮୦୧୮୫୬୪୯୨୭

# ଶବ୍ଦବ୍ରହ୍ମ

ଡକ୍ଟର ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ



ଶବ୍ଦବ୍ରହ୍ମ, ଶବ୍ଦ ଦିଅ
ତୋଷିବି ମୁଁ ଶବ୍ଦମୟଙ୍କୁ ।
ତୁମରି ଦିଆ, ଶବ୍ଦର ଦେହେ
ପୂଜି ମୁଁ ପରଂମବ୍ରହ୍ମଙ୍କୁ
ଶବ୍ଦବ୍ରହ୍ମ ଶବ୍ଦ ଦିଅ
ତୋଷିବି ମୁଁ ଶବ୍ଦମୟଙ୍କୁ ।
ଶବ୍ଦରେ ଆସନ୍ତି ଆନନ୍ଦମୟ
ଶବ୍ଦରେ ତୋଷନ୍ତି ଜନ ହୃଦୟ
ଶବ୍ଦ ରାଗ, ଶବ୍ଦ ଅନୁରାଗ
ଶବ୍ଦରେ ଆସେ ବିରାଗ
ଶବ୍ଦର ମହିମା ଗାଇ
ଶବ୍ଦରେ ଲୀନ ହେବାକୁ
ଶବ୍ଦ ବ୍ରହ୍ମ ଶବ୍ଦ ଦିଅ
ତୋଷିବି ମୁଁ ଶବ୍ଦମୟଙ୍କୁ ।
ଶବ୍ଦ କରେ ମିତ୍ର ଣ
ଶବ୍ଦର ଗୁଣ ଅମାପ,
ଶବ୍ଦରେ ଶତ୍ରୁ, ଶବ୍ଦରେ ସ୍ଥାଣୁ,
ଶବ୍ଦରେ ପୁଣ୍ୟ ଓ ପାପ
ଶବ୍ଦ ଆଣେ ଚାଞ୍ଚଲ୍ୟ ଭାବ
ଶବ୍ଦ ଆଣେ ବିଜୟକୁ
ଶବ୍ଦ ବ୍ରହ୍ମ ଶବ୍ଦ ଦିଅ
ତୋଷିବି ମୁଁ ଶବ୍ଦମୟଙ୍କୁ ।



ବରମୁଣ୍ଡା ହା. ବୋ. କଲୋନୀ
ଭୁବନେଶ୍ୱର
ମୋ - ୯୪୩୭୨୭୯୧୬୨

# ମୃଗତୃଷ୍ଣା

ଡକ୍ଟର ମନ୍ଦାକିନୀ ପାଢ଼ୀ



ଜୀବନ ମରୁଭୂମି ପଥେ ଏକାନ୍ତ
ରହେ ମୃଗ ତୃଷ୍ଣା ସାଜି
ଜୀବନ ଯୌବନ ବିରହ ପାଖୁଡ଼ା
ଝରିପଡିଂ ଯାଏ ହଜି ।

ତପ୍ତ ବାଲୁକା ରାଶିରେ ଏ ଜୀବନ
ବାସ ଯାଏ ତା ମଉଳି
ଦୁଃଖର ଦହନରେ ଆଶାରସୌଧ
ପଡ଼ି ଯାଉଛି ଝାଉଁଳି ।

ଦିଘଡିଂ ଜୀବନେ ବନ ଉପବନେ
ସୁବାସ ବିତରି ଫୁଲ
ମହକାଇ ଥିଲା ଜୀବନକୁ ଦିନେ
ଆଜି ମୃଗ ତୃଷ୍ଣା ତୁଲ ।

ମରୁବାଲି ପରେ ଚାଲୁଚାଲୁ ଆଜି
ଥକି ପଡ଼େ ଅଧାବାଟେ
ଜୀବନ ତମାମ ପାଦରେ ଫୋଟକା
ରହିବାକୁ ହେବ କଷ୍ଟେ ।

ମନ କଦମ୍ବର ଅକୁହା କଥାକୁ
ପ୍ରୀତି ସାଗରେ ଭସାଇ
ଦୁଃଖିର ମନରେ ମେଣ୍ଟିବନି ତୃଷ୍ଣା
ରହେ ମୃଗ ତୃଷ୍ଣା ହୋଇ ।



ପଦ୍ମପୁର,ବରଗଡ଼

# ରାସ୍ତା

କମଳିନୀ ଦେବୀ



ସୃଷ୍ଟି ପ୍ରାରମ୍ଭରୁ ବକ୍ଷ ପାତିଛି ମୁଁ ବ୍ୟୋମକୁ ଅନାଇ
ଅନନ୍ତ ଯୁଗରୁ ଅଛି ଆଜିଯାଏ ସମାଧିସ୍ଥ ହୋଇ
ଦିଗ୍ ବଳୟ ପର୍ଯ୍ୟନ୍ତ ବ୍ୟାପିଛି ମୁଁ ନାଇଁ ମୋର ସୀମା
ଆନନ୍ଦ ବିଭୋର ହୁଏଁ ଚାହିଁ ମୁଁ ଯେ ପ୍ରକୃତି ମହିମା ।।

ଭାସ୍କରଙ୍କ ତେଜେ ଲଭି ଶରୀର ମୋ ହୁଏ ଶକ୍ତିଶାଳୀ
ପଥିକୀ ଜନମାନଙ୍କ ପଦରଜ ପଦଭାର ଅଛି ମୁଁ ସମ୍ଭାଳି
ବରଷାର ବାରିଧାର ମତେ ଯେବେ କରେ ଅଭିଷେକ
ମୋ ମନରୁ ଧୋଇଦିଏ ସବୁ ଦୁଃଖ କଷ୍ଟ ତାପ
କେତେ ମୁଁ ଯେ ଦେଖିଅଛି ପୂର୍ଣ୍ଣିମାର ଜୋଛନା ରଜନୀ
ଦେଖିଛି ଅମାବାସ୍ୟାର କୁହୂ ଘନ ଅନ୍ଧକାର ପୁଣି ।।



କେ ଜାଣି ପ୍ରଥମେ କିଏ ମୋ ହୃଦୟେ ସ୍ଥାପିଲେ ପୟର
ଯୁଗାନ୍ତର ହୋଇଗଲା ମୌନବ୍ରତେ ହୋଇଅଛି ସ୍ଥିର
ସଭିଙ୍କୁ ଚଳାଇଅଛି ନିଜ ନିଜ ରାହା ମୁଁ ଦେଖାଇ
ବକ୍ଷେ ଆବୋରି ଧରିଛି ସମସ୍ତଙ୍କୁ ନିଶ୍ଚିନ୍ତ ମୁଁ ହୋଇ ।।

କେତେ ଯେ ମହା ମନିଷୀ କେତେ ଯେ ପୂଣ୍ୟାତ୍ମା
ମୋ ବକ୍ଷରେ ଚାଲିଛନ୍ତି ନାହିଁ ତା କଳନା
ଲିପିବଦ୍ଧ କରିଯାଇଛନ୍ତି ସ୍ୱର୍ଣ୍ଣାକ୍ଷରେ ନିଜ ନିଜ ନାମ
ଦେଶ ଜାତି ପାଇଁ କରି ଯାଇଛନ୍ତି କେତେ କେତେ କାମ ।।

ଯାଇଛନ୍ତି ପୁଣି କେତେ ଦସ୍ୟୁ, ଦେଶ ରାଜଦ୍ରୋହୀ
ଲମ୍ପଟ, କାମୁକ ଧନୀ, ମାନୀ ଗରିବ,ବିଦ୍ରୋହୀ
କେତେ ପଥ କେତେ ଶାଖା ମୋ ପାଖରୁ ଲମ୍ବିଣ ଯାଇଛି
ସାକୀ ସୁରା, ଦେବାଳୟ ,ଶିକ୍ଷା ଆୟତନ
ସିଦ୍ଧ ସାଧକ କୁଟୀର କାହିଁ ବା ରହିଛି ।।

ସମସ୍ତଙ୍କୁ ସମଭାବେ କରିଛି ଆପଣା
କହାପ୍ରତି କେବେ ସ୍ନେହ ମୋର ନୁହେଁ ଊଣା ।।

ସମ୍ପାଦିକା
ସ୍ୱୟଂପ୍ରଭା ଲେଖିକା ସଂସଦ, ବରଗଡ଼
ମୋ - ୮୨୪୯୮୭୧୭୩୨

# କାକର

ସବିତା ଶତପଥୀ



ସଜ ସକାଳ ରେ ଗଲି ଛାତ ପରେ
ତୁଳସୀ ମୂଳରେ ଦେବାକୁ ଜଳ
ନିରେଖିଲି ତହିଁ ଗୋଲାପ ଗଛର
ଶାଖାରେ ପତ୍ରରେ
ଝଟକୁଛି ଟୋପା ଟୋପା କାକର
କାକର ବିନ୍ଦୁକୁ ମୋ ହାତ ମୁଠାରେ
ଆଣିଲି ଟୋଳି
କେଜାଣି କାହିଁକି ପ୍ରଶ୍ନ ଟିଏ
ତାକୁ ପଚାରି ଦେଲି
ଅନ୍ଧକାର ଚିରି କାହାର ନୟନ
ଲୋତକ ଧାର, ନିଶିଥରେ ଝରି
ସରଜିଛି ଟୋପା ଟୋପା କାକର,
ଅବା କା' ଓଠରୁ ଲୁହ ଭିଜା ହସ ଟିକିଏ ନେଇ
ପତର ଉପରେ କାକର ବିନ୍ଦୁ ଦେଲା ସଜାଇ
ମୋତି ସମ ସେ, ତ ଝଟକୁ ଥାଇ
କଥା କହୁ କହୁ ହାତ ମୋର
ଟିକେ ଗଲା ତ ଥରି
ହାତ ପାପୁଲି ଠୁ ଖସି ଜମିପରେ
ଟୋପି ଟୋପି ସବୁ ଗଲେ ତ ଝରି
ନ ରହିଲା ଆଉ ଚିହ୍ନ କାହାରି
ଉଦାସ ମନରେ ବୁଝି ଯାଉଥିଲି ତାଙ୍କ ଉତ୍ତର
ଅପ୍ରିୟ ସତ୍ୟ କହିବେନି ଅବା
ନୀରବେ ରହିବା ଧର୍ମ ତାଙ୍କର ।




ଭୁବନେଶ୍ୱର

# ଭାବିଦେଲେ

ନିହାରିକା ରାୟବରାଳ



ତମକୁ ଭାବିଦେଲେ
ଯେତେ ସବୁ ସାହସ କି
ଆତ୍ମିକ ସନ୍ଦେଶ ଭରିଯାଏ
ମୋ ସ୍ନାୟୁରେ ସ୍ନାୟୁରେ
ତମକୁ ଅର୍ପିଦେଲେ ହୃଦୟର ଦୁଃଖ
ପାରିଜାତ  ଫୁଟି ଉଠେ
ମନ ଉପବନେ ।



ତମକୁ ପୂଜି ଦେଲେ
ନିର୍ବାପିତ ହୋଇଯାଏ
ଦାବାଗ୍ନୀରେ ଜଳୁଥିବା
କ୍ଷତ ଓ ଯନ୍ତ୍ରଣା
କେବେ ଯଦି ସ୍ୱପ୍ନରେ ବି ଦିଶିଯାଏ
ତମ ଛବି,ତମ ସ୍ମିତ ହସ
ଆଖିରେ ଆଖିଏ ଅଶ୍ରୁ
ବହିଯାଏ ନମାନି ସେ
ହୃଦୟର ବାଡ଼ ବନ୍ଧ
ସ୍ମୃତି ଅପାସୋରା ।

ତମେ ଏମିତି  କେଉଁ ଯୋଗଜନ୍ମା ଯେ
ଅସ୍ଥାନ ମାଡି ବସିଅଛ
ମୋ ଗୋଟାଯାକ  ଅତୀତ
ବର୍ତ୍ତମାନ ଓ ଭବିଷ୍ୟତ
ମଥାନତ ତମ ପାଖେ
କୃତଜ୍ଞ ମୁଁ , ଜନ୍ମ ପରେ ଜନ୍ମ ।

ଅନୁରାଗ
ବି/୧୦, ପ୍ରତିଭା ଏନ୍‌କ୍ଲେଭ,
ବିଜେବି ନଗର, ଭୁବନେଶ୍ୱର
ମୋ - ୯୪୩୭୧୨୩୨୪୮

# ଶୂନ୍ୟ ମନ୍ଦିର

ଶରତ କୁମାରୀ ମିଶ୍ର



ମନ୍ଦିର ରହିଛି ଦେବତା ନାହାନ୍ତି ଏଠି
ଶୂନ୍ୟ ଲାଗୁଛି ଯୁଆଡେ ମୁଁ ଚାହୁଁଅଛି
ଘର ଲାଗେ ଶୂନ୍ୟ ବାହାର ବି ଲାଗେ ଶୂନ୍ୟ
ସବୁ ଅଛି କିନ୍ତୁ ଲାଗୁନାହିଁ ମୋତେ ପୂର୍ଣ୍ଣ ।

ମୋ ଆଖି ଆଗରେ ନିଥର ନୀରବତା
ରାଜତ୍ୱ କରୁଛି, କହୁନି କେହି ସେ କଥା
ଏ ଘରଟି ଲାଗେ ସବୁଆଡେ ଶୁନ୍‌ସାନ୍
ତୁମକୁ ଖୋଜୁଛି ସବୁଠାରେ ମୁହିଁ ପୁଣ ।



ସବୁ ଜିନିଷ ତ ରହି ଅଛି ପୂର୍ବ ପରି
ତୁମେ କିନ୍ତୁ ଗଲ ଆଉ ଆସିଲିନି ଫେରି
ଏଇ ଘରେ ବସି ସ୍ମୃତିକୁ କରି ସମ୍ବଳ
ଦିନ ମୁଁ କାଟୁଛି ଲାଗୁଛି ସବୁ ବିଫଳ ।

ତୁମେ ଥିଲ ଘର ପରା ଲାଗୁ ଥିଲା ଲକ୍ଷ୍ମୀବନ୍ତ
ଏବେ ମୋତେ ଲାଗେ ସବୁର ହୋଇଛି ଅନ୍ତ
ସ୍ନେହ ମମତାର ଝର ଏଠି ଝରୁଥିଲା
ଏବେ ଖାଲି ଖାଲି, କିଏ ସବୁ ନେଇଗଲା ।

ଶୁଷ୍କ ନିରସ ଲାଗୁଛି ଜୀବନ ମୋର
ଶୁଖି ଯାଇଅଛି ଜୀବନ ନଦୀର ଧାର ।

ଆଇ. ଆର୍. ସି. ଭିଲେଜ୍,
ଭୁବନେଶ୍ୱର

# ଭାବର ଠାକୁର ଜଗନ୍ନାଥ

ସରୋଜଲକ୍ଷ୍ମୀ ମହାନ୍ତି



ଜଗନ୍ନାଥ ସତ କହିବକି
ତୁମରି ଭାବନା କରେ ଆନମନା
ଥରଟେ ମୋ ଆଡ଼େ ଚାହିଁବକି
ସକଳେ କୁହନ୍ତି ମନୁଆ ଠାକୁର
ମୋ ମନ ଥରଟେ ରଖିବକି?
ଶେଷ ଜୀବନରେ ଶେଷ ବନ୍ଧୁ ଭାବି
ଅଭଡା ଲୁଚେଇ ଯାଚିବକି
ତୋ ବଡ଼ଦାଣ୍ଡେ ପାଦଦେଲେ କାଳେ
ସବୁ ପାପ ତାପ ଯାଏ ଧୋଇ
ଜୀବନ ଜଞ୍ଜାଳ ପାପ ପୂଣ୍ୟ କେତେ
ହିସାବ ନିକାଶ ଜଣାନାହିଁ
ମାଗୁଣି ଏତିକି ରଖିବକି
କିମିଆ କରିବ ଡୋରିରେ ଟାଣିବ
ବଡ଼ଦାଣ୍ଡେ ଥରେ ନେବ ଡାକି
ଯଶୋଦା ନନ୍ଦନ ମୋ ହୃଦ ସ୍ପନ୍ଦନ
ଭାବରେ ଠାକୁର ଭାବଗ୍ରାହୀ
ଗଙ୍ଗା ଯମୁନା ମୋ ଆଖିରୁ ବୁହାଇ
ସବୁ ପାପ ମୋର ଦେବ ଧୋଇ
ନାହିଁ ଅଭିଯୋଗ ଅଭିମାନ
ଆଉ କିଛି ମୋର ଆଶା ନାହିଁ
ସୁଖ ଦୁଃଖ ଯାହା ଜୀବନ ରେ ଦେଲ
ସବୁକୁ ନେଲି ମୁଁ ଆପଣେଇ
ଶେଷ ବେଳେ ଟିକେ କରୁଣା କରିବ
ପ୍ରାଣ ଯିବ ତୁମ ମୁହଁ ଚାହିଁ ।



ନନ୍ଦନବିହାର, ଭୁବନେଶ୍ୱର

# ତୁମେ ଆଉ ମୁଁ

ମଧୁସ୍ମିତା ମହାପାତ୍ର



ତୁମେ ପୂର୍ବାକାଶ ପୂର୍ଣ୍ଣମୀର ଚାନ୍ଦ
ସ୍ପର୍ଶେ କୁମୁଦିନୀ ହୁଏ ଆହ୍ଲାଦିତ
ଉଆଁସି ରାତ୍ରିର କ୍ଷୁଦ୍ର ଖଦ୍ୟୋତ ମୁଁ
ଦିକି ଦିକି ଶିଖା ସଦା ନିଷ୍ପ୍ରଭ ।

ତୁମେ ହସଭରା ଫଗୁଣବଗିଚା
ମଳୟ ପରଶେ ନୃତ୍ୟର ଛନ୍ଦ
ମୁଁ ନିଦାଘର ଶୁଷ୍କ ଗାଲିଚା
ଯେଉଁଠି ବହୁନି ବସନ୍ତ ଗନ୍ଧ ।



ତୁମେ ନୀଳ ଆକାଶର ଉଜ୍ଜ୍ୱଳ ନକ୍ଷତ୍ର
ତାରକା ପୁଞ୍ଜ ମେଳେ ହୁଅ ଉଲ୍ଲସିତ
ପ୍ରତି ପ୍ରଭାତ ର ଝରା ଶେଫାଳୀ ମୁଁ
ସ୍ୱପ୍ନ ସମ୍ଭାବନା ଯାର ଉପେକ୍ଷିତ।

ତୁମେ ହିମାଛନ୍ନ ଶାନ୍ତ ହିମାଳୟ
ମୁଁ ମରୁ ଚଟାଣ ବାଲୁକାମୟ
ମୋ ଜୀବନ ଶୁନଶାନ୍
କୋଳାହଳ ହୀନ
ଚତୁଃପାର୍ଶ୍ୱ ତୁମ ଜନସମାଗମ
ଶୁଭେ ହସଖୁସି ଭରା ଗୁଞ୍ଜରଣ ।

ମୁଁ ପଥିକ ଅଟେ ଚିର ଦିଗହରା
ତୁମେ ଲକ୍ଷ୍ୟବାଦୀ ଲକ୍ଷ ପୁଷ୍ପଭରା ।

ନୀଳାଦ୍ରୀ ବିହାର, ଭୁବନେଶ୍ୱର

# କିଛିଦିନ

ସୁବ୍ରତା ମିଶ୍ର



କିଛି ଦିନ ପାଇଁ
ମନର ଯାନରେ ବସି
ଉଡ଼ିବାକୁ ଦିଅ ମତେ
ଅନ୍ତରୀକ୍ଷର
ଅନନ୍ତ ବକ୍ଷ ଆଡ଼କୁ,
ଯେଉଁଠି
ଝଲମଲ କରୁଛନ୍ତି
ସୂର୍ଯ୍ୟ,ଚନ୍ଦ୍ର,ଗ୍ରହ,ତାରା ସବୁ...।



ଦେଖି ତ ଆସେ ଟିକିଏ
ସେଇଠି ହସି ହସାଉଥିବା
ସ୍ୱର୍ଗୀୟ ସତ୍ତା ମାନ,
ଏମିତି ହସି ଚାଲିଥାନ୍ତି ସବୁ ଦିନ
ନା କେବେ କେବେ
ଆପଦ, ବିପଦ ବି
ଆସେ ତାଙ୍କର...!

ଛାଡ଼ିବାକୁ ପଡୁ ପଛେ ସେଥିପାଇଁ
କିଛି ଦିନ ଅନ୍ତତଃ
ଏ ମାଟିର ମୋହ
ଜୀବ ଜନ୍ତୁ,ତରୁ, ଲତା,ଗିର. ବନ
ବନ୍ଧୁ ପରିଜନ ସମେତ
ପାର୍ଥିବ ସମସ୍ତ ପଦାର୍ଥ ।

ଜୟଦୁର୍ଗା ନଗର, ଭୁବନେଶ୍ୱର
ମୋ- ୮୨୪୯୮୩୨୦୯୩

# କବି ଓ କବିତା

ସ୍ୱାତି ମହାନ୍ତି



ଅନ୍ତର ଆତ୍ମାର ଭାବ,
ଅଭାବ, ଘଟଣା, ଦୁର୍ଘଟଣା,
ପ୍ରେମ ଓ ପ୍ରତାରଣା
ନାୟକ ନାୟିକା ଆଉ କେବେ
ରାଗ ରାଗିଣୀ, ଚାନ୍ଦର ଚାନ୍ଦିନୀ,
ସନ୍ଧ୍ୟାର ସଳିତା
ସେଠି କଲମ କେବେ ଯୁଦ୍ଧ କରେ
ଆଉ କେବେ ସତ କହି ଭୋକେ ମରେ,
ବିଶିଷ୍ଟ କେବେ ଅବଶିଷ୍ଟ
ଛି' ଛା' କେତେ ଟାହି ଟାପରା
ତା'ର ଲେଖନୀ କିନ୍ତୁ ଅମର, ଚିର ସବୁଜ
ତାକୁ କେବେ ମୁହଁରେ ଧଳା,
ମୁଣ୍ଡରେ କଳା ଲଗେଇବାକୁ ପଡ଼ିନି
ସେ ସବୁବେଳେ ଦୃଢ଼,
ଦାମ୍ଭିକ, ସୁନ୍ଦର, ଅନନ୍ତ ଓ ଆତ୍ମୀୟ
ପର, ନିଜର ଭାରି ଆପଣାର !



ଜେଡ୍ ୱାନ୍ ଇଷ୍ଟେଟ୍,
ଭୁବନେଶ୍ୱର

# ଦୁଇକୁଳକୁ ହିତା

ଡକ୍ଟର ପ୍ରବୀଣା ପରିଡ଼ା



କୁନିପାଦ ଯେବେ ମାଟି ଛୁଇଁଥାଏ
ଆଶାର  ଆଲୋକ ହୃଦେ ପ୍ରକାଶେ,
ଖୁସିର ଲହରୀ ଘରେ ଖେଳିଯାଏ
କୁଆଁ ରାବ ଶୁଣି ଅଗଣା ହସେ।
ପାଦର ପାଉଁଜି ରୁଣୁଝୁଣୁ ବାଜେ
ଶୁଭ ଡାକ ଦିଏ ଡାମରା କାଉ,
ରଂଗ ଭରିଦିଏ ପାଦର ଅଳସ
ଯାତନା ଜଞ୍ଜାଳ ନ ଦିଶେ ଆଉ।
ଅଧରରୁ  ଝରେ ଖିଲି ଖିଲି ହସ
କଣ୍ଠରେ ସତେକି କୋଇଲିସ୍ୱର,
ଲକ୍ଷ୍ମୀ ରୂପେ ଉଭା ଶାନ୍ତି ବିରାଜିତ
ହସ ଉଲ୍ଲାସରେ ପୁରଇ ଘର।
ନବ ପରିଧାନ ନୂତନ ଭୂଷଣ
ମଜ୍ଜିଯାଏ  ମନ ସାଥୀଙ୍କ ମେଳେ
ରଜ ଦୋଳିଗୀତ  ଖିଲିପାନ ମଜ୍ଜା
ଖିରି ପୋଡ଼ପିଠା  ଏମନ୍ତ ଭାଳେ।
ସେନେହ ଡୋରରେ ପରିବାର  ବନ୍ଧା
ପରକୁ କରିଲେ ଅତି ନିଜର
ମଥାନତ  କରି ଗଢିଲେ ସଂସାର
ନାଁ ଟେକ ରହେ ବାପଘରର।
ଝିଅର ଜନମ ପର ଘରକୁ ଲୋ
ଦୁଇକୂଳକୁ ସେ ହିତା,
ଶାଶୁଘର ମାନ ରଖିଲେ ମଥାରେ
ହୋଇବୁ ଜଗତ ଜିତା।



ଷ୍ଟାର୍ ସିଟି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଫୋନ୍ ନଂ – ୮୯୯୫୫୪୬୭୭

# ନାରୀର ଲୁହ ଓ କୋହ

ଶୋଭାମୟୀ ପଣ୍ଡା



ନାରୀ ଏଠି ଖାଲି
ଲୁହରେ ଭିଜଇ କୋହରେ ସିଝଇ
ଏ ଜୀବନ ଜିଇଁ ଥାଇ
ଦୁଃଖ କୁ ଛାତିରେ ଲୁଚାଇ ରଖଇ
ଦୁଃଖ କଷ୍ଟେ ବି ହସି ହସାଇ ଥାଇ।
ନାରୀ ଏଠି ଏକା କାହାର ନୁହଁଇ
ନିଜ ଘର କାହିଁ ଖୋଜି ବୁଲୁଥାଇ

ମନର ଦରଜ ମନ ତାର ବୁଝେ
ରଙ୍ଗ ବିନା ଦୁନିଆର ରଙ୍ଗମଞ୍ଚେ
ତା ଲାଗି ଦୁନିଆ ଦରଦି ନୁହେଁ
ତା ଦୁଃଖ ଦରଦ ଜାଣିବ କିଏ?
ନାରୀ ଏଠି ଖାଲି
ଲୁହରେ ଭିଜଇ କୋହରେ ସିଝଇ
ଏ ଜୀବନ ଜିଇଁ ଥାଇ।



ନାରୀକୁ ମାଗିଲେ ମିଳେନି ନିଜ ଅଧିକାର
କିନ୍ତୁ, କରଇ ସଲାମ ଏ ସଂସାର
ନିଜ କଥା ଯିଏ ନିଜେ ନ ବୁଝିଛି
ତା କଥା ବୁଝିବ କିଏ?

ତା ଜୀବନ ଏକ ଅକୁହା କାହାଣୀ
ସଭିଏଁ ଏହାକୁ ପାରିବେନି ଜାଣି
କହି ଲାଭ ନାହିଁ, ବୁଝିବେନି କେହି
ହସିଦେବେ ଲୋକେ ସବୁ ଜାଣି ଶୁଣି।
ନାରୀ ଏଠି ଖାଲି
ଲୁହରେ ଭିଜଇ କୋହରେ ସିଝଇ
ଏ ଜୀବନ ଜିଇଁ ଥାଇ।।

ଭୁବନେଶ୍ୱର

# ଗଛତଳ

ଜ୍ୟୋତିପ୍ରକାଶ ଗଡ଼ତ୍ୟା



ଗଛତଳ ଲୋଡ଼ା ଏବେ
ଖରାଦିନ, ଛୁଟିଦିନ
ଢେର ସମୟ ଏକାଠି ହେବା,
ବସିବା, ଗପିବା, ଭୋଜିଭାତ
ଆଉ ଉତ୍ସବ ଆସରର
ପକ୍ଷୀର କାକଳୀ ଆଉ କୋଳାହଳ
ଭିତରେ ନୀରବତା ବରଂ
ପ୍ରଦୂଷିତ ଶବ୍ଦ, ବାଦ୍ୟ ଓ ସଙ୍ଗୀତରେ
ମୁଠାଏ ଖାଇବା ଆଉ ପାଇବାର
ଭିତରେ ପଶୁପକ୍ଷୀଙ୍କର ପ୍ରତିଯୋଗିତା,
ଏମିତ ଗଛତଳ,
ଖରା ଓ ଛାଇର ଲୁଚକାଳି ଭିତରେ,
ରାତିରେ ପୁଣି ନୀରବି ଯାଏ
ଅନ୍ଧକାର ଓ ଭୟଙ୍କର ରୂପନେଇ,
କିଏ କାହାର ସାକ୍ଷୀ ଅଛି,
ପ୍ରେମ, ପ୍ରଣୟର
ହତ୍ୟା ଆତ୍ମହତ୍ୟାର
ଅବା ବାଲ୍ମୀକି ରତ୍ନାକରର ।



ସର୍ଗିଗୁଡ଼ା, ଟିଟିଲାଗଡ଼, ବଲାଙ୍ଗିର
ମୋ: ୯୬୫୮୮୨୭୫୫୨

# ହେଲେ ପରିଚୟ

ନୀଳମଣି ଚାନ୍ଦ



ଅପରିଚିତ ଯେ ହେଲେ ପରିଚିତ
ଗଢ଼େ ସମ୍ପର୍କର ବନ୍ଧ
ପରିଚୟ ମହାକାବ୍ୟର ସିଏରେ
ହୁଅଇ ପ୍ରଥମ ସ୍କନ୍ଧ।

ଦୁଇଟି ଅଜଣା ମନ  ମିଶିଯାଏ
ବହେ ଭାବନାର ଧାରା
କିଏ କହୁଥାଏ ଏ ସମ୍ପର୍କ ରହୁ
ଏମିତି ଜୀବନ ସାରା
ଲାଗେ ସେଇବେଳେ ସତେ ବହୁଥାଏ
ମଳୟଟି ମନ୍ଦ ମନ୍ଦ ।



ମନ ଭାବୁଥାଏ କେତେ ଯେ ନିଜର
ଏଇ ଦୁନିଆରେ ଜଣେ
ତା ସୁଖରେ ସୁଖୀ ତା ଦୁଃଖରେ ଦୁଃଖୀ
ହେବାକୁ ସିନାରେ ଜାଣେ
ନୟନୁ ଲୋତକ ଝରିପଡ଼େ ଆପେ
ଦେଖିଲେ ପ୍ରିୟାର କାନ୍ଦ।

ଏଇ ପ୍ରେମ ଗୀତି ଏ  ସମ୍ପର୍କ ପ୍ରୀତି
ଜୀବନ କ୍ଷେତର ଫୁଲ
ପରଖି କହଇ କେତେ ସିଏ ଖାଣ୍ଟି
ତା ମୂଲ ଅମୂଲ ମୂଲ
ସିଏ ଥିଲେ ମନ ଆକାଶରେ ଉଏଁ
ପୂନେଇଁ ରାତିର ଚାନ୍ଦ।


ମନ୍ତ୍ର ମାନୋର୍, ଗୋଠପାଟଣା
ଭୁବନେଶ୍ୱର
ମୋ : ୯୫୮୩୨୦୨୩୫୭

# ତମ ଡାକ ପାଇଁ ଅପେକ୍ଷା

ନୀଳମାଧବ କର



କଣ ଲେଖିବି ତମ ପାଖକୁ,
କହିବି, ଗୁଣୁଗୁଣେଇବି ?
ମୋ ମନ, ଶୂନ୍ୟ, ଶବ୍ଦହୀନ
ପ୍ରଚଣ୍ଡ ନୀରବ ଓ ଶାନ୍ତ ।
ତମ ପାଶେ ଥିଲେ
ଶବ୍ଦସବୁ ମୂଲ୍ୟହୀନ
ଚାହିଁବାରେ, ପରଶରେ,
ହଜିଯାଇଥାଏ ମନ
ଅଚିନ୍ତାରେ, ଏକ
ଗମ୍ଭୀର ଆଶ୍ୱସ୍ତିରେ ।
ଦୂରରୁ, ତମେ ହିଁ କେବଳ
ଆଚ୍ଛାଦିଛ ମୋ ମନ ଓ ହୃଦୟ
ମୋ ଚାରିଆଡ଼,
ସବୁ ଦୃଶ୍ୟ ଓ ଅଦୃଶ୍ୟ
କଳପନା ପର ।
ତମକୁ ଦେଖିବାକୁ ଇଚ୍ଛା,
ତମ ନିଶ୍ୱାସକୁ ଛୁଇଁବାକୁ
ତମ ଛାଇସଙ୍ଗେ ଖେଳିବାକୁ
ତମ ସଂସ୍ପର୍ଶର
ଅନୁଭବ ଟିକେ ପାଇଁ
ତମ ପାଖକୁ ଯିବାର ନିଶା ।
ଆତୁରରେ, କାନଡେରି
ତମ ଡାକ ପାଇଁ ଅପେକ୍ଷା କରିଛି ।



ଓଲ୍‌ଭର୍‌ହାମ୍ପଟନ୍, ୟୁକେ

# ଓଡ଼ିଶା ମାଟିରେ ଜନମ ନେଇଛେ

ଅଜୟ କୁମାର ସେଠୀ





ଓଡ଼ିଶା ମାଟିରେ ଜନମ ନେଇଛେ
ସିଏ ପରା ଆମ ମାଆ
ତା ପାଣି ପବନେ ଗଢ଼ା ଏ ଜୀବନ
ସବୁରି ଅଟେ ସେ ସାହା ।
ତା କୋଳରେ ବହେ ନଦୀ ଓ ଝରଣା
ମିଶନ୍ତି ସାଗରେ ଯାଇ
ବିଲ,ବନ,ଘର ଆହାକି ସୁନ୍ଦର
ପଟ୍ଟାନ୍ତର ତା'ର ନାହିଁ ।
ଏ ମାଟିର ଆମ ପ୍ରଭୁ ଜଗନ୍ନାଥ
ପୂଜନ୍ତି ସାରା ଜଗତ
ବାରମାସେ ତା'ର ତେର ପର୍ବ ହୁଏ
ମିଛ ନୁହେଁ ଏହା ସତ ।
ରାମାୟଣ, ଗୀତା, ଭାଗବତ ପୋଥି
ଅମୂଲ୍ୟ ରତ୍ନ ଆମର
ଯାହାକୁ ଛୁଇଁଲେ ଅବା ପାଠକଲେ
ପବିତ୍ର ହୁଏ ଅନ୍ତର ।

ଧଉଳିଗିରି ଓ ଖଣ୍ଡଗିରି କହେ
ଅଶୋକଙ୍କ ବୀର ଗାଥା
ବଦଳାଇଥିଲା ଏହି ମାଟି ତାଙ୍କୁ
ନଇଁ ଥିଲା ତାଙ୍କ ମଥା ।
ଏ ମାଟିରେ ବୀର ପାଇକ କାହାଣୀ
ଶୁଣିରଖ ବାରମ୍ବାର
ମାଟି ମା ପାଇଁ ଜୀବନକୁ ଦେଇ
ରହିଛନ୍ତି ସେ ଅମର ।
ଏ ମାଟିରୁ ମୁଠେ ଚିପୁଡିଲେ ଏବେ
ବୀର ରକ୍ତ ପଡ଼େ ଝରି
ସେ ରକ୍ତ ଶିଖାଏ ଆମକୁ ଏକତା
ମନେ ପଡ଼େ ପୂର୍ବ ପିଢ଼ି ।
ବାଜିଆ,ଧରମା ଏ ମାଟି ସନ୍ତାନ
ଜାତି ପାଇଁ ପ୍ରାଣ ଦେଲେ
କେତେ ବୀର ଯୋଦ୍ଧା ଜାତି ପାଇଁ ଲଢ଼ି
ସ୍ୱାଧୀନ ଆମ ଆଣିଲେ ।
ତାଙ୍କ ପାଇଁ ଆମେ ଗର୍ବ କରୁଅଛେ
ନମସ୍ୟ ସିଏ ଆମର
ଓଡ଼ିଶା ମାଟିର କୀର୍ତ୍ତି କାରୁକାର୍ଯ୍ୟ
ନାହିଁ ତା'ର ପଟ୍ଟନ୍ତର ।
ଓଡ଼ିଶା ମାଟିରେ ଜନ୍ମ ହୋଇଅଛେ
ରଖିବା ଜାତିର ଟେକ
ଅସ୍ମିତା ତା'ର ବଜାୟୀ ରଖିବା
ଆମ ପାଇଁ ସେ ଆଲୋକ ।

ଅଞ୍ଜିରା, ନିରାକାରପୁର
ମୋ-୯୯୩୭୧୯୮୮୭୮

# ପ୍ରେମିକା ସେ

ବୀରେଶ୍ୱର ମହାନ୍ତି



ପ୍ରେମିକା ସେ!
ଟିକେ ବୋଉ ବୋଉ ପରି ବାସେ
ବୋଉ ଯେମିତି ଭାତ ବାଢି
ମନ୍ଦ ମନ୍ଦ କରି ହସେ
ସିଏ ବି ସେମିତି
କାହିଁକି କେଜାଣି ହସେ
ଟିପେ ଆଲୁଅ ମାଗିଲେ
ସାରା ଦିନଟେ ଅଜାଡି ବସେ |



ସବୁ ଅଳି ଅର୍ଦ୍ଦଳି ସମ୍ଭାଳି
ଭଲମନ୍ଦ ପାଇଁ ଜାଳେ ଦୀପାଳି
ନୀର ନୁହେଁ
ଲୁହରେ ସେ
ମୁହଁକୁ ପଖାଳି ବସେ
ଯାବତୀୟ ଅସଜଡ଼ା ବହିବସ୍ତାନି
ଆଗପଛ ସଜାଡି ରଖେ
ବୋଉ ସିନା ନୁହେଁ
ପ୍ରେମିକା ସେ
ଠିକ ବୋଉଟିଏ ପରି ବାସେ |

ବିପଦେ ଭରସା ଦିଏ
ଦୁଃଖରେ ଯାତନା ପାଏ
ବୋଉ ସିନା ନୁହେଁ
ପ୍ରେମିକା ସେ
ଅବିକଳ ବୋଉଟିଏ ପରି ହସେ |

ସି – ୧୦୫, ଶୁଭମ୍ ରୟାଲ,
ଘାଟିକିଆ, ଭୁବନେଶ୍ୱର
ମୋ.- ୯୯୩୮ ୬୧୫୬୭୧

# ସୁନା ହରିଣୀ

ଶମ୍ଭୁନାଥ ରାଉଳ



ସୁନା ହରିଣୀର ରଙ୍ଗ ଆକୃଷ୍ଟ କରିନି
କେବେ ଧାଇଁ ନାହିଁ ତା ପଛରେ
ମୁଁ ଜାଣିଛି ଚମକୁ ଥିବା ସବୁ କିଛି ସୁନା ନୁହେଁ।
ଶୁଣିଛି ମୁଁ ପଢିଛି ମୁଁ
ମା ସୀତାଙ୍କର ଦୁର୍ଦ୍ଦଶାର ଅୟମାରମ୍ଭକୁ
ସୁନାର ହରିଣ ପାଇଁ ଧ୍ୱଂସ ହେଲା ସ୍ୱର୍ଣ୍ଣ ଲଙ୍କା
ସୀତାଙ୍କର ଦୁଃଖର କାରଣ
ମୁଁ ଚିହ୍ନିଛି ସେ ସୁନାକୁ
ସୁନାର ପୋଷାକରେ ସୁସଜ୍ଜିତ ଚେହେରାକୁ
ମୁଁ ଦେଖିଛି ତା ପଛରେ ଗଦା ଗଦା ଦୁଃଖର ପେଡିକୁ
ତଥାପି ତା ଆକର୍ଷଣ ଚରମ ସୀମାରେ
ପ୍ରତିଦିନ ନଷ୍ଟ ହୁଏ ସ୍ୱର୍ଣ୍ଣ ଲଙ୍କା, ସୁନାର ସଂସାର
ଦୁଃଖ କେବେ ସରେ ନାହିଁ
ଦୁଃଖର ପସରା ମେଲି ଯାଏ
ସୁଖର ମୁହୂର୍ତ୍ତ ଖାଲି ନାମ ମାତ୍ର
ମରିଚିକା ପ୍ରାୟ ଅନୁଭୂତ
ସମ୍ପର୍କର ସୁନା ସୁତାଖିଅ ଛିଡ଼ି ଯାଏ
ସମ୍ପର୍କ ହୋଇଯାଏ ଏକ ପ୍ରଶ୍ନବାଚୀ
ନା ମୁଁ ପିନ୍ଧି ପାରେ ସୁନାର କଙ୍କଣ
ଖାଲି ହିସାବରେ ଦିନ ବିତେ
ଲକରରେ ପଡ଼ି ପଡ଼ି ପୁରୁଷ ପୁରୁଷ
ଦର ତାର ବୃଦ୍ଧି ହୁଏ
କିଣିଥିବା ପ୍ରଥମ ବ୍ୟକ୍ତିଟି
ସ୍ୱପ୍ନ ତାର ବ୍ୟର୍ଥ ହୁଏ
ସୌନ୍ଦର୍ଯ୍ୟର ମାନ ବଢିଯାଏ
ଖାଲି ହାତ ପୂର୍ଣ୍ଣ ହେଲା ଭଳି ଲାଗେ
ସମୟ ତା'ର ହୁଏ ମୂକ ସାକ୍ଷୀ।




ଭୁବନେଶ୍ୱର
ମୋ :୯୩୩୮୦୧୧୧୮୩

# ପଲ୍ଲୀକବି ନନ୍ଦକିଶୋର

ମାନଗୋବିନ୍ଦ ବାରିକ୍





ଆହେ ପଲ୍ଲୀକବି ଜ୍ୟୋତିର୍ମୟ ରବି
ଦିବ୍ୟ ସାରସ୍ୱତ ଜ୍ୟୋତି,
କାବ୍ୟ କଳା କୃତି ଅମ୍ଳାନ ସ୍ୱୀକୃତି
ଅନିର୍ବାଣ ଦୀପ-ଦ୍ୟୁତି।

ଜାତି ଅସ୍ମିତାର ତନ୍ମୟ-ତପସ୍ୱୀ
ବନ୍ଦିତ ନନ୍ଦ କିଶୋର,
ଭାଷା ଭାସ୍କର୍ଯ୍ୟର ଉତ୍କର୍ଷ-ଐଶ୍ୱର୍ଯ୍ୟ
ହିରଣ୍ମୟ - ହସ୍ତାକ୍ଷର ।

ସୁଧାମୟ ତବ କାବ୍ୟ ମନ୍ଦାକିନୀ
ବାଣୀ ବିମୋହିନୀ କଳା,
ଅମର ଭାସ୍ୱର ଶାଶ୍ୱତ ସ୍ୱାକ୍ଷର
ଭାବ,ଶବ୍ଦ,ଛନ୍ଦ ମାଳା।

ଉପନ୍ୟାସ ତୁମ କନକ ଲତା ଓ
କାବ୍ୟ ଅମର ଚରିତ,
ବାଣୀ ଭାରତୀର ବିକଳ୍ପ ବୈଭବ
ଜନ୍ମଭୂମି, ପଲ୍ଲୀଚିତ୍ର।

ବସନ୍ତ କୋକିଳ, ଲାବଣ୍ୟ,ନିର୍ମାଲ୍ୟ,
ଶର୍ମିଷ୍ଠା ଓ ନିର୍ଝରିଣୀ,
ସୀତା ବନବାସ, କୃଷ୍ଣା କୁମାରୀ ଓ
ଚାରୁଚିତ୍ର,ତରଙ୍ଗିଣୀ।

ମେଘ ବରଷିଲା ଟୁପୁରୁ ଟାପୁରୁ
ଶିଶୁ ନାନାବାୟା ଗୀତ,
ପ୍ରଭାତ ସଙ୍ଗୀତ, ସନ୍ଧ୍ୟାର ସଙ୍ଗୀତ,
ଗଳ୍ପ-ଲକ୍ଷ୍ମୀ, ଚାରୁଚିତ୍ର।

ପଲ୍ଲୀ ପ୍ରକୃତିର ଚାରୁ ଚିତ୍ରାଙ୍କନ
ଚାତୁର୍ଯ୍ୟର ଚାରୁବନ,
ଗ୍ରାମ୍ୟ ଜୀବନର ରମ୍ୟ ରସାଞ୍ଜନ
ବର୍ଣ୍ଣମୟ ବିରଚନା।

ବାସ- ଶ୍ରେୟା,
ଏମ୍. ଆଇ. ଜି -୭୫, ବି. ଡ.ଏ କଲୋନୀ, ଫେଜ୍ -୧,
ପୋଖରୀପୁଟ୍, ଭୁବନେଶ୍ୱର -୭୫୧୦୨୦
ମୋ :୯୪୩୭୨ ୬୬୭୩୫

# ବୁଢ଼ାରାଜା

ଭୁବନେଶ୍ୱର ବିଶି



ନିଜର ଅହମିକା ପାଇଁ
ଦୁନିଆ ଉପରେ ଲଦି ଦେଉଛ
ଯୁଦ୍ଧର ବୋଝ
ରାଜା ସିନା ଗୋଜା
ବୁଢାମାନେ କି ଅବୁଝା?
କୋଟି ପ୍ରାଣରେ ବ୍ୟଥା ଭରିଦେଇ
ବିଧ୍ୱଂସକ ଧରି ଯୁଝ ।
ହାତ ପାଆନ୍ତାରେ ସବୁଥାଇ ତମେ
ଅପ୍ରାପ୍ତିରେ ଆଶା ରଖ
ତଇଳ ଭଣ୍ଡାର, ଏତେ ହତିଆର
ସୁଖର ସମ୍ଭାର, କୁବେର ଭଣ୍ଡାର
କାହିଁକି ଯୁଦ୍ଧର ଭିକ ?
ବୁଢ଼ା ରାଜା,ତମେ ଶାସକ ନୁହଁ
ବଡ଼ ସନ୍ତ୍ରାସବାଦୀ
ଦୁନିଆକୁ ତମେ ଅସ୍ଥିର କରି
ଭିତି ଉପୁଜାଇ
ମାଡି ବସିଅଛ ଗାଦି ।




ରେଳବାଇ କଲିନୀ, ଜୟପୁର,
କୋରାପୁଟ
ମୋ : ୭୫୮୭୪୪୫୮୦୩

# ତଫାତ୍

ଯଜ୍ଞଦତ୍ତ ସାମନ୍ତରାୟ





ବୟସ ଆଉ ଜୀବନ
ଏମିତି ଏକ ଜଟିଳ ଶବ୍ଦ
ତାକୁ ବୁଝାଇବା ଭାରି କଷ୍ଟ ।
ତଥାପି ;
ଏମିତି ଥରେ
କେହି ଜଣେ
ମୋତେ ପଚାରିଥିଲେ
ବୟସ ଆଉ ଜୀବନ ଭିତରେ
ତଫାତ କ'ଣ ?
ମୁଁ କହିଲି
ଆପଣାର ବିନା ବଞ୍ଚିବା
ତାହା ବୟସ
ଆଉ
ଆପଣାର ସହ ବଞ୍ଚିବା
ତାହା ଜୀବନ।

ସମ୍ପାଦକ, ଗୁଞ୍ଜନ
କବିସୂର୍ଯ୍ୟ ନଗର, ଗଞ୍ଜାମ
ମୋ - ୯୩୩୭୪୪୪୯୨୪

# ସ୍ୱପ୍ନ

ସ୍ୱର୍ଣ୍ଣଲତା ମହାପାତ୍ର



ଭସାବାଦଲ ପରି
ମନ ଆକାଶର ବୁକୁଚିରି
ଅହେତୁକ,ଅସଜଡା,ଅଜବ ସ୍ୱପ୍ନମାନ
ଧସେଇ ପଶନ୍ତି ଅଜ୍ଞାତରେ
ମୋର ମନ ଇଲାକାରେ।
ସବୁ ସପନ ତ ପୂରା ହୁଏନାହିଁ !
ଅଧା ଅଧୁରାରେ କେତେ ରାତି ଯାଏ ପାହି।
ପ୍ରଭାତର ଆଗମନେ ସୂର୍ଯ୍ୟଙ୍କର ପଦାର୍ପଣେ
କେବେକେବେ ମନେ ବି ପଡେନି।
ଝାପ୍ସା ଝାପ୍ସା ହୋଇ ଲିଭିଯାଏ ଚିହ୍ନ
ବିଫଳତାର ଅବସୋସେ ବିଚଳିତ ହୁଏ ପ୍ରାଣ।



କିଛି ସ୍ୱପ୍ନ ସୁବର୍ଣ୍ଣର ପଞ୍ଜୁରିରେ ଦରଦୀ ଛାତିରେ
ଯାତନାର ଜଉଘରେ ଚାପି ହୋଇଯାନ୍ତି ନିରବରେ।
ଆଉ କିଛିକିଛି ବିଜନ ବେଳାରେ ଲୁଚିଲୁଚି
ଆଞ୍ଜୁଳାଏ ଆପଣାପଣକୁ ଅଜାଡିଦିଅନ୍ତି
ପତ୍ରଝଡା ମୋର ଧୂସର ମନରେ।
ଗୀତି ହୋଇ ଝରିପଡନ୍ତି ଗୀତି କବିତାରେ
ଛନ୍ଦ ଲୟ ସୁର ତାଳେତାଳେ।
ହୃଦୟରେ ବହେ ସୁଖର ଜୁଆର
ନିଃଶବ୍ଦ ତା'ର ଝଙ୍କାର,ଅତଳ ତା'ର ଗଭୀର
ଗୋପନେ ଭରଇ ସୁଖ ଅଭିସାର
ମୁକୁତା, ମଣି, କାଞ୍ଚନ
ନୁହେଁ ସମତୁଲ ତା'ର।

ନୀଳାଦ୍ରି ବିହାର ଭୁବନେଶ୍ୱର
ମୋ :୯୦୪୦୬୮୮୦୧୨

# ଆମ୍ର ବଉଳ

ପ୍ରଫେସର ପ୍ରତିମା ଷଡ଼ଙ୍ଗୀ



ମଧୁମାସ ଆଗମନେ
ବଉଳିଲା ଆମ୍ର କୁଞ୍ଜକାନନେ
କୁହୁକୁହୁ ଅଳିଗୁଞ୍ଜନେ
ବସନ୍ତରାଜ ଆଗମେ ।
ଭିନି ଭିନି ସୁବାସରେ
ସୁବାସିତ ମଧୁମୟ ବାସ୍ନାରେ
ସଞ୍ଚରଇ ସେ ଆତ୍ମାରେ
ଦାନାବାନ୍ଧେ ବିଥିକାରେ।
ବସନ୍ତେ ବାସନ୍ତୀ ରାସ
ନିର୍ମଳ ଛବି ଛଟକେ ଛବିଳଦିଶ
ଆମ୍ରକୁଞ୍ଜେ ପିକବାସ
କୁଜନେ ମହା ଉଲ୍ଲାସ।
ମନହୁଏ ଆହ୍ଲାଦିତ
ଆମ୍ରମଞ୍ଜରୀର ବିଭୋର ବାସ
ଆତ୍ମାକୁ କରେ ହରଷ
ବସନ୍ତ ବାସନ୍ତୀ ବେଶ ।
ଫଗୁଣ ଆସୁଛି ଦେଖ
ଦୂର ନଦୀପଠା ପହାଡଶିଖ
ପଲାଶନାଲିଆ ପାଟ
ପଦୁଅଁ ଫୁଲିଆ ଘାଟ ।
ଋତୁରାଜ ଆସିଛନ୍ତି
ଷଡଫୁଲଶର ଅଙ୍କରେ ବସି
ମଳୟ ଯାଏ ବରଷି
ସୁମନ ମନ ହରଷି ।



ଭୁବନେଶ୍ୱର

# ସଙ୍ଗୀତ ତୁମେ ବଞ୍ଚିବାର ରାହା

ହରପ୍ରିୟା ପଣ୍ଡା



ଜୀବନକୁ କରେ ସୁନ୍ଦର, ସଙ୍ଗୀତ
ପ୍ରଫୁଲ୍ଲିତ କରେ ମନ
କାନ ଦେଇ ସିଧା ହୃଦୟକୁ ଛୁଏଁ
ତା ଶ୍ରୁତି ମଧୁର ତାନ ।

ପ୍ରକୃତିର ସ୍ୱର ଅତୀବ ସୁନ୍ଦର
ଶୁଭୁଥାଏ ପ୍ରତିକ୍ଷଣେ
ପ୍ରଭାତରୁ ଶୁଭେ ପକ୍ଷୀଙ୍କ କାକଳି
ଆନନ୍ଦ ଜଗାଏ ମନେ ।



ଅବୋଧ ଶିଶୁ ବି ସଙ୍ଗୀତକୁ ବୁଝେ
ମାଆ ଗାଉଥିଲେ ତାର
ଧୀରେ ଧୀରେ ଆଖି ମୁଦି ଶୋଇଯାଏ
ସଙ୍ଗୀତ ଯେ ଯାଦୁକର ।

ସଙ୍ଗୀତ ଭୁଲାଏ ଚିନ୍ତା ବ୍ୟଥା ଯେତେ
ମନରେ ଫୁଟାଏ ଫୁଲ
ସଙ୍ଗୀତମୟ କା' ସମ୍ପୂର୍ଣ୍ଣ ଜୀବନ
ତା ପାଇଁ ଅମୂଲ ମୂଲ ।

ସଙ୍ଗୀତ ବି ଦିଏ ପେଟକୁ ଆହାର
କରେ ତାକୁ ଯିଏ ପେଷା
ସାତ ସୁରେ ବନ୍ଧା ମଣିଷ ଜୀବନ
ସଙ୍ଗୀତମୟ ବି ଭାଷା ।

ଜୀବନ ଶୁଣାଏ ଜନ୍ମରୁ ସଙ୍ଗୀତ
କୁଆଁ କୁଆଁ ରାବ ଦେଇ
ଶୁଣି ସେ ପାରେନି ତା ଶେଷ ସଙ୍ଗୀତ
ରାମ ନାମ ସତ୍ୟ ସେହି
ରାମ ନାମ ସତ୍ୟ ସେହି ।

କଟକ

# ପ୍ରାପ୍ତି

ଅପରାଜିତା ତ୍ରିପାଠୀ



ସେଦିନ ପଚାରୁଥିଲ ଯେ
"ଏମିତି ସମ୍ପର୍କର ମାନେ କ'ଣ
ଯହିଁ ମିଳନର ଅବକାଶ ନାହିଁ !"
କୁହତ ଦେଖି ଜହ୍ନ ଉଇଁଲେ
କଇଁ କାହିଁକି ଫୁଟେ?
ଜହ୍ନ ତ ତା'ର ଚିର ଅପହଞ୍ଚ,
କାହିଁକି ତୃଷାର୍ତ୍ତ ପଥିକଟିଏ
ମରୀଚିକାକୁ ଭାବିବସେ ମରୁଝର!
କାହିଁକିବା ଭକ୍ତଟିଏ ଉପାସୁଥାଏ
ଦାରୁବ୍ରହ୍ମଙ୍କୁ ଅହରହ!

ଅପ୍ରାପ୍ତି ଭୋଗିବାର ଜ୍ୱାଳା ହିଁ
ଖୋଜିବାର ଖୋରାକ ଯୋଗାଏ
କ୍ଷଣଟିଏ,ଦିନଟିଏ,ମାସ,ବର୍ଷ,
ଅବା ସାରା ଜୀବନ!

ହୁଏତ ଅପ୍ରାପ୍ତିର ଦିକିଦିକି ନିଆଁ
ଦିନେ ଜଳିଉଠିବ ତୁମ ଭବ୍ୟ ପ୍ରାସାଦରେ,
ଆଉ ତୁମେ ଖୋଜିବାହାରିବ
ପ୍ରାପ୍ତିର ଠିକଣା
କେଉଁ ଏକ ନୀରବ ସଞ୍ଜରେ !



ତୁମେ ଖୋଜିବ ଯାଇ
ଜହ୍ନ, କଇଁ, ମରୀଚିକା
ମରୁ ଝରେ, ମନ୍ଦିରରେ ଦାରୁ ବିଗ୍ରହ ରୂପରେ,
ନିରାଶ ହୋଇ ଯେବେ ଫେରିବ
ତୁମ ଶୂନ୍ୟ କୁଟୀରକୁ, ଦେଖିବ
ଫୁଟିଛି ପ୍ରାପ୍ତିର ଫୁଲ ,ନିଜ ଅନ୍ତରରେ।

ମୋହାବର୍ତ୍ତରୁ ବାହାରି ତୁମେ
ମିଶିଯାଉଥିବ ଶୂନ୍ୟତାର କୃଷ୍ଣ ଗର୍ତ୍ତରେ,
ଏକ ମହାମିଳନ ପର୍ବ ଘଟୁଥିବ
ତୁମ ଅସ୍ତିତ୍ୱର ବିଲୟରେ !

ଭୁବନେଶ୍ୱର

# ଜାଗର ଦୀପ

ରାଧାରାଣୀ ପଟ୍ଟନାୟକ



ଓଁ ନମଃ ଶିବାୟ
ଓଁ ନମଃ ଶିବାୟ ମୁଖେ ନାମ ସ୍ମରି
ରହି ଉଜାଗର ଜାଳନ୍ତି ଜାଗର
କର୍ପୁର ବାସରେ ମହକାଇ ଦେଇ
ଆସୁଛନ୍ତି ପ୍ରଭୁ ତ୍ରିଲୋକେଶ୍ୱର ।



ଚତୁର୍ଦ୍ଦିଗେ ବାଜେ ବାଜା ଓ ବାଜଣା
ଶୁଭ ସମୟର ଘଣ୍ଟ
ପାପ ନାଶିବାକୁ ଗରଳ ପିଇବେ
ସାଜିବେ ସେ ନୀଳକଣ୍ଠ ।

ଦୁଃଖୀର ଦୁଃଖକୁ ବିନାଶ କରନ୍ତି
ଧ୍ୟାନ ବଳେ ସବୁ ଜାଣନ୍ତି
ପବିତ୍ର ମନରେ ପୂଜିଲେ ତାହାଙ୍କୁ
ମାଗିଲେ ବର ଦିଅନ୍ତି ।

ଶିବରାତ୍ରୀ ଦିନ ଉଜାଗର ରହି
ପୂଜିବା ତାଙ୍କର ପୟ
ସବୁ ପାପକୁ ସେ ଖଣ୍ଡନ କରନ୍ତି
ଚାଲ ଯିବା ଶିବାଳୟ ।

ହେ ବିଶ୍ୱ ବିହାରି ଆହେ ଉମାପତି
ଦୁଃଖୀ ଜନଙ୍କ ଦୁଃଖ ହାର
ଏ ମାୟା ସଂସାରୁ ତୁମରି ଦୟାରୁ
ହୋଇ ଯିବି ପ୍ରଭୁ ପାର ।

ଚନ୍ଦନ ନଗର, ବରଗଡ଼
ମୋ -୮୯୧୭୨୩୭୧୩୭

# ଏଣୁ ତେଣୁ

ଅସୀମା ରାୟ(ଖୁଣ୍ଟିଆ)



କବି ଲେଖିଦେଲେ
ମନର ଭାବକୁ
ଲେଖନୀ ମୁନରେ
ତା ହୋଇଯାଏ
କବିତା ,
ରହିଗଲେ କିଛି
ଅନ୍ତର ଭିତରେ
ସେ ହୋଇଥାଏ
ବ୍ୟଥା ।



ସମୟ
ଏମିତି ଏକ ନଦୀ
ଯେମିତି
ଜୀବନକୁ
ସୁଅରେ ନେଉଛି
ସେ ସେମିତି
ବହି ଚାଲୁଚି
ପବନର
ତାଳେ ତାଳେ
କେବେ ପତର ଭିଡରେ,
କେବେ ପୁଣି ପଥର ର ମାଡରେ ।

ଗୁଆମାଳ, ଭଦ୍ରକ

# ଏକା ଏକା

ନୀନା ବଳିଆରସିଂ



ଦୁଃଖ କ'ଣ ଏଇ ଜୀବନ ରାସ୍ତାରେ
ଚାଲୁଥିଲେ ଏକା ଏକା?
ଏକେଲା ଆକାଶ, ଏକେଲା ପୃଥିବୀ
ମନଟି ବି ଏକା ଏକା ।

ହୃଦୟ ଭିତରେ କେବେ କଳରୋଳ,
କେବେ ନିରବ ଅନ୍ଧାର,
ଅନ୍ଧାର ଆଲୁଅ ଛାଇଖେଳ ଦେଖି
ପାଦ ଚାଲେ ଏକା ଏକା।



ଆନନ୍ଦ ବି ଅଛି ଏକା ଚାଲିବାରେ
ବାହାର ଦୁନିଆ ଛାଡ଼ି,
ଗୀତ ଗାଇବାରେ, ସ୍ୱପ୍ନ ଦେଖିବାରେ
ମଗ୍ନ ମନଟି ପରି..

ମଗ୍ନ ମନଟି ଦେଖିପାରୁନଥିବ
ଦୁନିଆର ହଳାହଳ,
ଶୁଣିପାରୁନଥିବ ଈର୍ଷା,ଅସୂୟା
ଅହଂର ବିଷାକ୍ତ କୋଳାହଳ ।

ଖାଲି ଶୁଭୁଥିବ ଏକେଲା ପକ୍ଷୀର
ମର୍ମଭେଦୀ ଚଉପଦୀ,
ଅବୁଝା ହେଉକି ଅଧାବୁଝା ହେଉ
ଅନ୍ତରକୁ ଯିବ ଭେଦି ।

କେବେ ଇଚ୍ଛା ହେଲେ ଗପିଦେବା ପାଇଁ
ଜଣେ ହେଲେ କିଏ ଥାଉ,
ସେତିକିରେ ମୋର ସଂତୃପ୍ତ ମନଟି
ଚାଲିଥିବ ଏକା ଏକା ।

ମହାନଦୀବିହାର, କଟକ

# ବ୍ୟକ୍ତିତ୍ୱ

ଅନୀତା ମିଶ୍ର





ବ୍ୟକ୍ତିତ୍ୱ ତ ଏକ ନୀରବ ମୂର୍ଚ୍ଛନା,
ଉତଫୁଲ୍ଲିତ କରେ ହୃଦ।
ସାନ୍ନିଧ ତାହାର କରେ ପରିତୃପ୍ତ,
ସତେ ଅବା ମକରନ୍ଦ।

ବ୍ୟକ୍ତିତ୍ୱର  ଭାଷା ଦିବ୍ୟ ପରାକାଷ୍ଠା
ଅପରୂପ ରଙ୍ଗବିଭା
ଚିନ୍ତା ଓ ଚେତନା ସ୍ନିଗ୍ଧ ସଭାବନା
ମନ୍ତ୍ରମୁଗ୍ଧ ଦୀପ୍ତ ଆଭା।

ସୁରମ୍ୟ ବ୍ୟକ୍ତିତ୍ୱ ଅପୂର୍ବ ମହକ
ଚହଟାଏ ତା'ର ସୁବାସ
ସଦୟ ହୃଦୟ ସୁଖଦ ମଳୟ
ମଧୁପ୍ରଦ ସୁନିର୍ଯ୍ୟାସ।

ନମ୍ରତାର  ଭାବ ଅନନ୍ତ ବିଭବ
ଅନ୍ତର୍ମନ ପୁଲକିତ
ଶିଷ୍ଟ ଆଭୂଷଣ ଅମୃତ ଝରଣ
ସର୍ବ ହୃଦେ ବିରାଜିତ।

ନୈସର୍ଗିକ ଅଟେ ବ୍ୟକ୍ତିତ୍ ଯାହାର,
ସଞ୍ଚାରେ ଅମ୍ଳାନ ଜ୍ୟୋତି।
ନୀରବ ଆକାଶେ ରୂପାଜହ୍ନ ଟିଏ,
ବିତରେ ପୀୟୁଷ ପ୍ରୀତି।

ନୀରବତା ମଧ୍ୟେ ପ୍ରଶାନ୍ତ ଉଲ୍ଲାସ,
ସଞ୍ଚରଇ ଚତୁଃପାର୍ଶ୍ୱେ ।
ଶୀତଳତା ଭରି ସୁଧି ମାନସରେ,
ମୁଗ୍ଧ କରେ ତା ପରଶେ।

ବ୍ୟକ୍ତିତ୍ୱର ଧାରା  ଅଟେ ଧ୍ରୁବତାରା
ସୃଜେ ଭାବ ଅନ୍ତରଙ୍ଗ।
ତା ନିଜ ସୌନ୍ଦର୍ଯ୍ୟ ଅସୀମ ସତେ କି,
ଇନ୍ଦ୍ରଧନୁ ସପ୍ତରଙ୍ଗ।

ଭୁବନେଶ୍ୱର

# ଉର୍ଦ୍ଧ୍ୱଗତି

ପୁଷ୍ପାଞ୍ଜଳି ପଣ୍ଡା





ପ୍ରିୟତମ,
ରାସ୍ତା କଡେ ଠିଆହୋଇ
ଲୁଚି ଲୁଚି ପୋଛୁଥିଲ ଲୁହ
ଦେଖିଛି ମୁଁ
ସେତେବେଳେ
ଯେତେବେଳେ
ବାଉଁଶର କୋକେଇରେ
ବନ୍ଧାହୋଇ ଯାଉଥିଲା ଦେହ।

ପ୍ରିୟତମ,
ଆରମ୍ଭରୁ ଶେଷ ଯାଏଁ
ତୁମକୁ ମୁଁ ଭଲପାଏ
ଜାଣିଥିଲ ବୋଲି
ଯୁଇ ପରେ ଜଳୁଥିବା ,
ଆୟୁଷଟା ସରିଥିବା, ଶରୀର ମୋ
ଜଳୁଥିଲା ହୁତୁ ହୁତୁ ହୋଇ
ମୁଠାଏ ପାଁଉଷ  ହୋଇଗଲି।

ପ୍ରିୟତମ,
କିଛି ଦିନ ମୋ ପୃଥିବୀ
ମୋ ଦୁନିଆ ଦୁଃଖ ପାଳିବେ
ତିକ୍ତ କଷା ଦଶା ଖାଇ
ସଜହେଇ ନିଜ ଦୁନିଆଁକୁ ଫେରୁଥିବେ
ଦେଖୁଥିବି ଲୁହା ଆଖି ନେଇ
ତୁମେ ମତେ ମନେ ମନେ
ଝୁରୁଛି ନା ନାହିଁ...!!

ପ୍ରିୟତମ,
ମୁଁ ଗଲାପରେ ,
ମୋ ମିଛ ଦୁନିଆ ସାଥେ
ଭୁଲିଯିବ, କେବେ ମତେ ଭଲ ପାଇଥିଲ
ବର୍ଷେ ଯାଏ ପ୍ରେତ ନାମ ନେବି
ଅକାରଣେ ଅଲୋଡା ହୋଇବି।
ତୁମେ ମୋ ସ୍ମୃତିରେ
ଆସୁଥିବା ମୋ ପାଶେ ଧାଇଁ
ଭାବୁଥିବ, ସମୟକୁ  ପଛରେ ପକାଇ।

ସତେ କଣ, ମୃତ୍ୟୁ କହେ
ଆତ୍ମା  ପରମାତ୍ମାର ମିଳନର ଗାଥା.!!
ଉର୍ଦ୍ଧ୍ୱଗତି କଥା।

କେନ୍ଦ୍ରାପଡ଼ା
ମୋ- ୯୮୬୧୫୬୫୬୩

# ଅଦୃଶ୍ୟ ହାତ

ମନୋରମା ପଣ୍ଡା



ଆଜି ଯେମିତି ମୁଁ ବହୁତ କ୍ଲାନ୍ତ
ଅବଶ ମନ ମୋର ଏକ
ଖାଲିପଣ ରେ ଆକ୍ତା ମାକ୍ତା,
ଖୋଜୁନି ଆଲୁଅ ଖୋଜୁନି ଅନ୍ଧାର
ନା କିଛି ଆଶା ନା କିଛି ପ୍ରତ୍ୟାଶା
ଏ ସ୍ୱାର୍ଥ ସର୍ବସ୍ୱ ଦୁନିଆ ରେ
ଲାଗୁଛି ଯେମିତି ସବୁ ଛଳନା



ଏମିତି କାହିଁକି ହୋଇଥାନ୍ତି ମଣିଷ ମାନେ?
କଣ ବା ପାଆନ୍ତି କଣ କିଏ ବା ନେଇଯିବେ?
ତଥାପି ଅସହିଷ୍ଣୁ, ଅହମିକା, ଅହଂରେ ବୁଡି
ଗାଧୋଇବାରେ ଆନନ୍ଦ ପାଆନ୍ତି
ଅନ୍ୟକୁ ବୁଝିବା ଆଗରୁ ଆଘାତ ଦିଅନ୍ତି ଆଉ
ନିଜର ହୀନମନ୍ୟତାର ଗୋଳିଆ ପଙ୍କରେ ଘାଣ୍ଟି ହୁଅନ୍ତି ।

ଏସବୁ ଯେତେବେଳେ ମନକୁ ଭାରାକ୍ରାନ୍ତ କରିଦିଏ,
ହଠାତ ଅନୁଭବ ହୁଏ...
କାହାରି କୋମଳ ଚନ୍ଦନ ବୋଳା ହାତର ପରଶ,
ମୁଣ୍ଡ ନଇଁଯାଏ ଆପେ ଆପେ...।

କିଏ ସେ....! କାହାର ସେ ସ୍ୱର୍ଶ
ସବୁ ଯେମିତି କ୍ଷଣିକ ରେ
ଉଭାନ ହୋଇଯାଏ... ସେଇ
ଅମୃତ ବୋଳା ସ୍ୱର୍ଶ ରେ
ସବୁକିଛି ଉପସମ ହୋଇଯାଏ।
'ମୁଁ ଅଛି ତୋ ସାଥେ'
ଗୁଞ୍ଜରିତ ହୋଇଉଠେ ହୃଦୟର କୋଣେ ଅନୁକୋଣେ,
କିଏ ସେଇ ଅଦୃଶ୍ୟ...
କାହାର ସେ ଅମୃତ ବୋଳା ହାତର ସ୍ୱର୍ଶ....!!

ଭୁବନେଶ୍ୱର
ମୋ: ୮୬୫୮୯୭୧୮୧୭

# ଶକୁନି

ମାହେଶ୍ୱରୀ ଦାଶ





ପୌରାଣିକ ପଟ୍ଟଚିତ୍ର
ଖଳନାୟକ ଚରିତ୍ର
ହସ୍ତିନାପୁରର ଗାଏ ନୀରବ ଗାଥା
ସଂପର୍କର ପଶାକାଠି
କୌଶଳେ ଆଙ୍କଇ କୋଷ୍ଠୀ
ହୃଦୟ ଅନଳେ ଶୁଭେ ଆଉଟା ବ୍ୟଥା
ବିଧିର ବିକୃତ ବିଧାନ
ମାତୁଳ କପଟତାର ବିନାଶ ସନ୍ଧାନ।

ଅହଙ୍କାରର ସମର
ଅହମିକାର ଆସର
ଅଧିକୃତ କରେ ଶକ୍ତିଶାଳୀ ସାମ୍ରାଜ୍ୟ
ନିୟମର ବଶବର୍ତ୍ତୀ
ଭାଗ୍ୟର କ୍ରୂର ଆବର୍ତ୍ତୀ
ଗାନ୍ଧାର ରାଜଜେମାଙ୍କୁ ପାଛୋଟେ ରାଜ୍ୟ
ଶତପୁତ୍ର ସାଥେ ରାଜନ
ହସ୍ତିନା କାରାବାସରେ ପ୍ରାଣ ବର୍ଜନ।

ଅନାହାରେ ଦେହତ୍ୟାଗ
ସରଜେ କୁହୁଳା ରାଗ
ପ୍ରତିଶୋଧ ପରାୟଣ ହୁଏ କୁମର
ହାରି ଆତ୍ମୀୟ ସୋଦର
ନଲଭି ସ୍ନେହ ଆଦର
ବିଧ୍ୱଂସର ଲୀଳାରଚେ ଚିତ୍ତ ଗୁମର
କୌରବଙ୍କ ସପକ୍ଷେ ରହି
ମରଣର ଜନ୍ତାଗଢେ ବାସ୍ତବ ବିହି।

ପାଣ୍ଡବଙ୍କ ଲାଗି ଫାଶ
ପରୋକ୍ଷେ କୌରବ ନାଶ
ବିଷାକ୍ତ ଲଡ୍ଡୁରୁ ବିବସନାର ବେଳ
ଯାବତୀୟ ଷଡଯନ୍ତ୍ର
ରଚେ ଖଳ ହୃଦତନ୍ତ୍ର
ପରିଶେଷରେ କୌରବ ସମାପ୍ତି ଖେଳ
ମହାଭାରତର ଯୁଦ୍ଧରେ
ଅନ୍ତିମ ନିଃଶ୍ୱାସ ସହଦେବ ହସ୍ତରେ।

ପ୍ରତିବଦ୍ଧତାର ସୁର
ପ୍ରତିଜ୍ଞା ନୈତିକ ପୁର
ପରିପ୍ରକାଶରେ ପଢେ ଶକୁନି ନାମ
ପିତାଙ୍କ ଅସ୍ଥିର ପଶା
ଅଙ୍କକଷେ ମହାଦଶା
ନିୟତି ନିୟମ କାଳେ ହୁଅଇ ବାମ
ପାଣ୍ଡବ କୌରବେ ବିଭେଦ
ପ୍ରତିହିଂସାରେ ପ୍ରଚାରେ ଅନ୍ତର ଖେଦ ।

ନିମାପଡ଼ା,ପୁରୀ

# ପ୍ରଜାପତିର ଉଡ଼ାଣ

ଯଶୋବନ୍ତୀ ସା



ମାଟିର ଗନ୍ଧରୁ ଜନ୍ମ ନେଇ,
ପତ୍ରର କୋଣାରେ ଜୀବନ ଲେଖି,
ସୂର୍ଯ୍ୟର କିରଣକୁ ଛୁଇଁବାର ସ୍ୱପ୍ନ ନେଇ
ଏକ ଛୋଟ ପ୍ରଜାପତି ଆଖି ଖୋଲିଲା।

କୀଟ ଆକାରରେ , ବିଷାକ୍ତ ତା ଶରୀର
ଧୀରେ ଧୀରେ ଚାଲିବା ଆରମ୍ଭ କଲା,
କେହି ଦେଖି ହସିଲେ, କେହି ଅବହେଳା କଲେ
ତଥାପି ସେ ରହିଲା ନିଜ ଗତିରେ ଅଟୁଟ।



ଅନ୍ଧକାର କୋଷରେ ବନ୍ଦ ହୋଇ
ସେ କରିଲା ନିଜ ସହ ଯୁଦ୍ଧ,
ଚୁପ୍ ଚାପ୍ ସଂଘର୍ଷରେ ଗଢ଼ିଲା ପକ୍ଷ,
ବେଦନାକୁ କରିଲା ନିଜର ସୃଜନ ସୂତ୍ର।

ଦିନେ ଫାଟିଗଲା ସେ କୋଷ-
ବିଷ ସବୁ ହେଲା ଅମୃତରେ ପରିଣତ
ଜନ୍ମ ନେଲା ରଙ୍ଗିନ ଆତ୍ମବଳ,
ଘାଁ ଓ ମଲମର କାହାଣୀ ନେଇ
ଆକାଶେ ଲେଖିଲା ନୂଆ ଅଧ୍ୟାୟ।

"ସଂଘର୍ଷ ବିନା ରଙ୍ଗ ନାହିଁ,
ଅନ୍ଧକାର ବିନା ଆଲୋକ ନାହିଁ।
ଭଙ୍ଗା ସ୍ୱପ୍ନ ମଧ୍ୟ ଦିନେ
ନୂଆ ପକ୍ଷ ହୋଇ ଫୁଟିଉଠେ।"

ଜୀବନ ଛୋଟ  ହେଇପାରେ,
ହେଲେ ଉଡାଣ ମୋର ଅସୀମ।
"ଜୀବନ ଏକ କୋଷ,ସଂଘର୍ଷ ତା'ର ଚାବି,
ଆଉ ବିଶ୍ୱାସ ହେଉଛି,ଆକାଶକୁ ଛୁଇଁବାର ପକ୍ଷ।"

ଲରମ୍ବା ମହାବିଦ୍ୟାଳୟ, ଲରମ୍ବା

# ପ୍ରତିଶ୍ରୁତି

ପ୍ରିୟଦର୍ଶିନୀ ନାୟକ



କିଛି ପ୍ରତିଶୃତି ନିଭେଇବା ପାଇଁ
ହେଇଗଲା ମହାଭାରତ
କିଛି ପ୍ରତିଶୃତି ଭାଙ୍ଗିଯାଏ ପୁଣି
ଟିକେ ଖାଲି ସ୍ୱାର୍ଥ ପାଇଁ ତ

କିଏ ପ୍ରତିଶୃତି ନାଁରେ ଖାଲି
ଦେଇଯାଏ ପ୍ରତାରଣା
କିଏ ପୁଣି ପ୍ରତିଶୃତି ପାଇଁ
ସହିଯାଏ ଅସହ୍ୟ ଗଞ୍ଜଣା

ପ୍ରତିଶୃତି ଏମିତି ଏକ ଶବ୍ଦ ଟିଏ
କିଏ ଅବା ବୁଝେ ତାର ମୂଳ
ଯିଏ ବୁଝିଛି ସେ କେବେ ଭାଙ୍ଗେନା
ଗଲେ ଯାଉ ପଛେ ଜୀବନ



ସ୍ୱାର୍ଥପର ଦୁନିଆରେ ସବୁ ତ
ଖାଲି ସ୍ୱାର୍ଥରେ ବନ୍ଧା
ପ୍ରତିଶୃତି ଦେଇଜାଣେ ମଣିଷ
ନିଭେଇବା ହାତ ବନ୍ଧା

କେତେ ବାହାନା କରେ ସିଏ
ନିଜକୁ ତ୍ରୁଟି ମୁକ୍ତ ପାଇଁ
ପ୍ରତିଶୃତିକୁ ସହଜେ ଭୁଲିଯାଏ
ଭଲ ନିଜେ ହେବା ପାଇଁ

ବାଃରେ ଦୁନିଆ ବାଃରେ ମଣିଷ
ନିଜ ସ୍ୱାର୍ଥ ପୂରଣ ପାଇଁ
ପ୍ରତିଶୃତି ଭାଙ୍ଗିଦିଏ ଯିଏ ସିଏ
ପଶୁ ଠୁ ବି ହୀନ ।

ଅଧ୍ୟାପିକା,ଓଡ଼ିଆ ବିଭାଗ,
ସିମୁଳିଆ ମହାବିଦ୍ୟାଳୟ,
ତଳାଙ୍ଗ, ଭଦ୍ରକ

# ଭାରି ଭଲଲାଗ



ମୌସୁମୀ ମିଶ୍ର



ତୁମେ ଯେବେ ଶ୍ରମ ନେଇ ଆସ
ସ୍ୱେଦ ଗନ୍ଧେ ବାସ
ପାଦ ଟେକି ଚାଲ, ବହି ସବୁ ବାନ୍ଧ,
ଶାଢ଼ୀ ଛାଡି  ସାର୍ଟ ପିନ୍ଧ,
ପରିତ୍ୟକ୍ତ ସ୍ୱେଟର ବଦଳରେ ନିଜପାଇଁ
କୋଟ କରି ପିନ୍ଧ ଭଲଲାଗ ।

ତୁମେ ଯେବେ ମାଥିୟୁ ନିତସେ ପଢ଼,
ରାମାୟଣ ବୁଝାଅ ମହାଭାରତକୁ ପାଳ,
ଚଟୁ ଛାଡି କଲମରେ ଉଠାଅ,
ଚୁଡ଼ି ଛାଡି ଘଣ୍ଟା ବାନ୍ଧ,
ପୁରୁଷର ମନି ପର୍ସ ବଦଳରେ ନିଜର
ହ୍ୟାଣ୍ଡ ବ୍ୟାଗ ଆଡକୁ ହାତ ବଢ଼ାଅ ଭଲଲାଗ ।

ତୁମେ ଯେବେ ଚୁଲିର ଫୁଙ୍କାନଳୀ ବଦଳରେ
ଗ୍ୟାସର ଲାଇଟର ଉଠାଅ
ପିଠା ବଦଳରେ ପୋଲ ଗଢ଼
କେବଳ କେଶ ନୁହେଁ
ନିଜ ଘରର ଲାଇବ୍ରେରୀ ମଧ୍ୟ ସଜାଅ,
ଓଠ ଚାପି ହସ ନୁହେଁ,
ଅଟିହାସ ଦିଅ ଭଲଲାଗ ।

ତୁମେ ଯେବେ ଆଖିର କଳାକୁ
କାନଭାସରେ ଉତ୍ତାର
କବିତା ପଢାଅ ଉପନ୍ୟାସରେ ଚରିତ୍ର ଗଢ଼,
ପଲ୍ଲବ ପରି କୋମଳ କିନ୍ତୁ କଙ୍କର ପରି ଦୃଢ଼
ମୃତ ବିଚାରର କଢ଼ ସବୁକୁ କଥା କୁହାଅ,
ସ୍ଲିପର ଛାଡି ପଏଣ୍ଟେଡ ହିଲ୍ ର
ଶବ୍ଦ ଶୁଣାଅ ଭଲଲାଗ ।

ତୁମେ ଯେବେ ଅନ୍ୟମାନଙ୍କ ପାଇଁ
ଲଙ୍କା ବଦଳରେ ନିଜପାଇଁ
ବାଲକୋନୀରେ ଗୋଲାପ ଲଗାଅ,
ପଙ୍କ ପରି ଉତ୍କଟ କିନ୍ତୁ ପଦ୍ମ ପରି ଫୁଟ,
ପାଖୁଡାରେ ଛନ୍ଦ
ଘର ସ୍କ୍ରିନ ପଛରୁ ନୁହେଁ ସଭାରେ
ଝଡ଼ ପରି ଭାଷଣ ଦିଅ
ଏବଂ ବାଣ୍ଟି ଚାଲ ବାର୍ତ୍ତା ଏକ ସମାନତାର
ସତରେ କାହିଁ କେଜାଣି
ଭାରି ଭଲଲାଗ ।

ତର୍ତ୍ତୋଲ, ଜଗତସିଂପୁର

# ଭଲଥିଲା ଅତୀତ

ହେମଲତା ଜେନା





ମାନବର ନଗ୍ନବେଶ, ବଣବାସ
ହିଂସ୍ର ଜନ୍ତୁ, ଖରା, ବର୍ଷା ଓ ଶୀତ ଦାଉରୁ
ମୁକୁଳିବାର ପ୍ରୟାସ
ଭୋକଜ୍ୱାଳାରୁ ରକ୍ଷାପାଇବାର
ନୂଆ ନୂଆ ଉପାୟର ନିରନ୍ତର ଚିନ୍ତନ

ଯାହାର ଫଳସ୍ୱରୂପ
ସବ୍ୟତାରୁ ସମାଜ...
ରାଜା ମହାରାଜା ଆଉ..
ମଣିଷପଣିଆର ଶିକ୍ଷାନୁଷ୍ଠାନ...
ଭାଗବତ ଗୀତା କୋରାନ ବାଇବେଲ
ନାନା ଆବିଷ୍କାର ଓ ଉଦ୍ଭାବନ ବଳେ
ମଣଷ ଯେ ହୋଇଗଲା ବଳିଷ୍ଠ

କିନ୍ତୁ ଆଜି ଏକି ବ୍ୟତିକ୍ରମ !
ଶାସ୍ତ୍ର ଜ୍ଞାନେ ପାକଳ ଓ ବିଜ୍ଞାନେ ସବଳ
ମାନବ ଆଜି ଭୁଲିଯାଏ
ଅତୀତର ପ୍ରତିଟି ଉପଲବ୍ଧିକୁ
ସେ କରିଥିବା ସଂଘର୍ଷ ଓ
ହାରଜିତର ଉତ୍ସୁକତାକୁ

ସେବେ ଥିଲା ଗଢିବାର ଇଚ୍ଛା
ଏବେ ଖାଲି ଭାଙ୍ଗିବାରେ ନିଶା
ମାନବିକତାର ଦ୍ରୁତ ଅବକ୍ଷୟ
ସାମାଜିକ ମୂଲ୍ୟବୋଧ ହେଉଛି ବିଲୟ
ସେବେ ଥିଲା ପୋଷାକ ପିନ୍ଧି
ଦେହ ଢାଙ୍କିବାରେ ଉତ୍ସୁକତା
ଏବେ ନଗ୍ନତା ସାଜିଛି ଫେସନର ବାର୍ତ୍ତା

ସେଦିନ ଥିଲା ନୂତନ ସୃଷ୍ଟିର ଇଚ୍ଛା
ଏବେ ଉଦଜାନ ବମ ବଳେ ବଳୀୟାନ
ଆଧୁନିକ ମଣିଷ
ପ୍ରତି ମୁହୂର୍ତ୍ତରେ ଦିଏ ଯୁଦ୍ଧର ଇଶାରା
ହରାଉଛି ଶ୍ରେଷ୍ଠପଣ
ଧ୍ୱଂସକୁ ସେ କରେ ନିମନ୍ତ୍ରଣ
ତେଣୁ ଭଲଥିଲା ଅତୀତ
ଯାନ୍ତ୍ରିକ  ସଭ୍ୟତାର ଉଗ୍ରତାର ଫଳସ୍ୱରୂପ
ଭୋଗିବା ଦୁଃଖଦ ଭବିଷ୍ୟତ ।

କମାଗଡ଼, ଅଣ୍ଡିଆ,ଯାଜପୁର

# ତୋ ପ୍ରେମରେ

ନିହାରିକା ପାତ୍ର



ଝିପି ଝିପି ବରଷା ଶ୍ରାବଣରେ
ଓଦା ଓଦା ମାଟିର ମହକରେ,
ତୋ ପ୍ରେମ ମିଠାଲାଗେ ମନ ଝୁରେ
ଭିଜିବାକୁ ଭଲ ଲାଗେ ତୋ ସ୍ମୃତିରେ ।



ପୁନେଇ ଜହ୍ନରେ ମୁହଁ ତମରି
ଲାଗେ କିଣିନେବ ମନମୋହରି,
ପବନର ସ୍ପର୍ଶ ତୋ ଛୁଆଁ ପରି
ଲାଜ ଲାଗେ ଲାଜକୁଳୀ ପରି ।

ଧିର ଧିର ମଳୟ ପବନରେ
ଶେଫାଳି ଫୁଲର ମହକରେ,
ମନ ମୟୂର ମନ କାନନରେ
ନାଚି ଉଠେ ତୋ ବାସ ପ୍ରେମରେ ।

ସପନ ରାଇଜର ରାଜା ସିଏ
ପରୀଟିଏ କରି ହାତ ଟାଣି ନିଏ,
ସପନ ଟି କି କେବେ ସତ ହୁଏ
ପ୍ରେମରେ ମତୁଆଲା କରି ଚାଲିଯାଏ ।

ଟିଟିଲାଗଡ଼

# ଆହେ ଦୀନବନ୍ଧୁ

ଶ୍ରୀମତୀ ବ୍ରଜେଶ୍ୱରୀ ସିଂହ



ରତ୍ନ ସିଂହାସନେ ବସିଛୁ କାଳିଆ
ଭକତ ଜନଙ୍କ ପାଇଁ
ତୋପରି ଠାକୁର ଅଧା ଗଢ଼ା ମୂର୍ତ୍ତି
କେଉଁଠି ଯେ ଦେଖି ନାହିଁ ।

ସକାଳ ସୂରୁଜ ଉଇଁଲେ ମୋ ମନ
ଲାଗିଥାଏ ତୋର ପାଶେ
ବ୍ୟାକୁଳ ମନକୁ ବୁଝାଇବା ପାଇଁ
ନିଇତି ମନ୍ଦିର ଆସେ ।



ଗରବରେ ଛାତି ଫୁଲିଉଠେ ମୋର
ତୋତେ ଦେଖିଦେଲା ପରେ
ରାମ ନାମ ଜପି ଯାଉ ଏ ଜୀବନ
ତୋହରି ସିଂହ ଦୁଆରେ ।

ଦୁଃଖୀ ଦୁଃଖ ପ୍ରଭୁ ହରଣ କରିଛ
ଭକତର ଡାକ ଶୁଣି
ଆହେ ଦୀନବନ୍ଧୁ କରୁଣାର ସିନ୍ଧୁ
ମୋ ମନ ନେଏତୁ କିଣି ।

ତୋ କରୁଣା ପାଇଁ ଚାହିଁ ବସିଅଛି
ଶବରୀ ପରି ଅନାଇ
କେଉଁଦିନ ତୋର ଦୟାହେବ ପ୍ରଭୁ
ମୁକତି ପାଇବି ମୁହିଁ ।

ସମ୍ପାଦିକା 'ବଉଳଫୁଲ'
ଯାଜପୁର ରୋଡ଼, ଯାଜପୁର

# କଲମ ସହ ମିତ୍ରତା

ଜୟନ୍ତୀ ନାୟକ



କଲମ ସହ ମିତ୍ରତା କରି,
ଅକ୍ଷର ସହ ସମ୍ପର୍କ ଗଢ଼ିଲି,
ଆଖିର ଲୁହ ଯେଉଁଥିଲେ,
ହସରେ ପରିଣତ ହୋଇଗଲେ।

ବେଦନା ଶବ୍ଦର ଆଶ୍ରୟ ନେଲା,
ନିରବତା ଧ୍ୱନୀ ପାଇଲା,
ମନର କୋଣାରେ ଲୁଚିଥିବା ଯନ୍ତ୍ରଣା
କାଗଜ ଉପରେ ସ୍ଥାନ ପାଇଲା।



ଶରୀର କ୍ଲାନ୍ତ ହେଲେ କ'ଣ,
ମନ ଉଡ଼ିବା ଶିଖିଲା,
ଭାଙ୍ଗିଯାଇଥିବା ପ୍ରତ୍ୟେକ ସ୍ବପ୍ନ
ପୁଣିଥରେ ସତ୍ୟ ହେବା ଶିଖିଲା।


ଅକ୍ଷର ହେଲେ ମୋର ଆପଣା,
କଲମ ହେଲା ମୋର ସାଥୀ,
ଅନ୍ଧାର ରାତିରେ ମଧ୍ୟ
ଜଳାଇଲା ଆଶାର ଆଲୋକବତୀ।

ଶବ୍ଦ ଯେବେ ହେଲେ ସହାରା,
କଲମ ଧରିଲା ସବୁ ପୀଡ଼ା,
ଲେଖୁ ଲେଖୁ ହାଲୁକା ହେଲା ମନ,
ଜୀବନ ହସିବା ଶିଖିଲା ସେଥିରେ।

କଟକ

# ଛଡ଼ାଫୁଲ

ପ୍ରମୋଦ କୁମାର ରାଉଳ



ଋତୁ ବଦଳୁ ଥାଏ
ପ୍ରୀୟା ଚିବୁକରେ
ଉଡୁଥାଏ ଚୂର୍ଣ୍ଣ କୁନ୍ତଳ
ମଳୟ ଛୁଆଁରେ
ହଳଦି ରଙ୍ଗର ପଣତ
ଅଳସି କ୍ଷେତରେ
ହରିନିଏ ଦୁଃଖ ଅବସାଦ
ମଧୂପ ଘୁରିବୁଲେ
ମଧୁ ସନ୍ଧାନରେ
ଥମି ଯାଏ ସମୟ
କଥା ଅଟକି ଯାଏ
ପ୍ରଭାବି ହୁଏ ନା ଋତୁଚକ୍ର
ଯେବେ ଓଠରୁ ହସ ଲିଭିଯାଏ ।



ଜୟପୁର, (କୋ)
ମୋ : ୯୬୬୮୨୫୧୧୦୪୪

# ଯିବି ବୃନ୍ଦାବନ

ଅନୁପ କୁମାର ଗଡ଼ନାୟକ



ହେ ଚକାନୟନ ଶୁଣ ମୋ ବଚନ
ପୁରୀ ଧାମ ନୁହେଁ ସେ ବୃନ୍ଦାବନ।

ବୃନ୍ଦାବନ ଲୀଳା କରୁ କାହିଁକି
ଜଣା ନାହିଁ ତତେ ଏହି ଯୁଗ କି?

କୁଟୁମ୍ବ ସଂସାରେ ଦେଇଛୁ ବାନ୍ଧି
କିପରି ହୋଇବି ତୋଠାରେ ଛନ୍ଦି।

ଲୋଭ କ୍ରୋଧ ମାୟା ସ୍ୱାର୍ଥକୁ ନେଇ
କରମ କରଇ କୁଟୁମ୍ବ ପାଇଁ।

ବିଚାର କରିବୁ ମୋର କଥାକୁ
ଭାବିଛି ମୁଁ ଯିବି ବୃନ୍ଦାବନକୁ।



ବାଙ୍କବିହାରୀର ତୋ ରୂପ ଦେଖି
ଧନ୍ୟ ହୋଇଜିବ ମୋ ଚର୍ମ ଆଖି।

ରାଧାବଲ୍ଲଭକୁ ସେ ନିଧିବନ
ଦର୍ଶନ ମାତ୍ରକେ ହେବି ମୁଁ ଧନ୍ୟ।

କାଳୀୟଦଳନ ଯମୁନା ଘାଟ
ଜୀବ ମୁକତିର ଅଟଇ ପଥ।

ତୁହିତ ଜାଗାରେ କରୁଛୁ ନାଟ
କିପରି ପାଇବି ତୋହର ଭେଟ।

ନାଡିଡି, ତାଳଚେର, ଅନୁଗୋଳ
ମୋ: ୯୪୩୭୭୬୧୧୭୨

The Anuswaar
Monthly e-Magazine
Vol - 1/Issue-VI
February -2026

# ଅନୁସ୍ୱାର

## ମାସିକ ଇ-ପତ୍ରିକା

ଫେବୃୟାରୀ-୨୦୨୬



ସମ୍ପାଦନା : ସରୋଜ କୁମାର ଶତପଥୀ

Publisher :
Newtra Creations, Bhubaneswar
Contact Us : +91 9937128547 / Email : anuswaar.emagazine@gmail.com / Website : www.anuswaar.com